# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଜୁଲାଇ ୧୩/୨୦୨୧ (୧୨ ପୃଷ୍ଠା) | Dhenkanal, Tuesday, July 13/2021 | ★★★★★

୧୭ଶ ଭାଗ ୧୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଫିଟ୍‌ନେସ୍ ମୁଡ୍‌ରେ ୟାମି**

ବିବାହ ପରେ ଫିଲ୍ମ ଶୁଟିଂ ପାଇଁ ଫିଟ୍‌ନେସ୍ ମୁଡ୍‌କୁ ଫେରିଛନ୍ତି ଅଭିନେତ୍ରୀ ୟାମି ଗୌତମ। ୧୦

୧୨ **ଇଟାଲୀକୁ ଜିତାଇଲେ ଡୋନାରୁମା**

ପେନାଲ୍ଟି ଶୁଟ୍ ଆଉଟ୍‌ରେ ଚମତ୍କାର ସେଭ୍ କରି ଇଟାଲୀକୁ ୟୁରୋ କପ୍ ଫୁଟବଲ ଚାମ୍ପିୟନ କରାଇଛନ୍ତି ଗୋଲକିପର ଜିଆନ୍‌ଲୁଗି ଡୋନାରୁମା।





ଜନ୍ମବେଦି ଅଭିମୁଖେ ବାହାରିଥିବା ରଥାରୂଢ଼ ଦାରୁଦିଅଁ।

# ସଅଳ ପହଞ୍ଚିଲେ
## ଶରଧାବାଲିରେ ତିନିରଥ

### ଏଥର ବି ରଥ ଟାଣି ପାରିଲେନି ଭକ୍ତ
### ଆଜି ଜନ୍ମବେଦିକୁ ବିଜେ ହେବେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ ଅଫିସ,୧୨।୭

ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ପତିତଜନଙ୍କୁ ଉଦ୍ଧାର କରିବା ପାଇଁ ରତ୍ନବେଦିରୁ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ହେଲେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଥାରୂଢ଼ ମହାପ୍ରଭୁଙ୍କ ଏହି କମନୀୟ ମାନବୀୟ ଲୀଳାର ପ୍ରତ୍ୟକ୍ଷ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ଅଗଣିତ ଶ୍ରଦ୍ଧାଳୁ। ଘଣ୍ଟଘଣ୍ଟା, ଖୋଳତାଳ, ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ଭକ୍ତଶୂନ୍ୟ ବଡ଼ଦାଣ୍ଡରେ ସେବାୟତମାନେ ରଥ ଟାଣିଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ହେବା ଫଳରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସଅଳ ଓ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୩ରଥ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚିଛି।

ସୋମବାର ଭୋର ୫ଟା ୫୦ ମିନିଟ୍‌ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପୂଜା ଆରମ୍ଭ ହୋଇଥିଲା। ଏହାପରେ ୬ଟା ୧୦ରେ ରଥ ପ୍ରତିଷ୍ଠା, ୬ଟା ୨୫ରେ ସକାଳଧୂପ ଶେଷ, ୬ଟା ୫୫ରେ ଡୋରଲାଗି ଓ ୭ଟାରେ ମଙ୍ଗଳାର୍ପଣ ଶେଷ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ ସକାଳ ୮ଟା ୩୦ରେ ପରିବର୍ତ୍ତେ ୭ଟା ସୁଦ୍ଧା ପହଣ୍ଡି ଆରମ୍ଭ ହୋଇଯାଇଥିଲା। ପ୍ରଥମେ ଶ୍ରୀସୁଦର୍ଶନ, ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଧାଡ଼ି ପହଣ୍ଡି କରାଯାଇ ତିନି ରଥରେ ଅଧିଷ୍ଠିତ କରାଯାଇଥିଲା। ସକାଳ ୯ଟା ୪୦ ସୁଦ୍ଧା ପହଣ୍ଡି ସରିଥିଲା। ୯ଟା ୫୫ରେ ଚିତାଲାଗି ଶେଷ ଓ ୧୦ଟା ୧୦ରେ ମଦନମୋହନ, ରାମ ଓ କୃଷ୍ଣ ବିଜେ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିର ସମ୍ମୁଖ ରଥ ପାଖରେ ପହଞ୍ଚିଥିଲେ। ସେ ୬ଜଣ ଅନୁଗାମୀଙ୍କୁ ଧରି ରଥାରୂଢ଼ ଠାକୁରଙ୍କ ଦର୍ଶନ କରିଥିଲେ। ଶଙ୍କରାଚାର୍ଯ୍ୟ ଫେରିବା ପରେ ମହାରାଜା ଗଜପତି ଦିବ୍ୟସିଂହ ଦେବ ପାଲିଙ୍କିରେ ବସି ପହଞ୍ଚିଥିଲେ। ☞ପୃଷ୍ଠା-୪

# ପ୍ରକୃତିର ତାଣ୍ଡବ
## ହିମାଚଳପ୍ରଦେଶରେ ବର୍ଷା ବିଘାତ

- ବାଦଲଫଟା ବର୍ଷାରେ ଭାସିଗଲା ଘର, ଗାଡ଼ି
- ଭୂସ୍ଖଳନ, ଅନେକେ ନିଖୋଜ
- ଧର୍ମଶାଳା ବିମାନବନ୍ଦର ବନ୍ଦ
- ଉତ୍ତରାଖଣ୍ଡରେ ୩ ମୃତ

ଧର୍ମଶାଳା(ହିମାଚଳ ପ୍ରଦେଶ), ୧୨।୭

ଦକ୍ଷିଣ-ପଶ୍ଚିମ ମୌସୁମୀଜନିତ ବର୍ଷା ହିମାଚଳପ୍ରଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ରାଜ୍ୟର ଅନେକ ସ୍ଥାନରେ ରବିବାର ରାତିରେ ବାଦଲଫଟା ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ଉପୁଜିଛି। କାଙ୍ଗ୍ରା ଜିଲାରେ ଭୂସ୍ଖଳନ ଯୋଗୁ ବହୁ ଲୋକ ନିଖୋଜ ଥିବା ଜଣାପଡ଼ିଛି। ଜିଲାର ଅନେକ ଘର, ଗାଡ଼ି କାଗଜ ଭଳି ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ଧର୍ମଶାଳା ବିମାନବନ୍ଦରକୁ ବନ୍ଦ କରାଯିବା ସହ ପର୍ଯ୍ୟଟକ ସେଠାକୁ ନ ଯିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଧର୍ମଶାଳାର ଭାଗ୍‌ସୁନାଗରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ମାଞ୍ଜି ନଦୀରେ ଜଳସ୍ତର ବୃଦ୍ଧି ହୋଇଛି। ମୌସୁମୀ ଆସିବା ପରେ କୁଲୁ ଜିଲାରେ ପ୍ରଥମ ଥର ପାଇଁ ମୂଷଳଧାରାରେ ବର୍ଷା ହୋଇଛି। ଏଥିଯୋଗୁ ୧୫ରୁ ଉର୍ଦ୍ଧ୍ୱ ରାସ୍ତାରେ ଭୂସ୍ଖଳନ ଯୋଗୁ ଯାତାୟାତ ବନ୍ଦ ହୋଇଯାଇଛି।

ବନ୍ୟାବେଳର ବହୁ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଇଛି, ଯେଉଁଥିରେ ଅନେକ କାର୍, ବାଇକ୍ ସହ କେତେକ ଘର ପାଣିରେ ଭାସିଯାଉଥିବା ଦେଖିବାକୁ ମିଳିଛି। ବହୁ ସ୍କୁଲ ଘର, ହୋଟେଲ ଆଦି କ୍ଷତିଗ୍ରସ୍ତ ହୋଇଛି। ଧର୍ମଶାଳାର ୧୦ରୁ ଉର୍ଦ୍ଧ୍ୱ ଦୋକାନ ଘର ଭାଙ୍ଗିରୁଜି ଯାଇଛି। ମଣ୍ଡି-ପଠାନ୍‌କୋଟ ରାଜପଥକୁ ଯୋଡୁଥିବା ଏକ ବ୍ରିଜ୍ କ୍ଷତିଗ୍ରସ୍ତ ହୋଇଥିବାରୁ ସେଠାରେ ଯାତାୟାତ ବନ୍ଦ ରହିଛି। ଶିମ୍‌ଲାର ରାମପୁର ଅଞ୍ଚଳରେ ଝାକରି ଜାତୀୟ ରାଜପଥରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି। ହିମାଚଳ ପ୍ରଦେଶରେ ୧୨ ଓ ୧୩ ତାରିଖରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ନଦୀ ପାଖ ବା ଭୂସ୍ଖଳନପ୍ରବଣ ଅଞ୍ଚଳକୁ ନ ଯିବାକୁ ସତର୍କ କରାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବର୍ଷା ଓ ବନ୍ୟା ପରିସ୍ଥିତି ସମ୍ପର୍କରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ସହ ସୋମବାର କଥା ହୋଇଛନ୍ତି। ଘଟଣା ଉପରେ ନଜର ରଖି ସବୁପ୍ରକାର ପଦକ୍ଷେପ ନେବାକୁ ଶାହା ପରାମର୍ଶ ଦେବା ସହ କେନ୍ଦ୍ର ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଅନେକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟ ତ୍ୱରିତ କରି ଲୋକଙ୍କୁ ରିଲିଫ୍ ବଣ୍ଟନ କରିବାକୁ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରାଖଣ୍ଡ ସମେତ ଜମ୍ମୁ-କଶ୍ମୀରରେ ମଧ୍ୟ ମୂଷଳଧାରାରେ ବର୍ଷା ହୋଇଛି। ଭୂସ୍ଖଳନ ଯୋଗୁ ଚାମୋଲି ନିକଟ ଋଷିକେଶ-ବଦ୍ରିନାଥ ଜାତୀୟ ରାଜପଥରେ ଯାତାୟାତ ବନ୍ଦ ହୋଇଯାଇଛି। ଉତ୍ତରାଖଣ୍ଡର ଏକ ଗ୍ରାମରେ ଘର କାନ୍ଥ ପଡ଼ି ଜଣେ ୮ ବର୍ଷର ବାଳକଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି।

# ବଜ୍ରପାତ: ୬୮ ମୃତ



- ସେଲ୍ଫି ନେବାବେଳେ ୱାଚ୍‌ଟାୱାର୍‌ରୁ ଖସି ୧୧ ଜୀବନ ଗଲା
- ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କଲେ ମୋଦି

ନୂଆଦିଲ୍ଲୀ, ୧୨।୭

ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୬୮ ଜଣଙ୍କ ଜୀବନ ଯାଇଛି। ମୌସୁମୀ ବର୍ଷା ସାଙ୍ଗକୁ ପ୍ରବଳ ବଜ୍ରପାତ ହେବାରୁ ଉତ୍ତରପ୍ରଦେଶରେ ସର୍ବାଧିକ ୪୧ ଜଣ ପ୍ରାଣ ହରାଇଛନ୍ତି। ସେହିପରି ମଧ୍ୟପ୍ରଦେଶରେ ୭ ଏବଂ ରାଜସ୍ଥାନରେ ୭ ଶିଶୁଙ୍କ ସମେତ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଜୟପୁର ନିକଟବର୍ତ୍ତୀ ଆମେର ଫର୍ଟ ନିକଟରେ ସେଲ୍ଫି ନେଉଥିଲାବେଳେ ବଜ୍ରପାତ ହେବାରୁ ୧୧ ଜଣଙ୍କ ଜୀବନ ଯାଇଛି। ଏହା ବ୍ୟତୀତ ୩ ରାଜ୍ୟରେ ୪୦ରୁ ଉର୍ଦ୍ଧ୍ୱ ଲୋକ ☞ପୃଷ୍ଠା-୪

# ପୃଥିବୀମୁହାଁ ସୌରଝଡ଼

- ଘଣ୍ଟା ପ୍ରତି ବେଗ ୧୬ ଲକ୍ଷ କି.ମି.
- ଆଜି ଯେକୌଣସି ସମୟରେ ମାଡ଼ ହୋଇପାରେ
- ଜିପିଏସ୍, ବିଦ୍ୟୁତ୍, ଇଣ୍ଟରନେଟ୍, ସାଟେଲାଇଟ୍ ପ୍ରଭାବିତ ଆଶଙ୍କା

ନୂଆଦିଲ୍ଲୀ, ୧୨।୭

ଏକ ଶକ୍ତିଶାଳୀ ସୌର ଝଡ଼ ଦ୍ରୁତ ବେଗରେ ପୃଥିବୀ ଆଡେ ମାଡ଼ିଆସୁଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଯେକୌଣସି ସମୟରେ ପୃଥିବୀକୁ ମାଡ଼ କରିବା ଆକଳନ କରାଯାଉଛି। ଏହାର ପ୍ରଭାବରେ ସାଟେଲାଇଟ୍, ଜିପିଏସ୍ ନାଭିଗେଶନ, ମୋବାଇଲ୍ ଫୋନ୍ ସିଗ୍‌ନାଲ ଏବଂ ସାଟେଲାଇଟ୍ ଟିଭି ପ୍ରଭାବିତ ହେବା ସହ ବିଦ୍ୟୁତ ସରବରାହ କିଛି ସମୟ ପାଇଁ ପ୍ରଭାବିତ ହୋଇପାରେ। ଅତ୍ୟନ୍ତ ଦ୍ରୁତ ବେଗରେ ଆସୁଥିବା ସୌର ବାୟୁ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରିବା ସମ୍ଭାବନା ଥିବା ଆମେରିକା ମହାକାଶ ସଂସ୍ଥା ନାସା ପକ୍ଷରୁ କୁହାଯାଇଛି। ଜୁଲାଇ ୩ରେ ସୂର୍ଯ୍ୟର ଦକ୍ଷିଣ ଭାଗରେ ଏକ ବିସ୍ଫୋରଣ ହୋଇଥିଲା, ଯେଉଁ କାରଣରୁ ସୋଲାର ଫ୍ଲେୟାର ବା ସୌର କିରଣ ତୀବ୍ର ଗତିରେ ପୃଥିବୀ ଆଡେ ଆସୁଛି। ନାସାର ଆକଳନ ଅନୁଯାୟୀ ସୌର ଝଡ଼ ଘଣ୍ଟାପ୍ରତି ୧୬ ଲକ୍ଷ କିଲୋମିଟର ବେଗରେ ଆସୁଛି ଏବଂ ପୃଥିବୀ ନିକଟବର୍ତ୍ତୀ ହେବା ବେଳକୁ ବେଗ ଆହୁରି ବଢ଼ିପାରେ। ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ପ୍ରବେଶ କରିବା ପରେ ସାଟେଲାଇଟ୍



ସିଗ୍‌ନାଲ ପ୍ରଭାବିତ ହେବ। ଫଳରେ ଜିପିଏସ୍ ନେଭିଗେଶନ, ମୋବାଇଲ୍ ଫୋନ୍ ସିଗ୍‌ନାଲ ଏବଂ ସାଟେଲାଇଟ ଟିଭି ନେଟ୍‌ୱର୍କରେ ସମସ୍ୟା ଦେଖାଦେବ ବୋଲି କୁହାଯାଇଛି। ପୃଥିବୀର ମ୍ୟାଗନେଟୋସ୍ପିୟରରେ ଭୂଚୁମ୍ବକୀୟ ଝଡ଼ ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ସୌର ଝଡ଼ ଯୋଗୁ ପୃଥିବୀର ବାହ୍ୟ ବାୟୁମଣ୍ଡଳ ଗରମ ହୋଇପାରେ। ଏହାର ସିଧା ପ୍ରଭାବ ବିଭିନ୍ନ ଦେଶ ମହାକାଶକୁ ପଠାଇଥିବା ସାଟେଲାଇଟ୍ ଉପରେ ପଡ଼ିବ। ଫଳରେ ଜିପିଏସ୍ ସହାୟତାରେ ଚାଲୁଥିବା ବିମାନ, ଜାହାଜ, ମୋବାଇଲ ଫୋନ୍ ଆଦି କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ସ୍ପେସ୍ ୱେଦର ଡଟ୍ କମ୍ ପକ୍ଷରୁ କୁହାଯାଇଛି।

ଏହି ସୌରଝଡ଼ ସମ୍ପର୍କରେ ଭୁବନେଶ୍ୱର ପଠାଣୀ ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି ଯେ ଏହା ଏକ ବିଦ୍ୟୁତ୍ ଚୁମ୍ବକୀୟ ଝଡ଼। ସୂର୍ଯ୍ୟରୁ କିଛି କଣିକା ଆସିଛି। ଯେଉଁଠି ଚୁମ୍ବକୀୟ କ୍ଷେତ୍ର ବ୍ୟବହାର କରାଯାଉଛି, ସେଠାରେ ପ୍ରଭାବ ପଡ଼ିବ। ହୁଏତ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇପାରେ, ଯୋଗାଯୋଗ ବିଚ୍ଛିନ୍ନ ହୋଇପାରେ। କିନ୍ତୁ ସେଭଳି କୌଣସି ବଡ଼ଧରଣର ଆଶଙ୍କା ନାହିଁ। ମଣିଷ କିମ୍ବା ଜୀବଜନ୍ତୁଙ୍କ ଉପରେ ମଧ୍ୟ ପ୍ରଭାବ ପଡ଼ିବ ନାହିଁ। ତେଣୁ ଲୋକମାନେ ଏଥିପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଉତ୍ତର ଓ ଦକ୍ଷିଣ ଅଞ୍ଚଳର ବାୟୁମଣ୍ଡଳରେ ଏକ ପ୍ରକ୍ରିୟା ସୃଷ୍ଟି ହେବ। ଏକ ରଙ୍ଗିନ ଆକାଶ ଦେଖାଯିବ।

## ବ୍ରହ୍ମୋସର ପରୀକ୍ଷଣ

**ବାଲେଶ୍ୱର ଅଫିସ,୧୨।୭:** ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା) ପକ୍ଷରୁ ସୋମବାର ସୁପରସୋନିକ କ୍ରୁଜ୍ ମିଶାଇଲ ବ୍ରହ୍ମୋସର ସଫଳ ପରୀକ୍ଷଣ ହୋଇଛି। ପୂର୍ବାହ୍ନ ପ୍ରାୟ ୧୦ଟା ୧୫ ମିନିଟ୍‌ରେ ୩ନଂ. ଲଞ୍ଚପ୍ୟାଡ୍‌ରୁ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା। ଶବ୍ଦର ବେଗଠାରୁ ୩ ଗୁଣ ଅଧିକ ବେଗରେ ଗତି କରିପାରୁଥିବା ଏହି କ୍ଷେପଣାସ୍ତ୍ରରେ ଦୁଇ ଷ୍ଟେଜ ବିଶିଷ୍ଟ ଇଞ୍ଜିନ ବ୍ୟବହାର କରାଯାଇଛି। ୩ହଜାର କିଲୋଗ୍ରାମ୍ ପର୍ଯ୍ୟନ୍ତ ଉଭୟ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କ୍ଷମତା ରଖିଥିବା ଏହି କ୍ଷେପଣାସ୍ତ୍ର ସ୍ଥଳଭାଗରୁ ୪୫୦ରୁ ୬୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବ୍ୟକ୍ତିଗତ ଆଇନ**

# ସେପ୍ଟେମ୍ବର ୧୨ରେ ଏନ୍‌ଇଇଟି(ୟୁଜି) ପରୀକ୍ଷା

ଭୁବନେଶ୍ୱର,୧୨।୭(ବ୍ୟୁରୋ)

**ଆଜିଠୁ ଆବେଦନ**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି(ୟୁଜି) ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୧୨ରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଅପରାହ୍ନ ୫ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସୂଚନା ଦେଇଛନ୍ତି। କୋଭିଡ୍ ନିୟମକୁ ପାଳନ କରି ସାରା ଦେଶରେ ଏହି ପରୀକ୍ଷା କରାଯିବ। ସାମାଜିକ ଦୂରତାକୁ ସୁନିଶ୍ଚିତ କରିବା ପାଇଁ ପରୀକ୍ଷା ହେବାକୁ ଥିବା ସହର ସଂଖ୍ୟା ୧୫୫ରୁ ୧୯୮କୁ ବୃଦ୍ଧି କରାଯାଇଛି। ଗତବର୍ଷ ୩ ହଜାର ୮୬୨ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ। ସମସ୍ତ ପରୀକ୍ଷାର୍ଥୀଙ୍କୁ ମାସ୍କ ପ୍ରଦାନ କରାଯିବ। ପରୀକ୍ଷାର୍ଥୀଙ୍କ ପ୍ରବେଶ ଓ ପ୍ରସ୍ଥାନ ସମୟରେ ସମୟ ନିର୍ଦ୍ଧାରଣ କରାଯିବା ସହ କଣ୍ଟାକ୍ଟଲେସ୍ ପଞ୍ଜୀକରଣ, ପରୀକ୍ଷା କେନ୍ଦ୍ରର ସାନିଟାଇଜେଶନ ଓ ପରୀକ୍ଷା ହଲରେ ସାମାଜିକ ଦୂରତା ରକ୍ଷା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ପରୀକ୍ଷା ପୂର୍ବରୁ ଏବଂ ପରେ ପରୀକ୍ଷା କେନ୍ଦ୍ରକୁ ସାନିଟାଇଜ୍ କରାଯିବା ନେଇ ମଧ୍ୟ ନିଷ୍ପତି ହୋଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅଗଷ୍ଟ ୧ରେ ଏହି ପରୀକ୍ଷା କରିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା।





# ପେଟ୍ରୋଲ ବଢ଼ିଲା, ଡିଜେଲ କମିଲା



ଭୁବନେଶ୍ୱର/ନୂଆଦିଲ୍ଲୀ,୧୨।୭

ଦିନକର ବିରତି ପରେ ପୁଣି ଥରେ ପେଟ୍ରୋଲ ଦର ବୃଦ୍ଧି ପାଇଥିବା ବେଳେ ୮୮ ଦିନ ପରେ ପ୍ରଥମ ଥର ପାଇଁ ଡିଜେଲ ମୂଲ୍ୟ ହ୍ରାସ ପାଇଛି। ଏପ୍ରିଲ ୧୫ରେ ଶେଷ ଥର ପାଇଁ ଉଭୟ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇଥିଲା। ଦେଶର ୪ ପ୍ରମୁଖ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ୧୫ରୁ ମେ’୩ ପର୍ଯ୍ୟନ୍ତ ତୈଳ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ନିର୍ବାଚନ ଫଳାଫଳ ☞ପୃଷ୍ଠା-୪



ତାମିଲ ସୁପରଷ୍ଟାର ରଜନୀକାନ୍ତ(୭୦) ରାଜନୀତି କରିବେନି ବୋଲି ସୋମବାର ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ମାସାଧିକକାଳ ରାଜନୀତିରୁ ଦୂରରେ ଥିବା ରଜନୀ ୨୦୧୮ ରେ ଗଢ଼ିଥିବା ମକ୍କଲ ମନ୍ଦରମ୍ ଦଳକୁ ଭାଙ୍ଗି ଦେଇଛନ୍ତି। ଭବିଷ୍ୟତରେ ରାଜନୀତି କରିବାର କୌଣସି ଯୋଜନା ନାହିଁ। ତାଙ୍କ ସଂଗଠନ ନାଁ ରଜନୀକାନ୍ତ ରସିଗର ନରପାନି ମନ୍ଦରମ୍ ବା ରଜନୀକାନ୍ତ ଫ୍ୟାନ୍ସ ୱେଲଫେୟାର ଫୋରମ୍ ରହିବ। ଲୋକଙ୍କ ପାଇଁ ଏହି ସଂଗଠନ କାମ ଜାରି ରଖିବ ବୋଲି ସେ କହିଛନ୍ତି।

## ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା



ପ୍ରବଳ ବର୍ଷା ଯୋଗୁ ଧର୍ମଶାଳାରେ ଥିବା ଏକ ଘରର କିଛି ଅଂଶ ଧୋଇଯାଇଛି।



କୁଲୁ ଜିଲାର ବଜାଉରାଠାରେ ପୋତି ହୋଇପଡ଼ିଥିବା ଏକ କାର୍‌କୁ ଲୋକେ ବାହାର କରୁଛନ୍ତି।



କୁଲୁ ଜିଲା ଅନ୍ତର୍ଗତ ବ୍ୟାସ ନଦୀରେ ବନ୍ୟାଜଳ।

## ସଂକ୍ଷେପରେ

### ଆଜି ୮ ମୁଖ୍ୟମନ୍ତ୍ରୀଙ୍କ ସହ ମୋଦିଙ୍କ ବୈଠକ

**ନୂଆଦିଲ୍ଲୀ, ୧୨।୭(ପି.ଟି.):** ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ କରୋନା ସଂକ୍ରମଣ ବଢ଼ୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉକ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ କୋଭିଡ୍-୧୯ ସ୍ଥିତି ସମ୍ପର୍କରେ ଆଲୋଚନା କରିବେ। ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଆସାମ, ନାଗାଲାଣ୍ଡ, ତ୍ରିପୁରା, ସିକିମ, ମଣିପୁର, ମେଘାଳୟ, ଅରୁଣାଚଳପ୍ରଦେଶ ଏବଂ ମିଜୋରାମ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଦେଶର ଅଧିକାଂଶ ଅଞ୍ଚଳରେ କରୋନା ସଂକ୍ରମଣ ହ୍ରାସ ପାଉଥିଲାବେଳେ ଉତ୍ତରପୂର୍ବାଞ୍ଚଳରେ ଏହା ବଢ଼ୁଥିବାରୁ ଚିନ୍ତାର କାରଣ ପାଲଟିଛି।

### ମୌସୁମୀ ଅଧିବେଶନ: ଆର୍‌ଟି-ପିସିଆର୍ ପରୀକ୍ଷା ବାଧ୍ୟତାମୂଳକ ନୁହେଁ

**ନୂଆଦିଲ୍ଲୀ, ୧୨।୭:** ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏମ୍‌ପି ଏବଂ ଖବରଦାତାମାନଙ୍କ ପାଇଁ ଆର୍‌ଟି-ପିସିଆର୍ ପରୀକ୍ଷା ବାଧ୍ୟତାମୂଳକ ନୁହେଁ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଉଭୟ ଲୋକ ସଭା ଓ ରାଜ୍ୟ ସଭା ଅଧିବେଶନ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୧୯ କାର୍ଯ୍ୟଦିବସ ରହିବ। ମହାମାରୀ ସମୟରେ ଅଧିବେଶନ ହେଉଥିବାରୁ କୋଭିଡ୍‌ର ସମସ୍ତ ନିୟମ ଓ କଟକଣା ମାନିବାକୁ ହେବ ବୋଲି ବିର୍ଲା କହିଛନ୍ତି। ପାର୍ଲାମେଣ୍ଟର ଅଧିକାଂଶ ସଦସ୍ୟ କୋଭିଡ୍-୧୯ ଟିକାର ଅନ୍ୟୂନ ଗୋଟିଏ ଡୋଜ୍ ନେଇସାରିଛନ୍ତି। ୩୨୩ ଜଣ ଉଭୟ ଡୋଜ୍ ନେଇଥିବାବେଳେ ସ୍ୱାସ୍ଥ୍ୟଗତ କାରଣରୁ ୨୩ ଜଣ ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି। ଯେଉଁମାନେ ଟିକା ନେଇନାହାନ୍ତି, ସେମାନଙ୍କୁ କୋଭିଡ୍ ପରୀକ୍ଷା କରିବା ପାଇଁ ଅନୁରୋଧ କରାଯିବ। ବାଚସ୍ପତି ଆଗାମୀ ସଂସଦୀୟ ଅଧିବେଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଥିଲେ।

### ମୁକ୍ତ, ଅବାଧ ଇଣ୍ଟରନେଟ ଆକ୍ରମଣର ସମ୍ମୁଖୀନ: ପିଚାଇ

**ନୂଆଦିଲ୍ଲୀ, ୧୨।୭:** ମୁକ୍ତ ଓ ଅବାଧ ଇଣ୍ଟରନେଟ ବିଭିନ୍ନ ଦେଶରେ ଆକ୍ରମଣର ସମ୍ମୁଖୀନ ହୋଇଥିବା ଗୁଗଲ୍ ସିଇଓ ସୁନ୍ଦର ପିଚାଇ କହିଛନ୍ତି। ଅଧିକାଂଶ ଦେଶ ତଥ୍ୟ ପ୍ରବାହ ଧାରା ଉପରେ କଟକଣା ଲଗାଇଛନ୍ତି ବା ଲଗାଇବାକୁ ଉଦ୍ୟମ କରୁଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ, ଓଟିଟି ୱେବ୍‌ସାଇଟ ଏବଂ ସର୍ଚ୍ଚ ଇଞ୍ଜିନ୍‌ଗୁଡ଼ିକ ଭାରତର ନୂଆ ଆଇଟି ନିୟମାବଳୀକୁ ନେଇ ଅଡୁଆରେ ପଡ଼ିଥିବାବେଳେ ପିଚାଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଭଲ ପାଇଁ ମୁକ୍ତ ଓ ଅବାଧ ଇଣ୍ଟରନେଟ ଏକ ବିଶାଳ ଶକ୍ତି ବୋଲି ସେ ବିବେଚନା କରୁଥିଲେ ଏବଂ ଏହାକୁ ଏକ ପ୍ରାପ୍ୟ ଭାବେ ଧରିନେଇଥିଲେ। ତେବେ ଅନ୍‌ଲାଇନ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ଆଇନ ଆଣୁଥିବାରୁ ଉକ୍ତ ଧାରଣା ବଦଳିଯାଇଛି। କେଉଁ ଉକ୍ତି ଠିକ୍ ଏବଂ କାହାକୁ ଅନୁମତି ଦିଆଯିବା ଉଚିତ ତାହା ଉପରେ ବିଭିନ୍ନ ଦେଶରେ ବିତର୍କ ଦେଖାଦେଇଛି। ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଓ ମୂଲ୍ୟବୋଧ ଥିବା ଦେଶଗୁଡ଼ିକ ଇଣ୍ଟରନେଟର ସମ୍ଭାବିତ ବିଖଣ୍ଡନ ବିରୋଧରେ ସ୍ୱର ଉଠାଇବାକୁ ଗୁଗଲ୍ ମୁଖ୍ୟ ଆହ୍ୱାନ ଦେଇଛନ୍ତି।



ସୁନ୍ଦର ପିଚାଇ

# ଭାରତରେ ତୃତୀୟ ଲହର

### ସତର୍କ ରହିବାକୁ ଆଇଏମ୍‌ଏର ପରାମର୍ଶ

**ହାଇଦ୍ରାବାଦ, ୧୨।୭**

ଜୁଲାଇ ୪ରୁ ଭାରତରେ କୋଭିଡ୍-୧୯ର ତୃତୀୟ ଲହର ଆରମ୍ଭ ହୋଇଥିବା ଭଳି ମନେ ହେଉଥିବା ହାଇଦ୍ରାବାଦର ଜଣେ ଗବେଷକ ସୂଚନା ଦେଇଛନ୍ତି। ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦର ପୂର୍ବତନ ପ୍ରୋ-ଭାଇସ୍‌ଚାନ୍‌ସେଲର ତଥା ଖ୍ୟାତନାମା ପଦାର୍ଥ ବିଜ୍ଞାନୀ ଡ. ବିପିନ ଶ୍ରୀବାସ୍ତବ ୧୫ ମାସ ହେଲା ସଂକ୍ରମଣ ଓ ମୃତ୍ୟୁ ହାର୍‌କୁ ନେଇ ଅନୁଧ୍ୟାନ ଚଳାଇଛନ୍ତି। ତାଙ୍କ କହିବା ଅନୁଯାୟୀ ଜୁଲାଇ ୪ରୁ ନୂଆ ସଂକ୍ରମଣ ଓ ମୃତ୍ୟୁର ପାଟର୍ନକୁ ଦେଖିଲେ ଏହା ୨୦୨୧ ଫେବୃୟାରୀ ପ୍ରଥମ ସପ୍ତାହର ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ଅନୁରୂପ। କୋଭିଡ୍-୧୯ର ଦ୍ୱିତୀୟ ଲହର ଏପ୍ରିଲ୍ ଶେଷ ଭାଗରେ ଶୀର୍ଷ ଛୁଇଁଥିଲା। ଏବେ ଲୋକେ ଯଦି ସାମାଜିକ ଦୂରତ୍ୱ, ସାନିଟାଇଜେଶନ, ମାସ୍କ ପିନ୍ଧିବା ଏବଂ ଟିକାକରଣ ଆଦି କୋଭିଡ୍ ନିୟମାବଳୀ ପାଳନ ନ କରନ୍ତି, ତେବେ ତୃତୀୟ ଲହର ଖୁବ୍‌ଶୀଘ୍ର ସର୍ବୋଚ୍ଚ ସ୍ତରରେ ପହଞ୍ଚିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ୪୬୧ ଦିନ ହେଲା ଡ. ଶ୍ରୀବାସ୍ତବ କରୋନାର ଦୈନିକ ସଂକ୍ରମଣକୁ ନେଇ ଏକ ଗ୍ରାଫ୍ ପ୍ରସ୍ତୁତ କରିଛନ୍ତି।

ଅନ୍ୟପକ୍ଷରେ ତୃତୀୟ ଲହର ଖୁବ୍‌ଶୀଘ୍ର ବୋଲି ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ସୋମବାର ସତର୍କ କରାଇଦେଇଛି। ସେଥିପାଇଁ କୋଭିଡ୍ କଟକଣା କୋହଳ ନ କରିବାକୁ ଆଇଏମ୍‌ଏ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଅନୁରୋଧ କରିଛି। ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍ କଟକଣା କୋହଳ କରାଯିବା ସହ ଜନସାଧାରଣ ବେପରୁଆ ହୋଇପଡୁଥିବାରୁ ଆଇଏମ୍‌ଏ ଉଦ୍‌ବେଗ ପ୍ରକାଶ କରିଛି। ମହାମାରୀର ତୃତୀୟ ଲହରକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ପର୍ଯ୍ୟଟନ, ଧର୍ମୀୟ କାର୍ଯ୍ୟକ୍ରମ ଆଦି ସବୁ ଆବଶ୍ୟକ, ହେଲେ ଏଥିପାଇଁ ଆଉ କିଛି ମାସ ଅପେକ୍ଷା କରିବାକୁ ହେବ ବୋଲି ଡାକ୍ତରମାନଙ୍କ ସଂଗଠନ କହିଛି।



ସାମାଜିକ ଦୂରତ୍ୱ କଟକଣା ଭୁଲିଗଲେଣି ଲୋକେ। ସୋମବାର ଆଗ୍ରାର ଏକ ମେଳାରେ ପ୍ରବଳ ଗହଳି।

### ମୁକାବିଲା ପାଇଁ କେନ୍ଦ୍ରର ଯୋଜନା

**ନୂଆଦିଲ୍ଲୀ, ୧୨।୭(ପି.ଟି.)**

କୋଭିଡ୍-୧୯ର ଦ୍ୱିତୀୟ ଲହର ବେଳେ ଅନେକ ଲୋକ ହସ୍ପିଟାଲରେ ଅକ୍ସିଜେନ୍, ବେଡ୍ ଏବଂ ଔଷଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆଗାମୀ ଦିନରେ ଏଭଳି ସ୍ୱାସ୍ଥ୍ୟ ସଙ୍କଟ ଯେପରି ଦେଖା ନ ଯାଏ ସେଥିପାଇଁ ଭାରତର ସ୍ୱାସ୍ଥ୍ୟସେବା ସେକ୍ଟରର ବିକାଶ ଲାଗି କେନ୍ଦ୍ର ସରକାର ୬ ମାସିଆ ସାମର୍ଥ୍ୟ ବିକାଶ ଯୋଜନା ଉପରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିପାଇଁ ନିକଟରେ କେନ୍ଦ୍ର କ୍ୟାବିନେଟ ୨୩,୦୦୦ କୋଟି ଟଙ୍କାର କୋଭିଡ୍-୧୯ ପ୍ୟାକେଜ୍‌କୁ ମଞ୍ଜୁରୀ ପ୍ରଦାନ କରିଥିଲା। ଉକ୍ତ ପାଣ୍ଠିରେ ସମସ୍ତ ହସ୍ପିଟାଲରେ ଶିଶୁମାନଙ୍କ ପାଇଁ ପେଡିଆଟ୍ରିକ୍ କେୟାର ସମେତ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ସୋମବାର କହିଛନ୍ତି। ଭାବନଗରଠାରେ ଥିବା ସାର୍ ତଖତସିଂଜୀ ହସ୍ପିଟାଲରେ ଦୁଇଟି ୧୦୦୦ ଏଲ୍‌ପିଏମ୍ କ୍ଷମତା ବିଶିଷ୍ଟ ଅକ୍ସିଜେନ୍ ପ୍ଲାଣ୍ଟକୁ ଭର୍ଚୁଆଲି ଉଦ୍‌ଘାଟନ କରିବା ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଉପରୋକ୍ତ ସୂଚନା ଦେଇଛନ୍ତି। ବର୍ଷ ଶେଷ ସୁଦ୍ଧା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ସଙ୍କଟ ଦୂର କରିବାକୁ କେନ୍ଦ୍ର ଚାହୁଁଛି। ଯୋଜନା ଅନୁଯାୟୀ କୋଭିଡ୍ ତୃତୀୟ ଲହରକୁ ଆଖି ଆଗରେ ରଖି ଜରୁରୀ ମେଡିକାଲ ଉପକରଣ କିଣିବା ନିମନ୍ତେ ଦେଶର ସମସ୍ତ ଜିଲାକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦିଆଯିବ। ମୁଖ୍ୟତଃ ଅକ୍ସିଜେନ୍ ଯୋଗାଣ, ହସ୍ପିଟାଲ ବେଡ୍, ଔଷଧ ଏବଂ ଜରୁରୀ ମେଡିକାଲ ଉପକରଣ କିଣା ଉପରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ମନ୍ତ୍ରୀ କହିଛନ୍ତି।

## ନେପାଳ ପାର୍ଲାମେଣ୍ଟ କାଏମ

**କାଠମାଣ୍ଡୁ, ୧୨।୭(ଆଇଏଏନ୍‌ଏସ୍)**

ଏକ ନାଟକୀୟ ଘଟଣାକ୍ରମରେ ନେପାଳ ସୁପ୍ରିମକୋର୍ଟ ସୋମବାର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ପାର୍ଲାମେଣ୍ଟ ଭଙ୍ଗ ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି। ପାର୍ଲାମେଣ୍ଟକୁ ପୁନଃ ସ୍ଥାପିତ କରିବା ଲାଗି ସର୍ବୋଚ୍ଚ ଅଦାଲତ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିବା ସହ ବିରୋଧୀ ଦଳ ନେପାଳୀ କଂଗ୍ରେସ ଅଧ୍ୟକ୍ଷ ଶେର୍ ବାହାଦୁର ଦେଉବାଙ୍କୁ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବା ଲାଗି ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଚୋଳେନ୍ଦ୍ର ଶମ୍‌ଶେର ରାଣାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଦେଇଥିବା ରାୟ ଅନୁଯାୟୀ ଓଲିଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ପ୍ରତିନିଧି ସଭା ଭଙ୍ଗ କରିବା ଅସାମ୍ବିଧାନିକ କାର୍ଯ୍ୟ। ମେ' ୨୪ରେ ନିର୍ବାଚନୀ ପ୍ରକ୍ରିୟାରେ ସଂଖ୍ୟାଗରିଷ୍ଠତା ଦେଖାଇଥିବା ଦେଉବାଙ୍କୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ଖଣ୍ଡପୀଠ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଶେର୍ ବାହାଦୁର ଦେଉବା

**ଦେଉବାଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

## ୪୦ ତାଲିବାନ ଆତଙ୍କବାଦୀ ନିହତ

**କାବୁଲ, ୧୨।୭(ଆଇଏଏନ୍‌ଏସ୍)**

ଆଫଗାନିସ୍ତାନ ବାୟୁସେନା ବିମାନରୁ ହୋଇଥିବା ଆକ୍ରମଣରେ ୪୦ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ହେଲମଣ୍ଡ ପ୍ରଦେଶର ଗାର୍ମସେର ଜିଲାରେ ଥିବା ତାଲିବାନ ଆଡ୍ଡା ଉପରେ ବୋମାମାଡ଼ କରାଯିବାରୁ ୧୪ ଆତଙ୍କବାଦୀ ନିହତ ହେବା ସହ ୨ ଜଣ ଆହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ତାଲିବାନ ସାରା କେଟାର ଉପକମାଣ୍ଡର ମାଲାୱି ହିଜ୍‌ରତ ରହିଛନ୍ତି। ସେହିପରି ନିମ୍ରୋଜ ପ୍ରଦେଶର ଦିଲାରାମ ଜିଲାରେ ବାୟୁସେନା ଆକ୍ରମଣରେ ୨୦ ଆତଙ୍କବାଦୀ ନିହତ ହେବା ସହ ୩୫ ଆହତ ହୋଇଛନ୍ତି। ଏହା ବ୍ୟତୀତ କାପିସା ପ୍ରଦେଶର ତାଗାବ ଜିଲାରେ ୬ ଆତଙ୍କବାଦୀ ପ୍ରାଣ ହରାଇବା ସହ ୫ ଜଣ ନିହତ ହୋଇଛନ୍ତି।

## ଡେମ୍‌ଚୁକ୍‌ରେ ଚାଇନା ସୈନ୍ୟ

**ଶ୍ରୀନଗର, ୧୨।୭**

ଲଦାଖର ଡେମଚୁକ୍ ଅଞ୍ଚଳ ଅନ୍ତର୍ଗତ ସିନ୍ଧୁନଦୀ ଅପରପାର୍ଶ୍ୱରେ ଅବସ୍ଥିତ କେତେକ ଭାରତୀୟ ଗ୍ରାମରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମଦିନ ପାଳନ କରାଯାଉଥିବାବେଳେ ଚାଇନା ସୈନ୍ୟ ଓ ନାଗରିକମାନେ ୫ଟି ଗାଡ଼ିରେ ଆସି ଏହାକୁ ବିରୋଧ କରିଥିଲେ। ଉକ୍ତ ଗାଡ଼ିରେ ଚାଇନା ପତାକା ଓ ଦଲାଇଲାମା ବିରୋଧୀ ବ୍ୟାନର ଲାଗିଥିଲା। ଏହି ଘଟଣା ଜୁଲାଇ ୬ ତାରିଖରେ ଘଟିଛି।

ଦଲାଇଲାମାଙ୍କ ୮୬ତମ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମହାମାରୀ ସଙ୍କଟ ଟଳିବା ପରେ ଦଲାଇଲାମା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ଆଶା କରାଯାଉଛି ବୋଲି ତିବ୍ବତର ନିର୍ବାସିତ ସରକାରର ରାଷ୍ଟ୍ରପତି ପେନ୍‌ପା ସେରିଙ୍ଗ ସୂଚନା ଦେଇଥିଲେ। ତିବ୍ବତ ସମ୍ପର୍କରେ ମୋଦିଙ୍କ ଟୁଇଟ୍ ବେଜିଂ ପାଇଁ ଶକ୍ତ ବାର୍ତ୍ତା ଥିଲା। ସେହିପରି ନିକଟରେ ଚାଇନା କମ୍ୟୁନିଷ୍ଟ ପାର୍ଟି ଶତବାର୍ଷିକୀ ପାଳନ କରିଥିବାବେଳେ ଭାରତ ସରକାର ବେଜିଂକୁ ଶୁଭେଚ୍ଛା ଜଣାଇ ନ ଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ୍-ମେ'ରୁ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଛି। ବହୁ ପର୍ଯ୍ୟାୟ ଆଲୋଚନା ପରେ ଉଭୟ ପକ୍ଷ କେତେକ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର କରିନେଇଛନ୍ତି। ତଥାପି ହଟ୍ ସ୍ପ୍ରିଙ୍ଗ୍‌ସ- ଗୋଗ୍ରା ହାଇଟ୍ସ ଆଦି ଫ୍ରିକ୍ସନ ପଏଣ୍ଟଗୁଡ଼ିକରେ ଉତ୍ତେଜନା ହ୍ରାସ ଲାଗି ଏପର୍ଯ୍ୟନ୍ତ ସମାଧାନ ସୂତ୍ର ବାହାରିପାରି ନାହିଁ।



ଦଲାଇଲାମାଙ୍କ ଜନ୍ମଦିନ ପାଳନକୁ ବିରୋଧ

# ବଢ଼ୁଛି ବଜ୍ରପାତ ବିପଦ

**ନୂଆଦିଲ୍ଲୀ, ୧୨।୭**

- ବର୍ଷକରେ ଗଲାଣି ୧୬୧୯ ଜୀବନ
- ଓଡ଼ିଶା, ପଶ୍ଚିମବଙ୍ଗ ବଜ୍ରପାତପ୍ରବଣ
- ଜଳବାୟୁ ପରିବର୍ତ୍ତନ, ସଚେତନତା ଅଭାବ ମୁଖ୍ୟ କାରଣ

ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସତ୍ତ୍ୱେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଭାରତରେ ଅନେକ ଲୋକଙ୍କ ଜୀବନ ଯାଉଛି। ସେଥିମଧ୍ୟରୁ ବଜ୍ରପାତ ପ୍ରମୁଖ କାରଣ ପାଲଟିଛି। ରବିବାର ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଆଦି ରାଜ୍ୟରେ ବଜ୍ରପାତରେ ଅତି କମ୍‌ରେ ୭୦ ଲୋକଙ୍କ ମୃତ୍ୟୁ ଘଟିଛି। ଜୁନ୍ ୭ରେ ପଶ୍ଚିମବଙ୍ଗରେ ଏହି କାରଣରୁ ୨୭ ଜଣଙ୍କ ଜୀବନ ଯାଇଥିଲା। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁସାରେ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ମଧ୍ୟରୁ ୩୫.୪ ପ୍ରତିଶତ କେବଳ ବଜ୍ରପାତ କାରଣରୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସହ କାମ କରୁଥିବା ଏକ ବେସରକାରୀ ସଙ୍ଗଠନ ଜଳବାୟୁ ସ୍ଥାୟୀ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ପ୍ରୋତ୍ସାହନ ପରିଷଦ(ସିଆର୍‌ଓପିସି) ପକ୍ଷରୁ ପ୍ରସ୍ତୁତ ଭାରତର ଦ୍ୱିତୀୟ ବାର୍ଷିକ ବଜ୍ରପାତ ରିପୋର୍ଟ ଅନୁସାରେ, ୨୦୨୦ ଏପ୍ରିଲ ୧ରୁ ୨୦୨୧ ମାର୍ଚ୍ଚ ୩୧ ମଧ୍ୟରେ ଦେଶରେ ୧୬୧୯ ଜଣଙ୍କ ମୃତ୍ୟୁ ହୋଇଛି।

ସିଆର୍‌ଓପିସି ରିପୋର୍ଟ ୨୦୨୦-୨୧ ଅନୁସାରେ, ଦେଶରେ ବଜ୍ରପାତ ସଂଖ୍ୟା ୩୪ ପ୍ରତିଶତ ବୃଦ୍ଧି ପାଇଛି। ବିଶେଷକରି ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡରେ ସର୍ବାଧିକ ବଜ୍ରପାତ ହୋଇଛି। ଏଥିଯୋଗୁ ବିହାରରେ ୪୦୧, ଉତ୍ତର ପ୍ରଦେଶରେ ୨୩୮, ମଧ୍ୟପ୍ରଦେଶରେ ୨୨୮ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ସଂଖ୍ୟା ବଜ୍ରପାତଜନିତ ମୋଟ ମୃତ୍ୟୁର ୫୩ ପ୍ରତିଶତ। ଓଡ଼ିଶାରେ ରେକର୍ଡ ସଂଖ୍ୟାରେ ବଜ୍ରପାତ ହୋଇଥିବାବେଳେ ବର୍ଷକ ମଧ୍ୟରେ ପ୍ରାୟ ୨୦୭ ଜଣଙ୍କ ଜୀବନ ଯାଇଛି। ବିଶେଷକରି ପ୍ରାକ୍ ମୌସୁମୀ ସମୟରେ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଚାଷୀ ରହିଥିବା ରିପୋର୍ଟରୁ ଜଣାପଡ଼ିଛି।



### କାରଣ କ'ଣ

ସଚେତନତା ଅଭାବରୁ ବଜ୍ରପାତରେ ଅନେକଙ୍କ ମୃତ୍ୟୁ ଘଟୁଥିବା ରିପୋର୍ଟରେ ଦର୍ଶାଯାଇଛି। ବଜ୍ରପାତରେ ମୋଟ ମୃତ୍ୟୁର ପ୍ରାୟ ୭୦ ପ୍ରତିଶତ ବର୍ଷା ସମୟରେ ଗଛ ତଳେ ଆଶ୍ରୟ ନେଉଥିବାରୁ ଘଟୁଛି। ଅନ୍ୟ ୨୫ ପ୍ରତିଶତ ଲୋକ ବାହାରେ ଥିବାବେଳେ ଜୀବନ ଯାଉଛି। ଛୋଟ ନାଗପୁର ମାଳଭୂମିରୁ ଅଧିକ ବଜ୍ରପାତ ସୃଷ୍ଟି ହୋଇଥାଏ। ଉକ୍ତ ମାଳଭୂମି ପୂର୍ବ ଭାରତରେ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼କୁ ବ୍ୟାପିଥିବାରୁ ଏହି ରାଜ୍ୟଗୁଡ଼ିକରେ ଅଧିକ ସଂଖ୍ୟାରେ ବଜ୍ରପାତ ଘଟିଥାଏ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ବିଶ୍ୱତାପନ, ଜଙ୍ଗଲ ନଷ୍ଟ, ବ୍ୟାପକ କଂକ୍ରିଟ୍ ଭିତ୍ତିଭୂମି, ପ୍ରଦୂଷଣ, ଏରୋସଲ୍ ସ୍ତର ବୃଦ୍ଧି ମଧ୍ୟ ଏହି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ।

### କିପରି କମିପାରିବ

ସିଆର୍‌ଓପିସି ରିପୋର୍ଟ ମୁତାବକ, ଋତୁ ଅନୁସାରେ ବିଭିନ୍ନ ରାଜ୍ୟରେ ବଜ୍ରପାତ ଭିନ୍ନ ହୋଇଥାଏ। ଉଦାହରଣ ସ୍ୱରୂପ କାଳବୈଶାଖୀ ବେଳେ ବଜ୍ରପାତ ଯୋଗୁ ପୂର୍ବ ଭାରତରେ ଅଧିକାଂଶ ଜୀବନ ହାନି ହୋଇଥାଏ। ସେହିପରି ପ୍ରାକ୍-ମୌସୁମୀ ବର୍ଷାବେଳେ ବିଶେଷକରି ବିହାର, ଝାଡଖଣ୍ଡ, ଛତିଶଗଡ଼, ଉତ୍ତରପ୍ରଦେଶରେ ସର୍ବାଧିକ ମୃତ୍ୟୁ ଘଟୁଛି। ତେଣୁ ସମ୍ପୃକ୍ତ ରାଜ୍ୟଗୁଡ଼ିକ ସେମାନଙ୍କ ଭୌଗୋଳିକ ସ୍ଥିତି ଅନୁସାରେ ବଜ୍ରପାତ ମାଇକ୍ରୋ ଜୋନ୍ ପ୍ରସ୍ତୁତ କରିବାକୁ ରିପୋର୍ଟରେ ଉଲ୍ଲେଖ ରହିଛି। ପ୍ରତ୍ୟେକ ରାଜ୍ୟକୁ ଋତୁକାଳୀନ, ତୀବ୍ରତା ଓ ବାରମ୍ବାରତା ଆଧାରରେ ବଜ୍ର ବିପଦ ପରିଚାଳନା ଯୋଜନା କରିବା ଆବଶ୍ୟକ। ସେହିପରି ଆଇଏମ୍‌ଡି ଆକଳନକୁ ଗୁରୁତ୍ୱର ସହ ନେଇ ସରକାର ଲୋକଙ୍କ ସୁରକ୍ଷା ନିମନ୍ତେ ସଚେତନତା ସମେତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଜରୁରୀ ବୋଲି ରିପୋର୍ଟରେ କୁହାଯାଇଛି।

**ବିଜୁଳି ସାଧାରଣତଃ ଇଣ୍ଟର-କ୍ଲାଉଡ୍(ଏକାଧିକ ବାଦଲ), ଇଣ୍ଟ୍ରା-କ୍ଲାଉଡ୍( କୌଣସି ଗୋଟିଏ ବାଦଲ), କ୍ଲାଉଡ୍-ଟୁ-ଗ୍ରାଉଣ୍ଡ(ବାଦଲରୁ ଭୂପୃଷ୍ଠ) ଆଦି ୩ ପ୍ରକାରର ହୋଇଥାଏ। ସେଥିମଧ୍ୟରୁ କ୍ଲାଉଡ୍-ଟୁ-ଗ୍ରାଉଣ୍ଡ ବଜ୍ରପାତ ଧନଜୀବନ ନଷ୍ଟ କରିଥାଏ। ଏକ ବିଜୁଳିରେ ପ୍ରାୟ ୩ ଶହ ନିୟୁତ ଭୋଲ୍ଟ ଏବଂ ୩୦ ହଜାର ଆମ୍ପିୟର ବିଦ୍ୟୁତ୍ ରହିଥାଏ। ଆମେ ଘରେ ବ୍ୟବହାର କରୁଥିବା ବିଜୁଳି ୧୨୦ ଭୋଲ୍ଟ ଏବଂ ୧୫ ଆମ୍ପିୟରର ହୋଇଥାଏ।**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୭୮,୭୭,୬୧୧ | ୪୦,୫୨,୫୪୬ | ୧୭,୧୭,୬୪,୫୮୦ |
| ଭାରତ | ୩,୦୯,୦୧,୩୧୧ | ୪,୦୯,୨୮୭ | ୩,୦୦,୫୨,୪୬୧ |
| ଓଡ଼ିଶା | ୯,୪୧,୭୪୫ | ୪୬୬୨(+୫୩) | ୯,୧୫,୪୦୦ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜଟଣୀରେ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ

**ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**

- ୭୫୦ ଶଯ୍ୟା ବିଶିଷ୍ଟ ହେବ ବାଗ୍‌ଚୀ - ଶ୍ରୀ ଶଙ୍କର କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଏବଂ ବାଗ୍‌ଚୀ-କରୁଣାଶ୍ରୟ ଉପଶମ ସେବା କେନ୍ଦ୍ର
- ୨ବର୍ଷରେ ନିର୍ମାଣ ସାରିବାକୁ ଲକ୍ଷ୍ୟ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି । ନିକଟରେ ଉପସ୍ଥିତ ବାଗ୍‌ଚୀ ଦମ୍ପତି ଓ ଅନ୍ୟମାନେ ।

**ଭୁବନେଶ୍ୱର, (ବ୍ୟୁରୋ)/ ଯାଁଳା, ୧୨।୭ (ଡି.ଏନ୍.ଏ.)**

ଓଡ଼ିଶାରେ କର୍କଟ ଚିକିତ୍ସା ସେବାକୁ ଆହୁରି ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜଟଣୀ ଇନ୍‌ଫୋଭ୍ୟାଲିଠାରେ ସ୍ଥାପନ ହେବ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ। ନାମ ରହିବ ବାଗ୍‌ଚୀ – ଶ୍ରୀ ଶଙ୍କର କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଏବଂ ବାଗ୍‌ଚୀ–କରୁଣାଶ୍ରୟ ଉପଶମ ସେବା କେନ୍ଦ୍ର। ସୋମବାର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୪୦ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଏହି ଦୁଇ ପ୍ରତିଷ୍ଠାନରେ ୭୫୦ ଶଯ୍ୟା ରହିବ। ୨ ବର୍ଷ ଭିତରେ ନିର୍ମାଣ ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କର୍କଟ ଚିକିତ୍ସାଳୟ କ୍ରସ୍–ସବ୍‌ସିଡି ମଡେଲ୍‌ରେ କାର୍ଯ୍ୟ କରିବ। ଏଥିରେ ଅତ୍ୟାଧୁନିକ ଯନ୍ତ୍ରପାତି ରହିବ।

ରଥଯାତ୍ରା ଅବସରରେ ଏହି ପ୍ରକଳ୍ପ ଆରମ୍ଭ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି ଓଡ଼ିଶାରେ ଦୁଇଟି ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ସୃଷ୍ଟିରେ ସୁସ୍ମିତା ବାଗ୍‌ଚୀ ଓ ସୁବ୍ରତ ବାଗ୍‌ଚୀଙ୍କ ମାନବ ହିତୈଷୀ ତଥା ସାଧୁ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହି କେନ୍ଦ୍ର ଏକ ପ୍ରମୁଖ ଗବେଷଣା ପ୍ରତିଷ୍ଠାନରେ ପରିଣତ ହେବ ଏବଂ ମାନବସେବା ପାଇଁ ସମଗ୍ର ବିଶ୍ୱର କର୍କଟ ଚିକିତ୍ସକଙ୍କୁ ଆକର୍ଷିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପୋଷଣ କରିଛନ୍ତି। ସେହିପରି ବିଶ୍ୱସ୍ତରୀୟ ଉପଶମ ସେବା ନିଃଶୁଳ୍କ ହେବା ସହ ଏହି ପ୍ରତିଷ୍ଠାନଗୁଡ଼ିକ ଓଡ଼ିଶାର ରୋଗୀଙ୍କୁ ବିଶେଷକରି ଗରିବ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁବିଧା ପାଇବାରେ ସାହାଯ୍ୟ କରିବ। ଲୋକଙ୍କୁ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହାର ତୁରନ୍ତ କାର୍ଯ୍ୟକାରିତାକୁ ରାଜ୍ୟ ସରକାର ସୁନିଶ୍ଚିତ କରିବେ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଶ୍ରୀ ଶଙ୍କର ହସ୍ପିଟାଲର ମୁଖ୍ୟ ଡା. କରୁଣାନାଥ, କରୁଣାଶ୍ରୟ ଟ୍ରଷ୍ଟର ମୁଖ୍ୟ ଗୌମିତ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୫–ଟି ସଚିବ ଭି.କେ. ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କିଛିଦିନ ତଳେ ଏହି ହସ୍ପିଟାଲ ନିର୍ମାଣ ପାଇଁ ୩୪୦ କୋଟି ଟଙ୍କା ଦେବାକୁ ଘୋଷଣା କରିଥିଲେ। ଏଥିପାଇଁ ଆବଶ୍ୟକ ଜମି ଏବଂ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଇଛନ୍ତି ରାଜ୍ୟ ସରକାର। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଗ୍‌ଚୀ ଦମ୍ପତି ଯୋଗଦେଇ ଯେଉଁଦିନ ଏଠାରେ ପ୍ରଥମ କର୍କଟ ରୋଗୀ ଚିକିତ୍ସା ହୋଇ ସୁସ୍ଥ ହେବ ସେହିଦିନ ସ୍ୱପ୍ନ ସାକାର ହେବ ବୋଲି କହିଛନ୍ତି।

## ବିନା ରେଜିଷ୍ଟ୍ରେଶନରେ ଗଡୁଛି ବାଇକ୍

**ଯାଜପୁର ଟାଉନ,୧୨।୭ (ଡି.ଏନ.ଏ.)**

**ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ**

ସରକାରୀ ନିୟମ ଅନୁସାରେ ଯେକୌଣସି ଗାଡ଼ି ବିକ୍ରି ସମୟରେ ସମ୍ପୃକ୍ତ ଶୋରୁମ୍ ମାଲିକ ପ୍ରଥମେ ଗାଡ଼ି ରେଜିଷ୍ଟ୍ରେଶନ୍ କରିବା ସହ ଇନ୍‌ସ୍ୟୁରାନ୍ସ, ରୋଡ୍ ଟ୍ୟାକ୍ସ, ପରମିଟ୍ ଓ ଅନ୍ୟାନ୍ୟ ଦେୟ ବାବଦକୁ ଅର୍ଥ ରାଶି ଜମା ରଖିଥାନ୍ତି। ତେବେ ବର୍ଷ ବର୍ଷ ଧରି ବିନା ରେଜିଷ୍ଟ୍ରେଶନ୍‌ରେ ଗାଡ଼ି ଗଡ଼ିବା ପରି ବିସ୍ମୟ ଘଟଣାର ଏବେ ରହସ୍ୟ ଉନ୍ମୋଚିତ ହୋଇଥିବା ଦେଖାଯାଇଛି। ୨୧।୪।୨୦୨୧ରେ ଚଣ୍ଡିଖୋଲ ଏମ୍‌ଭିଆଇ ଚନ୍ଦ୍ରା ବିଶ୍ୱାସ ଜାତୀୟ ରାଜପଥରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ଏକ ହୋଣ୍ଡା ବାଇକ୍ ଜବତ କରିଥିଲେ। ଏହାର ଇ–ଚାଲାଣ କରି ଜାଣିବାକୁ ପାଇଥିଲେ ଯେ, ସମ୍ପୃକ୍ତ ବାଇକ୍‌ଟି ଯାଜପୁରରୋଡ୍‌ର ତେଜ୍ ଅଟୋମୋବାଇଲ୍‌ସରୁ କିଣାଯାଇଛି। ହେଲେ ଏହାର ରେଜିଷ୍ଟ୍ରେଶନ କରାଯାଇନାହିଁ। ଯାହାକୁ ନେଇ ବିଶ୍ୱାସ ସମ୍ପୃକ୍ତ ଡିଲରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚଣ୍ଡିଖୋଲ ଆରଟିଓଙ୍କୁ ଚିଠି ନଂ. ୧୩୭୮/ତା୨୯।୦୬।୨୦୨୧ ଅନୁଯାୟୀ ସୁପାରିସ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାରେ ଏହିପରି ଶହଶହ ସଂଖ୍ୟକ ବାଇକ୍ ବିନା ରେଜିଷ୍ଟ୍ରେଶନ୍‌ରେ ଚାଲୁଥିବା ନେଇ ଅଭିଯୋଗ ହେଉଛି। ଏପରିସ୍ଥଳେ ଓଡ଼ିଶା ମୋଟର ଭେଇକିଲ୍ ଧାରା ୪୨ର ଖୋଲା ଉଲ୍ଲଂଘନ ହେଉଥିବା ନେଇ ବିଶ୍ୱାସ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଏପରି ଘଟଣାର ଯଦି ତଦନ୍ତ କରା ନ ଯାଏ ଆଗାମୀ ଦିନରେ କୌଣସି ଗାଡ଼ି ଚାଳକ ଅଥବା ଜନସାଧାରଣ ଦୁର୍ଘଟଣାର ଶିକାର ହେଲେ ଆଇନଗତ ସହାୟତା କିମ୍ବା ବୀମା ରାଶି ପାଇବାରୁ ବଞ୍ଚିତ ହେବେ, ଏହା ନିଃସନ୍ଦେହ।

## ଗଛରେ ପିଟି ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**କଳିଙ୍ଗନଗର,୧୨।୭(ଡି.ଏନ.ଏ.)**

ଯାଜପୁର ରୋଡ୍ ଥାନା ଅଧୀନ ଓଲ୍ଲଳ ଗାଁ ନିକଟରେ ସୋମବାର ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ସାତକଣିଆଁ ଗାଁର ଅନିଲ ଦାସ(୨୨)। ଅନିଲ ତାଙ୍କ ବଡ଼ ଭାଇଙ୍କ ଶଶୁର ଘର ରାମ୍ପିଲୋ ଯାଇ ଫେରୁଥିଲେ। ଓଲ୍ଲଳ ଗାଁ ତାରିଣୀ ଛକ ନିକଟରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାନଗଦି ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଫାଣ୍ଡିରେ ଅପମୃତ୍ୟୁ ମାମଲା ନଂ.୨୭୫/୨୧ ରୁଜୁ ହୋଇଛି।

# ୨ ହଜାର ତଳେ ସଂକ୍ରମଣ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

**ଆଉ ୧,୯୯୩ ଚିହ୍ନଟ, ୬୩ ମୃତ**

- କେତେକ ଜିଲାରେ କରୋନା ପୁଣି ଉପରମୁହାଁ
- ରେଡ୍ ଜୋନ୍‌ରେ ଖୋର୍ଦ୍ଧା, କଟକ, ୟେଲୋରେ ୪ ଜିଲା



ଦୀର୍ଘଦିନ ପରେ ରାଜ୍ୟରେ ଦୁଇ ହଜାର ତଳକୁ ଖସିଛି ଦୈନିକ ସଂକ୍ରମଣ। ଗତ ୨୪ ଘଣ୍ଟାରେ ୭୨,୭୫୪ ନମୁନା ପରୀକ୍ଷା କରାଯାଇଥିବାବେଳେ ୧,୯୯୩ ପିଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୨.୭୪%କୁ ହ୍ରାସ ପାଇଛି। ରାଜ୍ୟ ହାର ହ୍ରାସ ପାଉଥିଲେ ମଧ୍ୟ କେତେକ ଜିଲାରେ ପୁଣି ଉପରମୁହାଁ ହେଉଛି କରୋନା। କଟକ, ନୟାଗଡ଼, ପୁରୀ, ଜଗତ୍‌ସିଂହପୁର, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲାରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। କଟକରେ ସର୍ବାଧିକ ସଂକ୍ରମଣ ହାର ୫.୬% ଥିବାବେଳେ ନୟାଗଡ଼ ୫.୪, ମୟୂରଭଞ୍ଜ ୪.୯୬, ପୁରୀ ୪.୭୫, ବାଲେଶ୍ୱର ୪.୫୬ ଓ ଜଗତ୍‌ସିଂହପୁର ୪.୩୭% ରହିଛି। ଏ ସବୁ ଜିଲା ପାଇଁ ଏବେ ଚିନ୍ତା ବଢ଼ିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପରୀକ୍ଷଣ ଓ ଟିକାକରଣ କ୍ଷେତ୍ରରେ ସଂକ୍ରମଣ ବଢୁଥିବା ଜିଲାକୁ ସରକାର ଅଧିକ ଗୁରୁତ୍ୱ ଦେଉଥିବା ସ୍ୱାସ୍ଥ୍ୟ ବିଭାଗ କହିଛି।

ଅପରପକ୍ଷେ ରାଜ୍ୟରେ ଆଉ ୬୩ ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଖୋର୍ଦ୍ଧାରୁ ସର୍ବାଧିକ ୧୩ଜଣ ଥିବାବେଳେ ବରଗଡ଼ ୭, ମୟୂରଭଞ୍ଜ ୬, ପୁରୀ ଓ ଗଞ୍ଜାମରୁ ୫ଜଣ ଲେଖାଏ ରହିଛନ୍ତି। ସେହିଭଳି ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରୁ ୪ଜଣ ଲେଖାଏ, ନୟାଗଡ଼, ଯାଜପୁର, ବୌଦ୍ଧରୁ ୩ଜଣ ଲେଖାଏ, ବାଲେଶ୍ୱର, ଜଗତ୍‌ସିଂହପୁର ଓ କେନ୍ଦୁଝରରୁ ୨ଜଣ ଲେଖାଏ, କନ୍ଧମାଳ, ଗଜପତି, ବଲାଙ୍ଗୀର ଓ ଅନୁଗୋଳରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ତେବେ ଏସବୁ ମୃତ୍ୟୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ହୋଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ୪,୬୬୨କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ୨,୯୩୭ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୯,୧୫,୪୦୦ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ମୋଟ ୨୧,୬୩୦ ସକ୍ରିୟ ରୋଗୀ ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪,୨୮୯ଜଣ ସକ୍ରିୟ ଆକ୍ରାନ୍ତ ଥିବାବେଳେ କଟକରେ ୩,୨୩୦ଜଣ ରହିଛନ୍ତି। ତେଣୁ ଏହି ଦୁଇ ଜିଲା ଏବେ ରେଡ୍ ଜୋନ୍‌ରେ ରହିଛି। ସେହିଭଳି ୟେଲୋ ଜୋନ୍‌ରେ ଥିବା ବାଲେଶ୍ୱର ୧,୮୧୫, ଯାଜପୁର ୧,୫୫୨, ପୁରୀ ୧,୧୪୦, ମୟୂରଭଞ୍ଜ ୧,୦୬୩ଜଣ ସକ୍ରିୟ ରୋଗୀ ରହିଛନ୍ତି। ବାକି ସବୁ ଜିଲା ଗ୍ରୀନ ଜୋନ୍‌ରେ ରହିଛି।

## ରଥଯାତ୍ରା ଶୁଭକାମନା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ପବିତ୍ର ରଥଯାତ୍ରା ଉପଲକ୍ଷେ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଟୁଇଟ୍ କରି ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଟୁଇଟ୍ କରି କହିଛନ୍ତି, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଶୁଭ ଅବସରରେ ସମସ୍ତ ଦେଶବାସୀ ବିଶେଷକରି ଓଡ଼ିଶାର ସମସ୍ତ ଶ୍ରଦ୍ଧାଳୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭକାମନା। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତ ଦେଶବାସୀଙ୍କ ଜୀବନ ସୁଖମୟ, ସମୃଦ୍ଧ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପରିପୂର୍ଣ୍ଣ ହେଉ ବୋଲି ସେ କାମନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ସମସ୍ତଙ୍କୁ ରଥଯାତ୍ରା ଉପଲକ୍ଷେ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଉତ୍ତମ ଶରୀର ଏବଂ ଭଲରେ ସମୟ ଅତିବାହିତ ହେଉ ବୋଲି ସେ ଉଲ୍ଲେଖ କରିଛନ୍ତି। ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଟୁଇଟ୍ କରି, ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁରୀ ରଥଯାତ୍ରା ଓଡ଼ିଶା ତଥା ସମସ୍ତ ଦେଶବାସୀଙ୍କ ପାଇଁ ଏକ ପବିତ୍ର ଓ ବହୁ ପ୍ରତୀକ୍ଷିତ ପର୍ବ ବୋଲି ସେ ଉଲ୍ଲେଖ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି ରଥଯାତ୍ରା ଅବସରରେ ଦେଶବାସୀଙ୍କୁ ଶୁଭକାମନା ଜଣାଇଛନ୍ତି। ଜଗନ୍ନାଥଙ୍କ କୃପାରୁ ସମସ୍ତେ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ସୌଭାଗ୍ୟରେ ପରିପୂର୍ଣ୍ଣ ହୁଅନ୍ତୁ ବୋଲି ସେ କହିଛନ୍ତି।





E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. JAJPUR: 9776900777.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. NIMAPARA: 7381093626 JAGATSINGHPUR: 9583022090 PARADEEP: 9583022034/48 PURI: 9583022035.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **^Terms and conditions apply. #Gold Voucher is applicable on select models only. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7.25% is provided by Bank of Baroda. **100% on-road funding is provided by select financiers only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2021.

**ଆଜିର ମନ୍ତବ୍ୟ**

"ଗୋଟିଏ ଆଇନ ପ୍ରଣୟନ କରି ଜନସଂଖ୍ୟା ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ। ଏଥିପାଇଁ ଶିକ୍ଷା ଓ ସଚେତନତା ଆବଶ୍ୟକ।"
– ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନିଆ
ପରିବାରବର୍ଗ


ଲାଡ୍‌ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଟଣା ପଣ;**
**କାଟି ଆଣିଦେବି ଚାକୁଣ୍ଡା ବଣ।**

ଚାକୁଣ୍ଡା ଡାଳ ଖୁବ ମସକା, ସହଜରେ ଭାଙ୍ଗିଯାଏ। ତାକୁ ଭାଙ୍ଗିବାରେ କି କାଟିବାରେ ବେଶି ଶାରୀରିକ ଶ୍ରମ ଲୋଡ଼ା ପଡି ନ ଥାଏ। ତେଣୁ ଏଥିରେ ବଳ ବା ସମାର୍ଥ୍ୟକୁ ନେଇ ଗର୍ବ କରିବା ନିରର୍ଥକ। ନିଜର ତୁଚ୍ଛା ଶକ୍ତି ସମାର୍ଥ୍ୟକୁ ନେଇ ଅନ୍ୟ ଆଗରେ ଅଯଥା ବାହାଦୁରୀ ଦେଖେଇ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କୁକୁଡ଼ା ଖାଇଲା ଖୁଦ;**
**ମୋ ଭାଇନା ଖାଆନ୍ତି ସରୁଚକୁଳି ଲୋ**
**କାହୁଁ ଖଟେଇବି ଦୁଧ।**

ଘରର ଆର୍ଥିକ ଅବସ୍ଥା ଶୋଚନୀୟ। ପଇସା ପତ୍ର ନଥିବାରୁ ଭଲରେ ଖାଇପିଇ ଚଳିବା କଷ୍ଟକର। ଏପରିସ୍ଥଳେ ଚକୁଳି ସହ କ୍ଷୀର ଖାଇବା ନେଇ ମନ ବଳେଇଥିବା ଭାଇର ଆଶା ଅପୂରଣୀୟ ରହିଯାଉଥିବା ଦେଖି ଭଉଣୀର ଅନୁଚିନ୍ତା ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶୃଙ୍ଖଳିତ ରଥଯାତ୍ରା ଲାଗି ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

କୋଭିଡ୍ କଟକଣା ମଧ୍ୟରେ ସୋମବାର ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ୩ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେବାୟତମାନଙ୍କୁ ସେମାନଙ୍କ ସହଯୋଗ ଲାଗି ଧନ୍ୟବାଦ ଜଣାଇଛନ୍ତି। ସେହିପରି ମହାପ୍ରଭୁଙ୍କ ରଥଯାତ୍ରା ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିଲାଗି ଦିନରାତି କାମ କରିଥିବା ଶ୍ରୀମନ୍ଦିରପ୍ରଶାସନ, ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି। ମୁଖ୍ୟତଃ କୋଭିଡ୍ କଟକଣା ମଧ୍ୟରେ ଗୁଣ୍ଡିଚାଯାତ୍ରାରେ ପୁରୀର ଜନସାଧାରଣ ଯେପରି ଶୃଙ୍ଖଳାର ପରାକାଷ୍ଠା ଦେଖାଇଛନ୍ତି ତାହା ନିଶ୍ଚୟ ଅନ୍ୟମାନଙ୍କ ଲାଗି ପ୍ରେରଣାଦାୟକ ବୋଲି ବର୍ଣ୍ଣନା କରିବା ସହ ମୁଖ୍ୟମନ୍ତ୍ରୀ ପୁରୀବାସୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ପୋଲିସ ଡିଜି ଅଭୟ ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁରୀବାସୀ, ମନ୍ଦିର ଓ ଜିଲା ପ୍ରଶାସନ, ସେବାୟତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଭଳି ଏଥର ମଧ୍ୟ ରଥଯାତ୍ରା ବିନା ଭକ୍ତରେ କରାଯାଇଛି। ସେବାୟତ, ପୋଲିସ ପ୍ରଶାସନ ମାଧ୍ୟମରେ ସରକାର ରଥଯାତ୍ରା କରିବାକୁ ନିଷ୍ପତ୍ତି ନେଇ ଏହା ପାଳନ କରିଛନ୍ତି। ଭକ୍ତଙ୍କୁ କଟକଣା ଭିତରେ ଘରୁ ଟେଲିଭିଜନ ମାଧ୍ୟମରେ ରଥଯାତ୍ରା ଦେଖିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଗତଥର ମଧ୍ୟ ସମାନ ନିୟମ ରହିଥିଲା। ଅନ୍ୟପଟେ ସବୁ କଥାକୁ ଦୃଷ୍ଟିରେ ରଖି ପୁରୀରେ ସରକାର ୪୮ ଘଣ୍ଟା ଲାଗି କର୍ଫ୍ୟୁ ଜାରି କରିଛନ୍ତି।

## ଓଜେଇଇ ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)-୨୦୨୧ ପାଇଁ ପୁଣି ଆବେଦନ ସମୟ ବୃଦ୍ଧି କରାଯାଇଛି। ୨୬ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏଥିପାଇଁ ୨୮ତାରିଖ ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଫି' ଦାଖଲ କରିବାକୁ ପଡ଼ିବ। ଏ ନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଏକାଧିକ ଥର ଆବେଦନ ସମୟକୁ ବୃଦ୍ଧି କରାଯାଇଛି। କିନ୍ତୁ ଏଣିକି ଆବେଦନ ଅବଧ ଆଉ ବଢ଼ିବ ନାହିଁ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

## ମୁମ୍ବାଇରେ ମନ୍ଦିର ବେଢ଼ାରେ ରଥଯାତ୍ରା

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ନଭି ମୁମ୍ବାଇର ଖରଘର ସେକ୍ଟର-୩ ବାଲାଜି ଆଙ୍ଗନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଜୟ ଜଗନ୍ନାଥ ଲୋକ ତାରଣ ଟ୍ରଷ୍ଟ ପକ୍ଷରୁ ରଥଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ୍‌କଟକଣା ପାଇଁ ନିରାଡ଼ମ୍ବର ଭାବେ ମନ୍ଦିର ବେଢ଼ାରେ ପରମ୍ପରା ଅନୁସାରେ ନୀତିପୂଜା ସମ୍ପନ୍ନ ହୋଇଥିଲା। ଓଡ଼ିଆ ପୁଅ ରାମ ପ୍ରସାଦ ମୁଦୁଲି ଛେରାପହଁରା କରିଥିଲେ। ଟ୍ରଷ୍ଟର ସତ୍ୟବ୍ରତ ପଟ୍ଟନାୟକ, ରତନ ପଟ୍ଟନାୟକ, ବିଭୂତି ରଥ, ଧର୍ମାନନ୍ଦ ପଢ଼ିହାରୀ, ମୁଖ୍ୟ ପୂଜକ ରଞ୍ଜନ ଶତପଥୀ, ବସନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରଥିଲେ।

# ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ, ଯୁବକ ଗିରଫ

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ଅଭିଯୋଗ ସତ୍ତ୍ୱେ ଥାନାରୁ ନ୍ୟାୟ ନ ପାଇବାରୁ ସୋମବାର ଜଣେ ଯୁବକ ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶହୀଦନଗର ଥାନା ବିଶ୍ୱେଶ୍ୱରୀ ବସ୍ତିର ପ୍ରମୋଦ କୁମାର ନାୟକ (୩୭)। ତାଙ୍କ ନାମରେ ପୋଲିସ ମାମଲା (ନଂ.୧୮୨/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନାନୁଯାୟୀ, ପ୍ରମୋଦଙ୍କୁ ତାଙ୍କ ସ୍ତ୍ରୀ ଓ ଶାଳକମାନେ ନିର୍ଯାତନା ଦେଇ ଆସୁଛନ୍ତି। ଏ ନେଇ ସେ ଶହୀଦନଗର ଥାନାରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ପୋଲିସ କିଛି ଶୁଣୁ ନ ଥିବାରୁ ସେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପ୍ରମୋଦ କହିଛନ୍ତି। ତେବେ ସୋମବାର ସେ ଏକ ଜରିରେ କିରୋସିନ ଭର୍ତ୍ତି କରି ଦିନ ପ୍ରାୟ ୧୨ଟା ୧୦ରେ ନବୀନ ନିବାସ ଆଗରେ ପହଞ୍ଚିଲେ। ଦେହରେ କିରୋସିନ ଢାଳିବା ସମୟରେ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିଥିଲେ।

# ବନ୍ଧୁଙ୍କ ସ୍ତ୍ରୀଙ୍କୁ ବଳାତ୍କାର

## ଗାଈ ଦୋଷ ଛଡ଼ାଇବାକୁ ପୁରୀ ଯାଉଥିଲେ

**ବାଲିକୁଦା,୧୨।୭(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ରବିବାର ପୁରୀ ଜିଲା ଚନ୍ଦ୍ରଭାଗା ଥାନା ଅନ୍ତର୍ଗତ ରାମଚଣ୍ଡୀଠାରେ ବଳାତ୍କାର କରାଯାଇଛି। ଗାଈ ମୃତ୍ୟୁ ଦୋଷ ନ ଲାଗିବା ପାଇଁ ପୁରୀ ଯାଉଥିବାବେଳେ ଅଧାବାଟରେ ସ୍ୱାମୀଙ୍କ ବନ୍ଧୁ ତାଙ୍କୁ ବଳାତ୍କାର କରିଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସୋମବାର ବାଲିକୁଦା ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ତେବେ ଘଟଣା ଘଟିଥିବା ଥାନାରେ ଅଭିଯୋଗ କରିବାକୁ କହି ପୋଲିସ ପୀଡିତାଙ୍କୁ ଫେରାଇଦେଇଛି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘରେ କିଛି ଦିନ ତଳେ ଏକ ଗାଈର ମୃତ୍ୟୁ ହୋଇଥିଲା। ଦୋଷ ଛଡାଇବା ପାଇଁ ପରିବାର ଲୋକଙ୍କୁ ପୁରୀ ଯାଇ କର୍ମ ସମ୍ପାଦନ କରିବାକୁ କୁହାଯାଇଥିଲା। ଏନେଇ ଅଭିଯୁକ୍ତ ବାଇକ୍‌ରେ ସମ୍ପୃକ୍ତା ମହିଳା ଓ ତାଙ୍କ ସ୍ୱାମୀଙ୍କୁ ନେଇ ରବିବାର ପୁରୀ ଯାଇଥିଲେ। ମାତ୍ର ଅଧାବାଟରୁ ଫେରି ଆସିଥିଲେ। ଫେରିବାବାଟରେ ରାମଚଣ୍ଡିଠାରେ ଅଭିଯୁକ୍ତ ଗାଡ଼ି ଅଟକାଇ ମହିଳାଙ୍କ ସ୍ୱାମୀଙ୍କୁ ମଦ ପିଆଇଥିଲେ। ନିଶାରେ ସ୍ୱାମୀ ଅଚେତ ହୋଇଯିବା ପରେ ସମ୍ପୃକ୍ତା ମହିଳାଙ୍କୁ ଅଭିଯୁକ୍ତ ବଳାତ୍କାର କରିଥିଲେ। ଏହାପରେ ସେମାନେ ଘରକୁ ଫେରି ଆସିଥିଲେ।

ଘରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ମହିଳା ଜଣକ ସ୍ୱାମୀଙ୍କୁ ଜଣାଇଥିଲେ। ଏନେଇ ଗାଁରେ ଆଲୋଚନା ହୋଇଥିଲା। ମାତ୍ର କୌଣସି ସମାଧାନ ନ ହେବାରୁ ଶେଷରେ ସମ୍ପୃକ୍ତା ମହିଳା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ବିପିନ କୁମାର ସାହୁ କହିଛନ୍ତି, ଚନ୍ଦ୍ରଭାଗା ଥାନାରେ ଅଭିଯୋଗ କରିବାକୁ ଅଭିଯୋଗକାରୀଙ୍କୁ କୁହାଯାଇଛି। ଏ ସମ୍ପର୍କରେ ସେ ଚନ୍ଦ୍ରଭାଗା ଆଇଆଇସିଙ୍କୁ ଅବଗତ କରାଇଛନ୍ତି।

## ସଅଳ ପହଞ୍ଚିଲେ...

ପ୍ରଥମ ପୃଷ୍ଠାରୁ...

ସେ ତିନିରଥରେ ସୁନାଖଡ଼ିକାରେ ଛେରାପହଁରା କରିଥିଲେ। ପୂର୍ବାହ୍ନ ୧୧ଟାରୁ ଛେରାପହଁରା ଆରମ୍ଭ ହୋଇ ୧୧ଟା ୫୦ରେ ଶେଷ ହୋଇଥିଲା। ପରେ ଚାରମାଳ ଫିଟା ଓ ଘୋଡ଼ା ସାରଥି ସଂଯୋଗ କରାଯାଇଥିଲା। ୧୨ଟା ୫ମିନିଟ୍‌ରେ ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ସେହିଭଳି ୧ଟା ୫ରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ଶେଷରେ ୧ଟା ୫୦ ମିନିଟ୍‌ରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟଣାଯାଇଥିଲା। ଅପରାହ୍ନ ୫ଟା ୩୫ ସୁଦ୍ଧା ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚିଥିଲା।

ବଡ଼ଦାଣ୍ଡରେ ଟାଣଖରା ଯୋଗୁ ରଥଟଣାବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ କରାଯାଇଥିଲା। ସେହିପରି ସେବାୟତଙ୍କ ପାଇଁ ପ୍ରଶାସନ ପକ୍ଷରୁ ବିଶ୍ରାମସ୍ଥଳ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା। ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ସକାଳଧୂପ ଶେଷ ହୋଇଥିବାରୁ ଏବେ ଶ୍ରୀଗୁଣ୍ଡିଚା ସମ୍ମୁଖରେ ରଥ ଉପରେ ମହାପ୍ରଭୁଙ୍କର ମଧ୍ୟାହ୍ନ ଓ ସନ୍ଧ୍ୟା ଧୂପ ହେବ। ଖଇ, କୋରା, ଆମ୍ବ, ପଣସ, ସପୁରି ଇତ୍ୟାଦି ମହାପ୍ରଭୁଙ୍କ ପାଖରେ ଲାଗି କରାଯିବ। ଏହାପରେ ନୀତିକାନ୍ତି ସମ୍ପାଦିତ ହୋଇ ପହୁଡ଼ ହେବ। ମଙ୍ଗଳବାର ସକାଳୁ ବିଧି ଅନୁଯାୟୀ ରଥ ଉପରେ ନୀତିକାନ୍ତି ସମ୍ପାଦିତ ହେବ। ମଙ୍ଗଳ ଆଳତିଠାରୁ ସନ୍ଧ୍ୟାଧୂପ ଆଦି ନୀତିକାନ୍ତି ପରେ ଘୋଡ଼ା ଫିଟିବ ଓ ଚାରମାଳ ବନ୍ଧାହେବ। ଅପରାହ୍ନ ୪ଟା ସୁଦ୍ଧା ପହଣ୍ଡି ଆରମ୍ଭ ହେବ। ମହାପ୍ରଭୁ ଜନ୍ମବେଦିକୁ ବିଜେ କରିବେ।

## ବଜ୍ରପାତ: ୬୮ ମୃତ...

ବଜ୍ରପାତରେ ଆହତ ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଜ୍ରପାତଜନିତ ମୃତ୍ୟୁ ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହା ବ୍ୟତୀତ ଉତ୍ତରପ୍ରଦେଶ ଓ ରାଜସ୍ଥାନ ସରକାର ସେମାନଙ୍କ ରାଜ୍ୟର ମୃତକମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି।

ଉତ୍ତରପ୍ରଦେଶର ୧୬ ଜିଲାରୁ ମୋଟ ୪୧ ଜଣଙ୍କ ମୃତ୍ୟୁ ହେବା ସହ ୩୦ ଜଣ ଆହତ ହୋଇଛନ୍ତି। ପ୍ରୟାଗରାଜରେ ସର୍ବାଧିକ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ବଜ୍ରପାତରେ ୨୫୦ ପ୍ରାଣୀଙ୍କ ମୃତ୍ୟୁ ହେବା ସହ ୨୦ ଆହତ ହୋଇଥିବା ୟୁପି ରିଲିଫ୍ କମିଶନର ରଣବୀର ପ୍ରସାଦ କହିଛନ୍ତି। ପ୍ରାଣୀମାନଙ୍କୁ ହରାଇଥିବା ଚାଷୀଙ୍କ ପାଇଁ ଯୋଗୀ ଆଦିତ୍ୟନାଥ ସରକାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

ରାଜସ୍ଥାନର ଦ୍ୱାଦଶ ଶତାବ୍ଦୀର କୀର୍ତ୍ତିରାଜି ଆମେର ଫର୍ଟକୁ ଭ୍ରମଣରେ ଯାଇଥିବା ୨୭ ଜଣ ସେଠାରେ ଥିବା ଏକ ୱାଚ୍ ଟାୱାର ଉପରେ ଚଢ଼ି ସେଲ୍‌ଫି ନେଉଥିଲା ବେଳେ ବଜ୍ରପାତ ହୋଇଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ସେଲ୍ଫି ନେଉଥିବା ଲୋକେ ଭୟରେ ତଳକୁ ଡେଇଁ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ଏହା ବ୍ୟତୀତ ରାଜ୍ୟର ଅନ୍ୟ ସ୍ଥାନରେ ବଜ୍ରପାତ ଘଟି ୭ ପିଲାଙ୍କ ସମେତ ୯ ଜଣ ପ୍ରାଣ ହରାଇଛନ୍ତି। ଗତ ୧୧ ତାରିଖରେ ରାଜସ୍ଥାନରେ ବଜ୍ରପାତ ହେବାରୁ ୨୩ ଜଣଙ୍କ ମୃତ୍ୟୁ ହେବା ସହ ୨୫ ଆହତ ହୋଇଥିଲେ।

## ପେଟ୍ରୋଲ ବଢ଼ିଲା...

ଆସିଲା ପରେ ମେ'୪ ଠାରୁ କ୍ରମାଗତ ୭୦ ଦିନ ମଧ୍ୟରେ ପେଟ୍ରୋଲ ୩୯ ଏବଂ ଡିଜେଲ ୩୬ ଥର ବଢ଼ିଲାଣି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୧୦.୮୯ ଟଙ୍କା ଏବଂ ଡିଜେଲ ୯.୮୦ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ)ର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ୨୯ ବଢ଼ିଥିବା ବେଳେ ଡିଜେଲ ୧୭ ପଇସା ହ୍ରାସ ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୨.୦୧ ଟଙ୍କା ଏବଂ ଡିଜେଲ ୯୭.୭୮ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୧୦୨.୩୩ ଟଙ୍କା ଏବଂ ଡିଜେଲ ୯୮.୦୯ ଟଙ୍କାରେ କାରବାର ହେଉଛି। ଏହି ଦର ବୃଦ୍ଧି ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଲିଟର ପିଛା ପ୍ରାୟ ୧୦୨ ଟଙ୍କାରେ ପହଞ୍ଚିଯାଇଛି। ସେହିଭଳି ବଲାଙ୍ଗୀର, ଗଜପତି, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଭଳି ୮ ଜିଲାରେ ଡିଜେଲ ଦର ମଧ୍ୟ ୧୦୦ ଟଙ୍କା ଉପରେ ରହିଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୨୮ ପଇସା ବୃଦ୍ଧି ପାଇଥିବା ବେଳେ ଡିଜେଲ ୧୬ ପଇସା ହ୍ରାସ ଘଟିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୧.୧୯ ଟଙ୍କା ଏବଂ ଡିଜେଲ ୮୯.୭୨ ଟଙ୍କାରେ ପହଞ୍ଚିଛି। ମେ' ୪ ଠାରୁ ଦିଲ୍ଲୀରେ ପେଟ୍ରୋଲ ଉପରେ ୧୦.୭୯ ଟଙ୍କା ଏବଂ ଡିଜେଲ ୮.୯୯ ଟଙ୍କା ବୃଦ୍ଧି ପାଇଥିବା ତୈଳ କମ୍ପାନୀରୁ ସୂଚନା ମିଳିଛି।

ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀ ସମେତ ଦେଶର ୧୮ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଜମ୍ମୁ-କଶ୍ମୀର, ଓଡ଼ିଶା, ତାମିଲନାଡୁ, ବିହାର, କେରଳ, ପଞ୍ଜାବ, ସିକିମ, ପଶ୍ଚିମବଙ୍ଗ, ନାଗାଲାଣ୍ଡ, ପୁଡୁଚେରୀ ଓ ଲଦାଖରେ ପେଟ୍ରୋଲ ମୂଲ୍ୟ ୧୦୧ ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ସେହିପରି ଓଡ଼ିଶା ସମେତ ମଧ୍ୟପ୍ରଦେଶ ଓ ରାଜସ୍ଥାନର ବିଭିନ୍ନ ସ୍ଥାନରେ ଡିଜେଲ ଦର ମଧ୍ୟ ୧୦୦ ଟପିଯାଇଥିବା ସୂଚନା ମିଳିଛି।

ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୧.୯୨ ଟଙ୍କା, ୧୦୧.୩୫ ଟଙ୍କା ଏବଂ ୧୦୭.୨୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୪.୨୪ ଟଙ୍କା, ୯୨.୮୧ ଟଙ୍କା ଏବଂ ୯୭.୨୯ ଟଙ୍କାରେ ବିକ୍ରି ହେଉଛି।

## ବ୍ରହ୍ମୋସର ପରୀକ୍ଷଣ...



ବାୟୁସେନାର ଯୁଦ୍ଧ ବିମାନରୁ ଏହା ୪ଶହ କି.ମି. ପର୍ଯ୍ୟନ୍ତ ଶତ୍ରୁପକ୍ଷକୁ ଟାର୍ଗେଟ କରିପାରିବାର କ୍ଷମତା ରଖିଛି। ଘଣ୍ଟା ପ୍ରତି ୩ହଜାର ୪ଶହରୁ ୩ହଜାର ୭ଶହ କି.ମି. ବେଗରେ ଗତି କରିପାରୁଥିବା ବ୍ରହ୍ମୋସକୁ ୨୦୦୬ରୁ ପ୍ରତିରକ୍ଷା ବିଭାଗରେ ବ୍ୟବହାର କରାଯାଉଛି। ଏହାକୁ ପରିବର୍ଦ୍ଧିତ ସଂସ୍କରଣ ବୋଲି କୁହାଯାଉଛି। ଏହାର ଲମ୍ବ ୮.୪ମିଟର, ମୋଟେଇ ୦.୬ମିଟର ଓ ଓଜନ ୩ହଜାର କି.ଗ୍ରା.। ଏହାକୁ ସ୍ଥଳ, ବାୟୁ ଓ ନୌସେନାରେ ସାମିଲ କରାଯାଇଛି। ଏହି କ୍ଷେପଣାସ୍ତ୍ରକୁ ଯେକୌଣସି ପରିସ୍ଥିତିରେ ସ୍ଥଳଭାଗ, ଯୁଦ୍ଧଜାହାଜ ଓ ରେଳ ଲଞ୍ଚରରୁ ଉତ୍କ୍ଷେପଣ କରାଯାଇପାରିବ। ରୁଷିଆ ଓ ଭାରତ ମିଳିତ ଭାବେ ଏହି କ୍ଷେପଣାସ୍ତ୍ରକୁ ନିର୍ମାଣ କରିଛନ୍ତି। ଭାରତର ବ୍ରହ୍ମପୁତ୍ର ନଦୀ ଓ ରୁଷିଆର ମସ୍କଭା ନଦୀର ନାମ ଅନୁସାରେ ଏହାର ନାମକରଣ କରାଯାଇଥିବା ଡିଆରଡିଓ ପକ୍ଷରୁ ସୂଚିତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ହାସଲ କରିବେ। ଅସୁବିଧାରେ ପଡ଼ିଥିବା ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ବୃଷ** ସକାଳୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ପରିବାର ମଧ୍ୟରେ ବୁଝାମଣା ଭିତ୍ତିରେ କାମ ନ କଲେ କଳହର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବନ୍ଧୁ ପରିଜନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଦୀର୍ଘ ଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା, ଯାନ୍ତ୍ରିକ ତ୍ରୁଟି, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାର କାମରେ ମନୋନିବେଶ କରିପାରନ୍ତି।

**କର୍କଟ** ଦୀର୍ଘଦିନର ପ୍ରତୀକ୍ଷା ପରେ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଖଳଲୋକମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବିଶିଷ୍ଟବ୍ୟକ୍ତିଙ୍କ ସହୃଦୟତାରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ବନ୍ଧୁମାନଙ୍କଠାରୁ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ।

**କନ୍ୟା** ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ବହୁ ପୂର୍ବ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଆତ୍ମୀୟମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ।

**ବିଛା** ଅତୀତ ଘଟଣାକୁ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡିବ, ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଅପରାହ୍ନରେ ସାମାନ୍ୟ ଶାରୀରିକ ଅଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ସାଧାରଣ କଥାରେ ଉତ୍କ୍ଷିପ୍ତ ହୋଇ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମକର** ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ସରକାରୀ କ୍ଷେତ୍ରରୁ ଲାଭର ଆଶା କେତେକାଂଶରେ ମନକୁ ହାଲୁକା କରିଦେବ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ସକାଳୁ ସକାଳୁ ସାଧାରଣ ଯୁକ୍ତତର୍କକୁ କେନ୍ଦ୍ରକରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। ଆର୍ଥିକ ସଂକଟ ମଧ୍ୟଦେଇ ଗତି କରିବାକୁ ପଡ଼ିପାରେ। ଯାତ୍ରା ସମୟରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ।

**ମୀନ** କ୍ରୟବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପକ୍ଷପାତିତାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବାର ଯୋଗ ରହିଛି।

ଆଜି ଆଷାଢ଼ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ମଙ୍ଗଳବାର, ଜୁଲାଇ ୧୩ ତାରିଖ, ରାଶିନକ୍ଷତ୍ର-ମଘା/ ସିଂହ, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫.୧୯ମି. ଗତେ ଘ.୦୭.୫୬ମି. ମଧ୍ୟେ, ଘ.୦୯.୪୧ମି. ଗତେ ଘ.୧୨.୧୮ମି. ମଧ୍ୟେ, ଘ.୦୩.୪୮ମି. ଗତେ ଘ.୦୪.୪୦ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୫ମି. ଗତେ ଘ. ୦୩.୪୮ମି. ମଧ୍ୟେ, ଘ.୦୪.୪୦ମି. ଗତେ ଘ.୦୫.୩୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ. ୦୩.୦୮ମି. ଗତେ ଘ.୦୪.୪୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302







### SALE

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati-6371010864. D-70861

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

ଦୁଇ ବଖରା ଆଜବେଷ୍ଟ ଘର ଥାଇ ସ୍ଥିତିବାନ୍ ଘରବାରି ୫ଡିସିମିଲ ଜାଗା ବିକ୍ରିହେବ @45Lakhs ହାଟବଜାର, ଜଟଣୀ। Owner- 9439270333. D-70864

6000Sqft. Land with Four side wall, Two Rooms, Bath etc. at Nayapalli, Bhubaneswar, Rs.15000.00 / month. Contact : 9777156770, 9437904071. D-21072

### LOST

ମୁଁ ଦେବରାଜ ପ୍ରଧାନ ଜଣାଉଛି ଯେ, ମୋ ନାମରେ ଥିବା ଜମି ଖାତା ନଂ.-୬୦/୪୭, ପ୍ଲଟ୍ ନଂ.-୪୩ରୁ ଏରିଆ 0.05 ଡେସିମିଲ, ମୌଜା- ଦେବଗଡ଼ ଟାଉନ୍, ଥାନା/ ତହସିଲ- ଦେବଗଡ଼, ଜିଲ୍ଲା- ଦେବଗଡ଼ର ରେଜିଷ୍ଟର ସେଲ୍‌ଡିଡ୍ ନଂ.- ୧୦୪୯୧୪୦୦୪୭୮/୨୦୧୪। ମୋ ଘରୁ ଅଫିସକୁ ଯାଉଥିବା ସମୟରେ ଉପରୋକ୍ତ ରେଜିଷ୍ଟର ସେଲ୍‌ଡିଡ୍ କେଉଁଠାରେ ହଜିଯାଇଛି। ଯେ କେହି ସହୃଦୟ ବ୍ୟକ୍ତି ପାଇଥିବେ ଦୟାକରି ମୋବାଇଲ ନଂ.- 8018427508ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୧୦୬୯

### AFFIDAVIT

Affidavit before Notary, Dhenkanal, dtd. 20.06.21, I have changed my name from Ambika Biswal to Ambika Samal after my marriage to Susanta Kumar Samal. My husband serving at 93 DSC Platoon and Service No.-10135825N. Henceforth I shall be known Ambika Samal, W/o. Susanta Kumar Samal, Village-Ballav, Po-Bainsia, PS-Gondia, Dist.-Dhenkanal for all purpose. D-70334

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com






**ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା:** ପହଣ୍ଡି ବିଜେ କରୁଛନ୍ତି ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥ




ଶ୍ରୀସୁଦର୍ଶନ ଓ ମଦନମୋହନଙ୍କୁ ପହଣ୍ଡି ବିଜେ କରାଯାଉଛି



ଦାରୁଦିଅଁଙ୍କ ଲାଗି ଫୁଲ ଓ ତୁଳସୀ ନିଆଯାଉଛି



ବଡ଼ଦାଣ୍ଡରେ ସେବାୟତମାନେ ତାଳଧ୍ୱଜ ରଥ ଟାଣୁଛନ୍ତି



ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି



ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥ ଉପରେ ଛେରାପହଁରା କରୁଛନ୍ତି



ରଥକୁ ଠାକୁରଙ୍କ ସୋଲ ଚିତା ନିଆଯାଉଛି



ରାମ, କୃଷ୍ଣ ରଥକୁ ବିଜେ କରୁଛନ୍ତି



ଶ୍ରୀମନ୍ଦିରକୁ ଫୁଲରେ ସଜାଯାଇଛି



ଘଣ୍ଟୁଆମାନେ ଘଣ୍ଟ ବାଦନ କରୁଛନ୍ତି



ଶରଧାବାଲିରେ ତିନି ରଥ ସମ୍ମୁଖରେ ଜଣେ ହନୁମାନ ବେଶଧାରୀ

ଧରିତ୍ରୀ
DHARITRI
ମଙ୍ଗଳବାର, ୧୩ ଜୁଲାଇ, ୨୦୨୧

> ଏ ପୃଥିବୀ ତିନିପ୍ରକାର ବିପ୍ଲବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। —ଶ୍ରୀଅରବିନ୍ଦ



# ବ୍ୟକ୍ତିଗତ ଆଇନ

ଗତ ସପ୍ତାହରେ ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ବିଚାର କରି କହିଛନ୍ତି ଯେ, ଏବକାର ସ୍ଥିତିରେ ଭାରତ ସକାଶେ ଏକକ ନାଗରିକ ସଂହିତା ବା ୟୁନିଫର୍ମ ସିଭିଲ୍ କୋଡ୍‌ର ଆବଶ୍ୟକତା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରଚଳିତ ବିଭିନ୍ନ ଧର୍ମର ବ୍ୟକ୍ତିଗତ ଆଇନ (ପର୍ସନାଲ ଲ') ପରିବର୍ତ୍ତେ ସବୁ ଭାରତୀୟଙ୍କ ପାଇଁ ବିବାହ, ବିଚ୍ଛେଦ, ଉତ୍ତରାଧିକାର ଏବଂ ପୋଷ୍ୟଗ୍ରହଣ କ୍ଷେତ୍ରରେ ସମାନ ନିୟମ ଅଣାଯିବା ଏହାର ପରିସରଭୁକ୍ତ ହେବା ଦରକାର। ସମ୍ବିଧାନର ଧାରା ୪୪ରେ ସବୁ ଧର୍ମ ପାଇଁ ଏକକ ନାଗରିକ ସଂହିତା ଲାଗୁ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ଥାନର ମୀନା ସମ୍ପ୍ରଦାୟର ଏକ ଛାଡ଼ପତ୍ର ମାମଲାର ଶୁଣାଣି କରିବା ଅବସରରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ପ୍ରତିଭା ଏମ୍ ସିଂହ ଏଭଳି କହିଥିଲେ। ଶୁଣାଣି ବେଳେ ବିଚାରପତି କହିଥିଲେ ଯେ, ଧାରା ୪୪ର ମୁଖ୍ୟ ଉଦ୍ଦେଶ୍ୟ ବୈଷମ୍ୟ ଦୂର କରିବା ଥିବାରୁ ଏହାକୁ ବାସ୍ତବତାରେ ପରିଣତ କରିବାକୁ ହେବ। ସେହିପରି ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୦୧୯ରେ କେନ୍ଦ୍ର ସରକାରଙ୍କୁ କହିଥିଲେ ଯେ ସମ୍ବିଧାନ ପ୍ରଣେତାମାନେ ଏକକ ନାଗରିକ ସଂହିତା ନେଇ ଆଇନ ପ୍ରଣୟନ କରିବା ନିମନ୍ତେ ଆଶା ବ୍ୟକ୍ତ କରିଥିଲେ ମଧ୍ୟ ତାହା ହୋଇପାରିଲା ନାହିଁ। କେବଳ ଗୋଆ ଏହି ଆଇନ ଆଣିବାରେ ସକ୍ଷମ ହୋଇଛି ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ।

ଉପରଲିଖିତ ଘଟଣାକୁ ଦେଖିଲେ ନ୍ୟାୟପାଳିକା ଏକକ ନାଗରିକ ସଂହିତା ସପକ୍ଷରେ ମତ ଦେଉଛନ୍ତି। କିନ୍ତୁ ଭାରତୀୟ ଜନତା ପାର୍ଟି (ଭାଜପା) ତା'ର ନିର୍ବାଚନୀ ଇସ୍ତାହାରରେ ଏହାକୁ ସନ୍ନିବେଶିତ କରିଥିବାରୁ ହିନ୍ଦୁ ବିବାହ ଆଇନକୁ ସମଗ୍ର ଦେଶ ଉପରେ ଲଦି ଦେବାକୁ ଚାହୁଁଛି ବୋଲି କେତେକ ମହିଳା ଗୋଷ୍ଠୀ ଓ ଧର୍ମନିରପେକ୍ଷ ସଙ୍ଗଠନଗୁଡ଼ିକ ଏହାକୁ ବିରୋଧ କରୁଛନ୍ତି। ଏମାନଙ୍କ ଅଭିଯୋଗ ହେଉଛି ଯେ, ଏକକ ନାଗରିକ ସଂହିତା ଲାଗୁ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଦ୍ୟାବଧି ଏହାର ରୂପରେଖ କ'ଣ ହେବ ସେ ସଂକ୍ରାନ୍ତରେ ଚିଠା ପ୍ରସ୍ତୁତ କରିନାହାନ୍ତି କିମ୍ବା ଏ ନେଇ ବ୍ଲୁପ୍ରିଣ୍ଟ ଦେଖିବାକୁ ମିଳିନାହିଁ। ତେଣୁ ଏହାର ସ୍ୱରୂପ କ'ଣ ରହିବ ତାହା ଉପରେ ଅନେକେ ସନ୍ଦିହାନ ଅଛନ୍ତି। ଏଭଳି ସ୍ଥିତିରେ କେନ୍ଦ୍ରରେ ଭାଜପା ସରକାର ଚାଲିଥିବାରୁ ସଂଖ୍ୟାଲଘୁଙ୍କ ବ୍ୟକ୍ତିଗତ ଆଇନ ଅଣଦେଖା ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଥିବା କୁହାଯାଉଛି। ଏଠାରେ ସମ୍ବିଧାନ ପ୍ରଣୟନ ଦିଗରେ କାର୍ଯ୍ୟ କରିଥିବା ଅନ୍ୟତମ ସଦସ୍ୟ ଡକ୍ଟର ବି.ଆର୍. ଆମ୍ବେଡ୍‌କର ସାମ୍ବିଧାନିକ ବିତର୍କରେ ଭାଗ ନେଇ ଦେଇଥିବା ମନ୍ତବ୍ୟକୁ ଉଲ୍ଲେଖ କରାଯାଇପାରେ। ପାଶ୍ଚାତ୍ୟ ଜଗତରେ ଏକକ ନାଗରିକ ସଂହିତା ଲାଗୁ କରାଯାଇଥିବାରୁ ସମାଜରେ ସମାନତା ଓ ଏକତା ଆଣିବା ଦିଗରେ ଏହା ସହାୟକ ହୋଇଥିବା ବିଷୟ ସେ ଦର୍ଶାଇଥିଲେ। ସେହି ଅନୁଯାୟୀ ସେ ଭାରତରେ ଏହାକୁ ଲାଗୁ କରିବା ସପକ୍ଷରେ ଥିଲେ। କିନ୍ତୁ ଏ ଦେଶରେ ବିବିଧ ସଂସ୍କୃତି ଓ ଧର୍ମ ଥିବାରୁ ଏଭଳି ଆଇନ ଅଣାଯିବାକୁ ସାମ୍ବିଧାନିକ ସଭାର ଅନ୍ୟ ସଦସ୍ୟମାନେ ସେତେବେଳେ ବିରୋଧ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଯେ, ଧାରା ୨୫ ଓ ୨୬ରେ ଧର୍ମୀୟ ସ୍ୱାଧୀନତା ଓ ଧର୍ମୀୟ ବ୍ୟାପାର ପରିଚାଳନା ସଂକ୍ରାନ୍ତ ଯେଉଁ ଅଧିକାର ବ୍ୟବସ୍ଥା ରହିଛି, ଏକକ ନାଗରିକ ସଂହିତା ସେଗୁଡ଼ିକୁ ଲଂଘନ କରିବ। ସେଥିପାଇଁ ସରକାର ଏହାକୁ ଭବିଷ୍ୟତରେ କାର୍ଯ୍ୟକାରୀ କରିବାର ଉଦ୍ଦେଶ୍ୟ ରଖି ସମ୍ବିଧାନର ୪ର୍ଥ ଭାଗରେ ରାଜ୍ୟ ନୀତି ନିର୍ଦ୍ଦେଶନାମା ସିଦ୍ଧାନ୍ତ ବା ଡାଇରେକ୍ଟିଭ୍ ପ୍ରିନ୍ସିପୁଲ୍ସ ଅଫ୍ ଷ୍ଟେଟ୍ ପଲିସିରେ ସନ୍ନିବେଶିତ କରାଇଥିଲେ।

ଦିଲ୍ଲୀ ହାଇକୋର୍ଟ ବିଚାରପତିଙ୍କ ମତକୁ ପଢ଼ିଲେ ସ୍ପଷ୍ଟ ବୁଝାପଡୁଛି ଯେ, ନ୍ୟାୟାଳୟର ସମସ୍ୟା କେଉଁଠି ରହିଛି। ସବୁ ଜାତି ଓ ଧର୍ମର ନାଗରିକ ନ୍ୟାୟର ଆଶ୍ରୟ ନେବାକୁ ଇଚ୍ଛୁକ। କିନ୍ତୁ ସମସ୍ତେ ଭିନ୍ନ ପ୍ରକାରର ନ୍ୟାୟ ଆଶା କରୁଥିବାରୁ ନ୍ୟାୟାଳୟ ସକାଶେ ରାୟ ଦେବା କଷ୍ଟକର ହେଉଛି। ନ୍ୟାୟିକ ଦୃଷ୍ଟିକୋଣରୁ ଦେଖିଲେ ବିଚାରପତିମାନେ ସ୍ୱଇଚ୍ଛାରେ ନ୍ୟାୟ ବାଣ୍ଟିପାରିବେ ନାହିଁ। ଆଇନ ପ୍ରଣୟନ କରାଯାଏ ବ୍ୟବସ୍ଥାପକ ବା ଲେଜିସ୍‌ଲେଚର ଦ୍ୱାରା। ଆଧୁନିକ ପୃଥିବୀରେ ଧର୍ମର ଊର୍ଦ୍ଧ୍ୱକୁ ଯାଇ ବ୍ୟକ୍ତିଗତ ଆଇନ ପ୍ରଣୟନ କରାଯିବାର ଗୁରୁତ୍ୱକୁ ଅଣଦେଖା କରାଯାଇପାରିବ ନାହିଁ। ଏଥିସହିତ ଯେଉଁ ଗୋଷ୍ଠୀଗୁଡ଼ିକ ଆଜିର ଭାରତର ରାଜନୈତିକ ନେତୃତ୍ୱର ଆଭିମୁଖ୍ୟ ଉପରେ ସନ୍ଦେହ ପ୍ରକଟ କରୁଛନ୍ତି, ସେମାନଙ୍କୁ ମଧ୍ୟ ଏଡ଼େଇ ଦେଇହେବ ନାହିଁ। ସେଥିପାଇଁ କେବଳ ଧର୍ମ ନୁହେଁ, ଜାତିର ଊର୍ଦ୍ଧ୍ୱକୁ ଉଠିବା ଗୁରୁତ୍ୱପୂର୍ଣ୍ଣ। ଉଦାହରଣ ସ୍ୱରୂପ, ଉତ୍ତର ଭାରତରେ ଦେଖାଦେଉଥିବା ତଥାକଥିତ ଲଭ୍ ଜିହାଦ ସମସ୍ୟାଠାରୁ କାହିଁ ଅଧିକ ଗୁରୁତ୍ୱ ଧାରଣ କରୁଛି ହିନ୍ଦୁ ଧର୍ମ ଭିତରେ ଥିବା ଦୁଇ ବ୍ୟକ୍ତିଙ୍କ ବିବାହ ଯୋଗୁ 'ଅନର୍ କିଲିଂ'ର ଆକ୍ରୋଶମୂଳକ ଚିନ୍ତାଧାରା।

ଭିନ୍ନ ଏକ ଉଦାହରଣ ଉତ୍ତର ପୂର୍ବାଞ୍ଚଳର ମିଜୋରାମର ଜିଓନା ଚାନାଙ୍କୁ ନିଆଯାଇପାରେ। ଗତମାସରେ ତାଙ୍କର ପରଲୋକ ଘଟିଥିଲା। ସେ ମାତ୍ର ୩୮ ମହିଳାଙ୍କୁ ବିବାହ କରିଥିଲେ ଓ ତାଙ୍କର ୮୯ ପିଲା ଅଛନ୍ତି। ହିନ୍ଦୁ ଆଇନ ଅନୁଯାୟୀ ଏତେ ସଂଖ୍ୟକ ବିବାହ କରିବା ବେଆଇନ। ଜିଓନା ଖ୍ରୀଷ୍ଟିଆନର ଚାନା ପାଓ୍ୱଲ ସମ୍ପ୍ରଦାୟର। ଯଦି ତାଙ୍କର କୌଣସି ସ୍ତ୍ରୀ ସମସ୍ୟା ସୃଷ୍ଟି କରିଥାଆନ୍ତେ, ତେବେ ଜିଓନାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଇଥାଆନ୍ତା। ତାହା ଯେକୌଣସି ନ୍ୟାୟାଳୟ ପାଇଁ ସମସ୍ୟା ହୋଇଥାଆନ୍ତା। ସେଠାରେ ଭାରତର ଆଇନ ଅଧିକ ଗୁରୁତ୍ୱ ଧାରଣ କରିଥାଆନ୍ତା ନା ତାଙ୍କ ସମ୍ପ୍ରଦାୟର ଆଇନ ପ୍ରାଧାନ୍ୟଲାଭ କରିଥାଆନ୍ତା, ହୋଇଥାଆନ୍ତା ବିଚାରର ମୁଖ୍ୟ ବିଷୟ। ତଥାପି ଏକକ ନାଗରିକ ସଂହିତା ଅଣାଯିବାର ଆବଶ୍ୟକତାକୁ କେହି ଅସ୍ୱୀକାର କରିବେ ନାହିଁ। ସମସ୍ୟା ହେଉଛି କେଉଁଭଳି ବ୍ୟକ୍ତିବିଶେଷ ଏହି ନୂତନ ଆଇନ ଲେଖିବାରେ ନିଯୁକ୍ତ ହେବେ। ଆଜିର ରାଜନେତାଙ୍କ ଆନ୍ତରିକତା ଉପରେ କେବଳ ସଂଖ୍ୟାଲଘୁ ନୁହେଁ, ଅନେକ ସଂଖ୍ୟାଗରିଷ୍ଠଙ୍କ ସନ୍ଦେହ ରହିଛି। ଏଭଳି ବାତାବରଣରେ ନୂତନ ଆଇନ ସୃଷ୍ଟି କରିବା ଅତ୍ୟନ୍ତ କଷ୍ଟକର।

# ପାଠ ଓ ପରୀକ୍ଷା



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାମାରୀ କରୋନା ଦେଶର ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରିଥିଲେ ବି ସେଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବ୍ୟବସ୍ଥା। ପ୍ରାଥମିକଠୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସବୁ ଶୈକ୍ଷିକ ଅନୁଷ୍ଠାନରେ ଏବେ ସୁଦ୍ଧା ଝୁଲୁଛି ତାଲା। ଅନ୍‌ଲାଇନ ମାଧ୍ୟମରେ ପାଠପଢ଼ା କିଛି ମାତ୍ରାରେ ସମ୍ଭବ ହୋଇଥିଲେ ବି ସମ୍ପୂର୍ଣ୍ଣ ପରୀକ୍ଷା ବର୍ଷକୁ ଧୋଇ ନେଇଛି କରୋନା। ବିନା ପରୀକ୍ଷାରେ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି ଏବଂ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଦ୍ୱାଦଶ ଶ୍ରେଣୀ ଫଳ ପ୍ରକାଶ ପାଇଁ ଆରମ୍ଭ ହୋଇଛି ମୂଲ୍ୟାୟନ ପ୍ରକ୍ରିୟା। ଦ୍ୱାଦଶ (+୨) ଶ୍ରେଣୀରେ ଆଭ୍ୟନ୍ତରୀଣ ବା ଇଣ୍ଟରନାଲ ପରୀକ୍ଷା ବ୍ୟବସ୍ଥା ନ ଥିବାରୁ ତା'ର ମୂଲ୍ୟାୟନ ପଦ୍ଧତି ନିର୍ଦ୍ଧାରଣକୁ ନେଇ ଘଣ୍ଟା ଚକଟା ସରିଛି ଏବଂ ବୈଷୟିକ କମିଟିର ସୁପାରିସ କ୍ରମେ ଦଶମ ଶ୍ରେଣୀ ପରୀକ୍ଷା ପ୍ରଦର୍ଶନ ଆଧାରରେ ମୂଲ୍ୟାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ଯେଉଁ ଛାତ୍ରୀଛାତ୍ର ପରୀକ୍ଷା ଫଳକୁ ନେଇ ଅସନ୍ତୋଷ ପ୍ରକାଶ କରିବେ, ସେମାନେ ଚାହିଁଲେ ପାରମ୍ପରିକ ପଦ୍ଧତିରେ ପରୀକ୍ଷା ଦେଇପାରିବେ ସ୍ଥିତି ସୁଧୁରିଲା ପରେ। ଅସନ୍ତୁଷ୍ଟମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପରୀକ୍ଷା ହେଉ କି ନ ହେଉ, ଏଭଳି ମୂଲ୍ୟାୟନ ପଦ୍ଧତି ଦ୍ୱାରା ଅନେକ ପରିଶ୍ରମୀ ଛାତ୍ରୀଛାତ୍ର ଯେ କ୍ଷତିଗ୍ରସ୍ତ ହେବେ, ତାହା ନିଃସନ୍ଦେହ। ତେବେ ପ୍ରଶ୍ନ ଉଠେ, ବିଶେଷଜ୍ଞ କମିଟି ଏମିତି ଏକ ପଦ୍ଧତିକୁ କାହିଁକି ବାଛିଲେ, ଯାହା ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ଦେଇପାରିବନି ସମୁଚିତ ନ୍ୟାୟ। ଏହାର କାରଣ ବୋଧହୁଏ ଆଉ କିଛି ବିକଳ୍ପ ନ ଥିଲା ବିଶେଷଜ୍ଞ କମିଟି ଆଗରେ। ଅସଲ କଥାଟି ହେଉଛି ପରୀକ୍ଷା ନ କରି ମେଧା ମୂଲ୍ୟାଙ୍କନ ପାଇଁ ଯେକୌଣସି ପଦ୍ଧତି ଅବଲମ୍ବନ କଲେ ବି କିଛି ପରୀକ୍ଷାର୍ଥୀ ନ୍ୟାୟରୁ ବଞ୍ଚିତ ହେବା ସ୍ୱାଭାବିକ। ସୁତରାଂ କେଉଁ ପଦ୍ଧତି ଦ୍ୱାରା ମୂଲ୍ୟାଙ୍କନ ହେବ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ପରୀକ୍ଷା ନ କରି ଫଳ ପ୍ରକାଶ କରିବାର ନକାରାତ୍ମକ ପ୍ରଭାବ।

ସାଧାରଣତଃ ଛାତ୍ର ଜୀବନର ମହତ୍ତ୍ୱକୁ ପ୍ରତିପାଦନ କରେ ପରୀକ୍ଷା। ଜ୍ଞାନ ଆହରଣ ଶିକ୍ଷା ଲାଭର ଅସଲ ଉଦ୍ଦେଶ୍ୟ ହୋଇପାରେ, ମାତ୍ର ପାଠକୁ ଆୟତ୍ତ କରିବାର ଅସଲ ଚାବିକାଠି ହେଉଛି ଅଭ୍ୟାସ। ମୁଣ୍ଡ ଉପରେ ପରୀକ୍ଷା ଥିଲେ ଅଭ୍ୟାସ ଉପରେ ଅଧିକ ଗୁରୁତ୍ୱ ଦିଏ ବିଦ୍ୟାର୍ଥୀ। ଅର୍ଥାତ୍ ଅଭ୍ୟାସ ପାଇଁ ବିଦ୍ୟାର୍ଥୀକୁ ପ୍ରରୋଚିତ କରେ ପରୀକ୍ଷା। ପରୀକ୍ଷା ତାକୁ ଜଣେଇଦିଏ ସେ କେତେ ଜାଣିଛି ଓ ଆଉ କେତେ ବାକି ଅଛି ଜାଣିବା ପାଇଁ। ଅର୍ଥାତ୍ ବିଦ୍ୟାର୍ଥୀ ପାଇଁ ପାଠ ଓ ପରୀକ୍ଷା ପରସ୍ପର ପରିପୂରକ। ଉପଯୁକ୍ତ ଶିକ୍ଷା ଯେମିତି ବିଦ୍ୟାର୍ଥୀ ଭିତରେ ସାମର୍ଥ୍ୟ ସୃଷ୍ଟିକରେ, ପରୀକ୍ଷାର ସଫଳତା ସେମିତି ତା'ର ଉଚ୍ଚାକାଂକ୍ଷା ଚରିତାର୍ଥ ପାଇଁ ଖୋଲିଦିଏ ଉଚ୍ଚଶିକ୍ଷାର ମାର୍ଗ। ପରୀକ୍ଷା କେବଳ ପ୍ରମାଣପତ୍ର ଦିଏନି, ଏଥିସହିତ ଆଣିଦିଏ ଅଭିଜ୍ଞତା ଓ ଆତ୍ମସନ୍ତୋଷ। ସେଥିପାଇଁ କୁହାଯାଏ ପରୀକ୍ଷା ନ ଥିଲେ ବି ଗତି ଅବ୍ୟାହତ ରହିପାରେ, ମାତ୍ର ଏହାଦ୍ୱାରା ବାଧାପ୍ରାପ୍ତ ହୁଏ ଆତ୍ମ ପ୍ରଗତି।

ଦ୍ୱିତୀୟ ଲହର କୋଭିଡ୍‌ର ଭୟାବହତା ଦୃଷ୍ଟିରୁ ପିଲାଙ୍କ ସ୍ୱାସ୍ଥ୍ୟ ନିରାପତ୍ତା ସରକାରଙ୍କର ପ୍ରାଥମିକତା ହୋଇପାରେ, ମାତ୍ର ପିଲାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଆଳରେ ପରୀକ୍ଷା ବାତିଲ କରିବା ନିଷ୍ପତ୍ତି କ'ଣ ବିକଳ୍ପହୀନ। ଗଭୀର ଅନୁଶୀଳନରୁ ଜଣାଯାଏ ପିଲାଙ୍କ ସୁରକ୍ଷା ଆଳରେ ପରୀକ୍ଷା ବାତିଲ କରିବା ଏକ ସହଜ ଉପାୟ ନା ପ୍ରଶାସନିକ ଦକ୍ଷତାର ପରିଚୟ? ଅର୍ଥାତ୍ ଯେଉଁ ବିଶେଷଜ୍ଞମାନଙ୍କ ଦ୍ୱାରା ନିର୍ଦ୍ଧାରଣ ହେଲା ମୂଲ୍ୟାଙ୍କନ ପଦ୍ଧତି, ସେମାନଙ୍କ ସହାୟତାରେ କ'ଣ ବାହାରି ପାରି ନ ଥା'ନ୍ତା ପାରମ୍ପରିକ ପରୀକ୍ଷା ପଦ୍ଧତିର ବିକଳ୍ପ ବ୍ୟବସ୍ଥା। କିନ୍ତୁ ସେଭଳି କିଛି ପଦକ୍ଷେପ ନେବା ପରିବର୍ତ୍ତେ ପରୀକ୍ଷା ବାତିଲ କଲେ ସରକାର। ଏହାଦ୍ୱାରା ଶିକ୍ଷାପ୍ରେମୀଙ୍କ ମନରେ ଯେତିକି ଆଘାତ ସୃଷ୍ଟି ହେଲା, ସେତିକି ହତୋତ୍ସାହିତ ହେଲେ ମେଧାବୀ ଛାତ୍ରୀଛାତ୍ର। ସବୁଠାରୁ ବଡ଼ କଥା ହେଲା ସରକାରଙ୍କର ଏଭଳି ନିଷ୍ପତ୍ତି ପିଲାଙ୍କ ଭିତରେ ତିଆରି କଲା ପରୀକ୍ଷା ନ ଦେଇ ଉତ୍ତୀର୍ଣ୍ଣ ହେବାର ଏକ ରୁଗ୍ଣ ମାନସିକତା। ସେମାନଙ୍କ ଭିତରେ ଏହି ଭାବନା ଯେତେ ବଳବତ୍ତର ହେବ, ସେତେ ଦୁର୍ବଳ ହୋଇପଡ଼ିବ ଆମ ଶିକ୍ଷା ବ୍ୟବସ୍ଥା। ଏହି ପରିପ୍ରେକ୍ଷୀରେ ମନରେ ସ୍ୱତଃ ପ୍ରଶ୍ନ ଉଠେ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଅଗ୍ରାଧିକାର ଦେଇ କ'ଣ ଖୋଜା ଯାଇ ପାରି ନ ଥା'ନ୍ତା ପାରମ୍ପରିକ ପରୀକ୍ଷା ପଦ୍ଧତିର ବିକଳ୍ପ ବ୍ୟବସ୍ଥା?

ଏହି ପରିପ୍ରେକ୍ଷୀରେ ପ୍ରଥମ କଥାଟି ହେଉଛି ଲକ୍‌ଡାଉନ୍ କାଳରେ ଯଦି ଅନ୍ ଲାଇନ କ୍ଲାସ ହୋଇପାରୁଛି, ତେବେ ଅନ୍‌ଲାଇନ ପରୀକ୍ଷା ହୋଇପାରିବନି କାହିଁକି? କେହି ହୁଏତ କହିପାରେ ପିଲା ଘରେ ବସି ଅନ୍‌ଲାଇନରେ ପରୀକ୍ଷା ଦେଲେ କେବେ ବି ରହିବନି ପରୀକ୍ଷାର ସ୍ୱଚ୍ଛତା। ମାତ୍ର ଏଭଳି ନକାରାତ୍ମକ ଭାବନା ପୋଷଣ କରିବା ପୂର୍ବରୁ ଆମର ଜାଣି ରଖିବା ଦରକାର ପରୀକ୍ଷାର ପୂର୍ଣ୍ଣସଂଯୋଗ ଓ ସମୟ ହ୍ରାସ କରିବା ସହିତ ଏମିତି ଢାଞ୍ଚାରେ ବି ପ୍ରଶ୍ନ ତିଆରି କରାଯାଇପାରେ; ଯଦ୍ୱାରା ଘରେ ବସି ପରୀକ୍ଷା ଦେଲେ ବି ପରୀକ୍ଷାର୍ଥୀ ପାଇବନି ଅସତ୍ ଉପାୟ ଅବଲମ୍ବନ କରିବାର ସୁଯୋଗ। ବରଂ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଅନ୍‌ଲାଇନ ପାଠ ପଢ଼ା ହେଉ କି ପରୀକ୍ଷା ହେଉ, ତା'ର ସଫଳତା ନିର୍ଭର କରେ ପ୍ରଯୁକ୍ତି ସାଧନ ସଂକଳ୍ପ ବା ଭିତ୍ତିଭୂମିର ବିକାଶ ଉପରେ। ଲକ୍‌ଡାଉନ୍ କାରଣରୁ ୨୦୨୦ ମସିହା ଏପ୍ରିଲରୁ (ସ୍କୁଲ ସ୍ତରରେ)ଆମ ରାଜ୍ୟରେ ଆରମ୍ଭ ହେଲା ଅନ୍‌ଲାଇନ ପାଠପଢ଼ା। ଅନ୍‌ଲାଇନ ଶିକ୍ଷା ଶ୍ରେଣୀଗୃହ ଶିକ୍ଷାର ସମକକ୍ଷ ନ ହେଲେ ମଧ୍ୟ ଲକ୍‌ଡାଉନ ସମୟରେ ପିଲାଙ୍କ ପାଖରେ ପାଠ ପହଞ୍ଚାଇବା ପାଇଁ ଏହା ହିଁ ଥିଲା ସବୁଠାରୁ ଭଲ ବ୍ୟବସ୍ଥା। ମାତ୍ର ଏହାର ସଫଳତା ଦିଗରେ ବାଧକ ହୋଇ ଠିଆ ହେଲା ପ୍ରଯୁକ୍ତି ସାଧନ ଅଭାବ। କାରଣ ଆମ ରାଜ୍ୟର ସବୁ ଅଞ୍ଚଳରେ ଇଣ୍ଟରନେଟ ସେବା ଉପଲବ୍ଧ ନୁହେଁ କି ସବୁ ପିଲାଙ୍କ ପାଖରେ ନାହିଁ ଆଣ୍ଡରୋଇଡ୍ ଫୋନ। ସରକାର ଏହି ଅଭାବ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେବା ଫଳରେ ଅନ୍‌ଲାଇନ ଶିକ୍ଷା ଲାଭରୁ ବଞ୍ଚିତ ହେଲେ ବହୁସଂଖ୍ୟାର ଛାତ୍ରୀଛାତ୍ର। ଅଥଚ ଶିକ୍ଷା ସବୁ ପିଲାଙ୍କର ମୌଳିକ ଅଧିକାର ଏବଂ ସେମାନଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ସରକାରଙ୍କର ସାମ୍ବିଧାନିକ ଦାୟିତ୍ୱ। ସେ ଦାୟିତ୍ୱ ନିର୍ବାହ କରିବା ପାଇଁ ହୁଏତ ରାଜକୋଷରୁ ବିନିଯୋଗ ହୋଇଥାନ୍ତା ବିପୁଳ ଅର୍ଥ। ହେଲେ ଆମ ଶିକ୍ଷା ବ୍ୟବସ୍ଥାକୁ ଆଗେଇ ନେବା ପାଇଁ ତାହା କିଛି ଅନୁଦାନ ବା ଅନୁକମ୍ପା ନୁହେଁ, ବରଂ ସାମାଜିକ ପ୍ରଗତି ଓ ସଂହତି ପାଇଁ ଏକ ମୌଳିକ ଆବଶ୍ୟକତା। ସରକାର ଏକଥା ଉପଲବ୍ଧି କରିଥିଲେ ହୁଏତ ଅନ୍‌ଲାଇନ ଶିକ୍ଷାର ବିଫଳତା ସମ୍ପର୍କରେ ଆଜି ଚର୍ଚ୍ଚା ହେଉ ନ ଥାନ୍ତା କି କରୋନାରେ ଧୋଇ ଯାଇ ନ ଥାନ୍ତା ସମ୍ପୂର୍ଣ୍ଣ ପରୀକ୍ଷାବର୍ଷ।

ପରବର୍ତ୍ତୀ କଥାଟି ହେଉଛି ଆଭ୍ୟନ୍ତରୀଣ ପରୀକ୍ଷା ପ୍ରତି ଅବହେଳା। ଚଳିତବର୍ଷ ଆରମ୍ଭରେ କରୋନା ସ୍ଥିତିରେ ସୁଧାର ଆସିବା ପରେ ଶ୍ରେଣୀଗୃହ ଶିକ୍ଷାଦାନ ପାଇଁ ସରକାର ନିଷ୍ପତ୍ତି ନେଲେ ଏବଂ ତଦନୁଯାୟୀ ଜାନୁୟାରୀ ଆଠ ତାରିଖରୁ କୋଭିଡ୍ କଟକଣା ଭିତରେ ଆରମ୍ଭ ହେଲା (+୨) ପାଠପଢ଼ା। ରବିବାରକୁ ମିଶାଇ ଶହେଟି କାର୍ଯ୍ୟ ଦିବସ ମଧ୍ୟରେ ପ୍ରାୟ ବିଷୟ ଶେଷ କରିବାକୁ ଧାର୍ଯ୍ୟ ହେଲା ଲକ୍ଷ୍ୟ, ମାତ୍ର ଶହେ ଦିନ ପୂରା ହେବା ପୂର୍ବରୁ ଦ୍ୱିତୀୟ ଲହର କରୋନାର ଭୟାବହତାକୁ ଦେଖି ଜାରି ହେଲା ଲକ୍‌ଡାଉନ୍। ସେଇଠି ଅଟକି ରହିଲା ଶ୍ରେଣୀ ଗୃହ ପାଠପଢ଼ା। ଅବଶ୍ୟ ସେତେବେଳକୁ ଏକ ପ୍ରକାର ନିର୍ଦ୍ଧାରିତ ପ୍ରାୟ ବିଷୟ ସରି ଯାଇଥିଲା କହିଲେ ଚଳେ। ମାତ୍ର ଏହି ତିନି ମାସ ମଧ୍ୟରେ ବିକଳ୍ପ ପରୀକ୍ଷା ପଦ୍ଧତି ସଜଡ଼ା ଯାଇପାରିଲାନି କି ଆଭ୍ୟନ୍ତରୀଣ ପରୀକ୍ଷା ଉପରେ ଦିଆ ଗଲାନି ଗୁରୁତ୍ୱ। ଅଥଚ କରୋନା ପ୍ରତ୍ୟାବର୍ତ୍ତନ ଆଶଙ୍କାଜନିତ ଅନିଶ୍ଚିତତା ଦୃଷ୍ଟିରୁ ଅତ୍ୟନ୍ତ ଆବଶ୍ୟକ ଥିଲା ପାକ୍ଷିକ ବା ମାସିକ ପରୀକ୍ଷା। ବିଧିବଦ୍ଧ ଭାବରେ ଆଭ୍ୟନ୍ତରୀଣ ପରୀକ୍ଷା ଅନୁଷ୍ଠିତ ହୋଇଥିଲେ ଆଜି ମୂଲ୍ୟାୟନ କେମିତି ହେବ, ତାକୁ ନେଇ ଉଠି ନ ଥାନ୍ତା ବହୁ ମୂଲ୍ୟର ପ୍ରଶ୍ନ। ଏହା ଦୂରଦୃଷ୍ଟିର ଅଭାବ ନୁହେଁ ତ ଆଉ କ'ଣ?

ମନରେ ଉଙ୍କି ମାରୁଥିବା ପରବର୍ତ୍ତୀ ପ୍ରଶ୍ନଟି ହେଉଛି ପାରମ୍ପରିକ ପଦ୍ଧତିରେ ପରୀକ୍ଷା କ'ଣ ସମ୍ଭବ ନୁହେଁ କଡ଼ାକଡ଼ି କୋଭିଡ୍ କଟକଣା ଭିତରେ? ସରକାର ଚାହିଁଥିଲେ ୧୦୦ ନମ୍ବର ପରିବର୍ତ୍ତେ ୫୦ କିମ୍ବା ୩୦ ପୂର୍ଣ୍ଣସଂଖ୍ୟାର ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନକୁ ନେଇ ପରୀକ୍ଷା ହୋଇପାରିଥାନ୍ତା ଘଣ୍ଟାଏ ବା ଅଧଘଣ୍ଟାର ଅବଧି ମଧ୍ୟରେ। ସଂଗରୋଧ କଟକଣାକୁ ଅଗ୍ରାଧିକାର ଦେଇ ପରୀକ୍ଷା କେନ୍ଦ୍ରରେ ରହିଥାନ୍ତା ପର୍ଯ୍ୟାପ୍ତ ବ୍ୟବସ୍ଥା। ଆବଶ୍ୟକ ସ୍ଥଳେ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟ ଗୃହରେ ବି ହୋଇଥାନ୍ତା ଦ୍ୱାଦଶ ଶ୍ରେଣୀ ପରୀକ୍ଷା। ଯିଏ ଯେଉଁ ଶିକ୍ଷାଳୟର ପରୀକ୍ଷାର୍ଥୀ ହେଉନା କାହିଁକି ସେ ପରୀକ୍ଷା ଦେଇଥାନ୍ତା ନିଜ ଗାଁ ବା ନିକଟସ୍ଥ ସ୍କୁଲ କଲେଜରେ। ସ୍ଥାନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ବିଷୟର ପରୀକ୍ଷାକୁ ଅଲଗା ଅଲଗା ଅଞ୍ଚଳରେ ଭିନ୍ନ ଭିନ୍ନ ତାରିଖରେ ବି କରାଯାଇ ପାରିଥାନ୍ତା ଏବଂ ସେହି ଅନୁସାରେ ତିଆରି ହୋଇଥାନ୍ତା ଅଲଗା ଅଲଗା ପ୍ରଶ୍ନପତ୍ର। ଶେଷ କଥାଟି ହେଉଛି ପରୀକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟ ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଓ ଯୁଦ୍ଧକାଳୀନ ଭିତ୍ତିରେ ହୋଇପାରିଥାନ୍ତା ଟିକାକରଣ ବ୍ୟବସ୍ଥା। ଟିକାର ଦୁଇ ପାନ (ଡୋଜ)ମଧ୍ୟରେ ବ୍ୟବଧାନକୁ ନେଇ କେହି ହୁଏତ ଏହାକୁ ହାସ୍ୟାସ୍ପଦ କହିପାରନ୍ତି, ମାତ୍ର ଏହା ସମ୍ଭବ ହୋଇପାରିଥାନ୍ତା ସରକାରଙ୍କ ଆନ୍ତରିକତା ଓ ଦୂରଦୃଷ୍ଟି ବଳରେ। ଯଦି ଏତେ ସବୁ ବ୍ୟବସ୍ଥା ପିଲାଙ୍କ ନିରାପତ୍ତା ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ସରକାର ଭାବୁଥିଲେ, ତେବେ ପରୀକ୍ଷା ବାତିଲ ନ କରି ସ୍ଥିତି ସୁଧୁରିବା ଆଶାରେ ଆଉ କିଛି ଦିନ ଅପେକ୍ଷା କରିଥିଲେ କ'ଣ ଆକାଶ ଛିଡ଼ି ପଡ଼ିଥାନ୍ତା ନା ଓଲଟପାଲଟ ହୋଇ ଯାଇଥାନ୍ତା ପୃଥିବୀ?

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡ଼ା, ମୟୂରଭଞ୍ଜ

# କରୋନାର ନୂଆ ଲକ୍ଷଣ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତରେ ପ୍ରଥମେ ଠାବ ହୋଇଥିବା ଅଭିନବ କରୋନା ଭୂତାଣୁର ରୂପାନ୍ତରିତ ଡେଲ୍‌ଟା ପ୍ରଜାତି (ବି.1.617.2) ପ୍ରଥମେ ଠାବ ହୋଇଥିବା ଆଲ୍‌ଫା ପ୍ରଜାତି (ବି.1.1.7) ଅପେକ୍ଷା ଅଧିକ ସଂକ୍ରମଣଶୀଳ ବୋଲି ଆନ୍ତର୍ଜାତିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ଜାରି ରହିଛି। ବର୍ତ୍ତମାନ ରାଜ୍ୟରେ ଟିକାକରଣ ବ୍ୟାପକ ହୋଇଛି, ଯଦ୍ୱାରା ଆଖିଦୃଶିଆ କରୋନା ଉପରେ ନିୟନ୍ତ୍ରଣ ରଖାଯାଇଛି। ବର୍ତ୍ତମାନ ଓଡ଼ିଶାରେ ଡେଲ୍‌ଟା ପ୍ଲସ ମଧ୍ୟ ଦେଖାଗଲାଣି।

ଦିନକୁ ଦିନ କରୋନାର ନୂଆ ନୂଆ ଲକ୍ଷଣ ଦେଖିବାକୁ ମିଳୁଛି। ପେଟଜନିତ ରୋଗ ବି କରୋନାର ପ୍ରାକ୍ ଲକ୍ଷଣ ହୋଇପାରେ। ତରଳ ଝାଡ଼ା, ବାନ୍ତି ବାନ୍ତି ଲାଗିବା, ବାନ୍ତି ହେବା, ପେଟରେ ଯନ୍ତ୍ରଣା ହେବା, ଭୋକ କମିଯିବା, ସ୍ୱାଦ ବା ଗନ୍ଧ ହରାଇବା ଆଦି ଏହି ନୂଆ ରୋଗର ଲକ୍ଷଣ ହୋଇପାରେ। ତେଣୁ ଏସବୁ ଲକ୍ଷଣ ଦେଖାଦେଉଥିଲେ ରୋଗୀମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ଏସବୁ ଲକ୍ଷଣ ଥାଇ ରୋଗୀ ବିଳମ୍ବରେ ଡାକ୍ତରଖାନା ଆସିବା ଦ୍ୱାରା କରୋନା ଚିକିତ୍ସା ବିଳମ୍ବ ହୋଇଯାଉଛି। ଫଳରେ କରୋନାରେ ଆକ୍ରାନ୍ତ ହୋଇଥିଲେ ଜୀବନ ପ୍ରତି ବିପଦ ରହୁଛି। ବର୍ତ୍ତମାନ ସମୟରେ ପତଳା ଝାଡ଼ା ହୋଇ କୋଭିଡ୍ ପଜିଟିଭ ହେବାର ବହୁତ ନମୁନା ଦେଖିବାକୁ ମିଳୁଛି। ଯଦି ଏସବୁ ଲକ୍ଷଣକୁ ହାଲୁକା ଭାବେ ନିଆଯାଏ ଏବଂ ଚିକିତ୍ସା କରାନଯାଏ, ତା'ହେଲେ ପରେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏପରିକି ପେଟରୋଗର ସାମାନ୍ୟ ଲକ୍ଷଣ ଦେଖାଗଲେ ମଧ୍ୟ ଯକୃତ ଉପରେ ତାହାର ପ୍ରଭାବ ପଡ଼ିବା ପୂର୍ବରୁ ଲୋକମାନେ ପରୀକ୍ଷା କରାଇ ନେବା ଆବଶ୍ୟକ।

ଏସ୍-୨ ରିସେପ୍ଟର ମାଧ୍ୟମରେ କୌଣସି ଭୂତାଣୁ ଶରୀର ମଧ୍ୟକୁ ପ୍ରବେଶ କରି ବ୍ୟାପିଥାଏ। ଏସ୍-୨ ରିସେପ୍ଟର ଖାଦ୍ୟନଳୀରେ ମଧ୍ୟ ରହିଥାଏ। ଅର୍ଥାତ୍ ଖାଦ୍ୟନଳୀ ମାଧ୍ୟମରେ ବି କରୋନା ଭୂତାଣୁ ବ୍ୟାପିପାରିବ। ଯକୃତ ଏବଂ ଖାଦ୍ୟନଳୀରେ କରୋନା ଭୂତାଣୁ ରହିଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ବି ଜଣାଯାଇଛି। ତେଣୁ ପେଟଜନିତ ରୋଗ ଭୋଗୁଥିବା ବ୍ୟକ୍ତିମାନେ କରୋନା ପରୀକ୍ଷା କରାଇ ନେବା ଆବଶ୍ୟକ। ଏହାହେଲେ ସଂପୃକ୍ତ ବ୍ୟକ୍ତି କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି କି ନାହିଁ ତାହା ଜଣାପଡ଼ିବ। ଡାକ୍ତରମାନେ ଏହା ମଧ୍ୟ କହିଛନ୍ତି, ଚାଇନାର ଉହାନ୍ ସହର ଯେଉଁଠି କରୋନା ରୋଗର ଉତ୍ପତ୍ତି ହୋଇଥିଲା, ସେଠାରେ ୭ ପ୍ରତିଶତ ରୋଗୀ ପେଟଜନିତ ରୋଗରେ ପୀଡ଼ିତ ହୋଇଥିବା ଜଣାଯାଇଛି। ପେଟଜନିତ ରୋଗର ଲକ୍ଷଣକୁ ଅଣଦେଖା କଲେ ଜଣଙ୍କର କରୋନା ଚିକିତ୍ସା ମଧ୍ୟ ବିଳମ୍ବିତ ହେବ। ଯକୃତକୁ ଦୁଇଟି ଉପାୟରେ କରୋନା ଭୂତାଣୁ ପ୍ରଭାବିତ କରିପାରେ। ପ୍ରଥମତଃ ଏହା ସିଧାସଳଖ ଯକୃତକୁ ପ୍ରଭାବିତ କରିଥାଏ, ଯାହାକୁ ଡାକ୍ତରୀ ଭାଷାରେ ସାଇଟୋଟକ୍ସିକ୍ କୁହାଯାଏ। ଦ୍ୱିତୀୟତଃ ଇମ୍ୟୁନୋଲୋଜିକାଲ ଆଘାତ। ଏହାଦ୍ୱାରା ଯକୃତ ଏନ୍‌ଜାଇମ କ୍ଷରଣ ବହୁଗୁଣିତ ହୋଇ ଯକୃତ ଅକାମୀ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିବାର ଆଶଙ୍କା ରହିଥାଏ। ସାଧାରଣତଃ ୧୫% କରୋନା ଆକ୍ରାନ୍ତଙ୍କ କ୍ଷେତ୍ରରେ ପେଟ ଓ ଯକୃତଜନିତ ଲକ୍ଷଣ ଦେଖାଯାଉଛି। ସାମାନ୍ୟ ଧରଣର ପତଳା ଝାଡ଼ା ପାଞ୍ଚରୁ ତେରଦିନ ଭିତରେ ଦେଖାଦିଏ ଏବଂ ଏହା ସାଧାରଣ ଔଷଧ ଓ ଓଆରଏସ୍ ସେବନ କରିବା ଦ୍ୱାରା ଠିକ୍ ହୋଇଯାଏ। କେତେକ କ୍ଷେତ୍ରରେ ଝାଡ଼ାରେ ରକ୍ତ ପଡ଼ିଥାଏ ଓ ବେଳେବେଳେ ଭୟଙ୍କର ରକ୍ତଝାଡ଼ା ରୂପ ନେଇଥାଏ। ଏହି କ୍ଷେତ୍ରରେ ରୋଗୀକୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଏ। ଲଣ୍ଡନସ୍ଥିତ କିଙ୍ଗ୍‌ସ କଲେଜର ଅଧ୍ୟୟନରୁ ଜଣାଯାଇଛି ଯେ, ଡେଲ୍‌ଟା ପ୍ଲସ ଆକ୍ରାନ୍ତଙ୍କଠାରେ ମଧ୍ୟ ପେଟ ସମସ୍ୟା ଦେଖିବାକୁ ମିଳୁଛି। ଆକ୍ରାନ୍ତଙ୍କ ପେଟରେ ପ୍ରବଳ ଯନ୍ତ୍ରଣା ହେଉଛି। ବାନ୍ତି ଲାଗୁଛି ଓ ଭୋକ କମିଯାଉଛି। ଶ୍ରବଣ ଶକ୍ତି କମିଯାଉଛି। ଗଣ୍ଠି ଓ ମାଂସପେଶୀରେ ଭୀଷଣ ଘୋଳାବିନ୍ଧା ହେଉଛି। ଯକୃତ ସମସ୍ୟା (ହେପାଟାଇଟିସ୍) ମଧ୍ୟ କେତେକ କ୍ଷେତ୍ରରେ ଦେଖାଦିଏ। ସାଧାରଣତଃ ଏହା ସାମାନ୍ୟ ଧରଣର ଥାଏ। କିନ୍ତୁ କିଛି କ୍ଷେତ୍ରରେ ଏହା ଉଗ୍ର ରୂପ ଧାରଣ କରି ଲିଭର ଫେଲ୍ୟୁଅରକୁ ଗତିକରେ। ଯେଉଁ ବ୍ୟକ୍ତିମାନେ ପୂର୍ବରୁ ମଦ୍ୟପାନ ଓ ହେପାଟାଇଟିସ୍ ବି ଓ ସି ଜନିତ ଯକୃତ ରୋଗରେ ପୀଡ଼ିତ ଥାଆନ୍ତି, ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବାରୁ କରୋନା ସେମାନଙ୍କ କ୍ଷେତ୍ରରେ ଭୟଙ୍କର କ୍ଷତି କରିଥାଏ। ଅନେକାଂଶରେ ଏହା ରୋଗୀକୁ ମୃତ୍ୟୁମୁଖକୁ ନେଇଯାଏ। କିଛି କ୍ଷେତ୍ରରେ ଅଗ୍ନ୍ୟାଶୟ (ପ୍ୟାନକ୍ରିୟାଜ୍) ମଧ୍ୟ ଆକ୍ରାନ୍ତ ହୋଇଥାଏ ଓ ତୀବ୍ର ଆକାର ଧାରଣ କରେ। ସେହିପରି ଖାଦ୍ୟନଳୀ ଅବରୋଧ (ଇଣ୍ଟେଷ୍ଟାଇନାଲ ଅବଷ୍ଟ୍ରାକଷନ) ଓ ଆପେଣ୍ଡିସାଇଟସ୍ ମଧ୍ୟ ଦେଖାଦିଏ। ଏହିସବୁ କ୍ଷେତ୍ରରେ ଅସ୍ତ୍ରୋପଚାର ଆବଶ୍ୟକ ହୋଇଥାଏ।

ଆମ ଦେଶରେ ଡେଲ୍‌ଟା ଷ୍ଟ୍ରେନ୍ ଅଛି। ବୟସ୍କ ଲୋକଙ୍କ କ୍ଷେତ୍ରରେ ଧୀରେ ଧୀରେ ଆଣ୍ଟିବଡି କମୁଛି। ସେହିପରି ସମୟ ବଢ଼ିବା ଅନୁପାତରେ ମଧ୍ୟ ଏହା ହ୍ରାସ ପାଇଥାଏ। ଯାହାର ପ୍ରତିରୋଧକ ଶକ୍ତି କମ ରହୁଛି ୬ରୁ ୮ ମାସ ପରେ ସେମାନଙ୍କୁ ଆଉ ଗୋଟିଏ ବୁଷ୍ଟର ଡୋଜ୍ ଦେବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଯଦି ଆମେ ଫାଇଜର ଟିକା ନେଇଥା'ନ୍ତେ, ତେବେ ଆମର ପ୍ରତିରୋଧକ ଶକ୍ତି କମ୍ ରହିଥାନ୍ତା। ବିଶେଷଜ୍ଞଙ୍କ ମତ ଅନୁସାରେ, ଡିସେମ୍ବରରୁ ଜାନୁୟାରୀ ମଧ୍ୟରେ ତୃତୀୟ ଲହର ଆସିପାରେ। ଯେଉଁମାନେ ଟିକା ନେଇଥିବେ, ସେ ସମୟରେ ସେମାନଙ୍କ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବ। ଏଣୁ ସେମାନେ ପୁଣିଥରେ ସଂକ୍ରମିତ ହେବାର ଆଶଙ୍କା ରହିଛି। ୬ରୁ ୮ ମାସ ପରେ ଲୋକଙ୍କ ପ୍ରତିରୋଧକ ଶକ୍ତି ହ୍ରାସ ହେଲେ ବୁଷ୍ଟର ଡୋଜ୍ କଥା ସରକାର ଚିନ୍ତା କରିବା ଆବଶ୍ୟକ। ସାଧାରଣତଃ ପ୍ରତ୍ୟେକ ଟିକାର କିଛି ଅବଧି ରହିଥାଏ। ସେହି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଟିକା ରୋଗକୁ ପ୍ରତିରୋଧ କରି ରଖିଥାଏ। ଭାରତରେ ଆମେ ଯେଉଁ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ନେଉଛେ, ତାହା ଡେଲ୍‌ଟା ଭୂତାଣୁକୁ ପ୍ରତିହତ କରିବା ପାଇଁ ବେଶ ପ୍ରଭାବଶାଳୀ। କିନ୍ତୁ ତା'ର ମଧ୍ୟ କିଛି ଅବଧି ରହିଛି। ଏଣୁ ସମସ୍ତଙ୍କୁ କିଛି କିଛି ମାସ ବ୍ୟବଧାନରେ ବୁଷ୍ଟର ଡୋଜ୍ ଆବଶ୍ୟକ ପଡ଼ିବ। ଶରୀରରେ ଯେଉଁ ଆଣ୍ଟିବଡି ତିଆରି ହେଉଛି, ତାହା ସମୟ ଗଡ଼ିବା ଅନୁସାରେ ଧୀରେ ଧୀରେ ହ୍ରାସ ପାଇଥାଏ। ଭବିଷ୍ୟତରେ ସମସ୍ତଙ୍କୁ ବୁଷ୍ଟର ଡୋଜ୍ ନେବାକୁ ପଡ଼ିପାରେ। ବୃଦ୍ଧ, ବୃଦ୍ଧାଙ୍କ କ୍ଷେତ୍ରରେ ଶୀଘ୍ର ଆବଶ୍ୟକ ପଡ଼ିପାରେ। କାରଣ ସେମାନଙ୍କ ଆଣ୍ଟିବଡି ଶୀଘ୍ର ହ୍ରାସ ପାଇଥାଏ। ତେବେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ନିୟମାବଳୀ ମାନନ୍ତୁ, ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର ଯଥାର୍ଥ ଭାବେ କରନ୍ତୁ। ଧୈର୍ଯ୍ୟହରା ହୁଅନ୍ତୁ ନାହିଁ। ନିଜ ଇଷ୍ଟଙ୍କ ଉପରେ ସମର୍ପଣଭାବ ରଖନ୍ତୁ, ଦେଖିବେ ଆପଣ କରୋନା ବିରୋଧରେ ବିଜୟଲାଭ କରିପାରିବେ।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଇଚ୍ଛାଶକ୍ତି ଓ ନିଷ୍ଠାପର ପ୍ରୟାସରେ ସଫଳତା ଆପେ ଆପେ ଆସେ, ଯାହା ପ୍ରମାଣ କରିଛନ୍ତି ଜଣେ ଦିବ୍ୟାଙ୍ଗ। ଡି. ଇନ୍ଦ୍ରା ଚାଲିପାରନ୍ତି ନାହିଁ, କିନ୍ତୁ ହ୍ୱିଲ ଚେୟାରରେ ବସି ସବୁକିଛି ପରିଚାଳନା କରୁଛନ୍ତି। ରହୁଛନ୍ତି ତାମିଲନାଡୁର ସିରୁନାଲୁର୍ ଗାଁରେ। ସେ ପ୍ରେମ୍ ଇଲମ୍ ଆଶ୍ରୟସ୍ଥଳୀ ଚଳାଉଛନ୍ତି। ବହୁ ଦିବ୍ୟାଙ୍ଗ ପିଲାଙ୍କର ରହିବା, ଖାଇବା ଓ ପଢ଼ିବାର ବ୍ୟବସ୍ଥା କରୁଛନ୍ତି। କହିବାକୁ ଗଲେ ପ୍ରେମ୍ ଇଲମ୍‌ରେ ରହୁଥିବା ୩୦ ଜଣ ଦିବ୍ୟାଙ୍ଗ ଝିଅଙ୍କ ମା' ପାଲଟି ଯାଇଛନ୍ତି ଇନ୍ଦ୍ରା। ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଦିବ୍ୟାଙ୍ଗ ଝିଅମାନେ କିପରି ସମାଜର ମୁଖ୍ୟ ସ୍ରୋତକୁ ଆସିପାରିବେ, ସେଥିପାଇଁ ଏହି ସଂସ୍ଥା ଖୋଲିଛନ୍ତି। ତାଙ୍କୁ ଚାକିରି ମିଳିଥିଲେ ବି ସେ ଏଭଳି କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି, ସେ ପିଲାମାନଙ୍କ ଖାଦ୍ୟ ପାଇଁ ଜୈବିକ ଧାନ ଓ ଫଳଚାଷ କରୁଛନ୍ତି। ଏହା ସହ ପିଲାମାନଙ୍କୁ ବି ସ୍ୱାବଲମ୍ବୀ କରିବାକୁ ପ୍ରୟାସ ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁଲାଇ ୧୯୯୬

- ବିହାରରେ ବେଆଇନ ଘୋଷିତ ରଣବୀର ସେନାର କେତେକ ସଶସ୍ତ୍ର କର୍ମୀ ଭୋଜପୁର ଜିଲାର ଏକ ଗ୍ରାମ ଉପରେ ଆକ୍ରମଣ କରି ସିପିଆଇ.(ଏମ୍)ର ୧୯ ଜଣ ସମର୍ଥକଙ୍କୁ ହତ୍ୟା କରିଛନ୍ତି।
- ବରିଷ୍ଠ ଭାଜପା ସଦସ୍ୟ ତଥା ପୂର୍ବତନ ଅଟଳ ବିହାରୀ ବାଜପେୟୀ ମନ୍ତ୍ରିମଣ୍ଡଳର କୃଷିମନ୍ତ୍ରୀ ସୁରଜଭାନ୍ ସର୍ବସମ୍ମତକ୍ରମେ ଲୋକସଭାର ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି।

## ଚିରନ୍ତନୀ

ନ ଲାଗୁଣୁ ଶିଶୁ ମୁଖେ ଆଲୋକର ଚାରୁ ହାସରେଖା
ମୃତ୍ୟୁର ମଳିନ ଛବି ଅଧର କୋଣରେ ଦେଲେ ଦେଖା
ସ୍ଥିର ହେଲେ ଜୀବନର ସଧୀର ଚାଳନା
ଅଚଞ୍ଚଳ ତବଧ ଚେତନା।

(ସୃଜନ ବ୍ୟଥା)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 6 | | | |
| 8 | | | | 3 | 1 | 6 | 2 | |
| | | 2 | | | | | 5 | |
| | | 5 | | 1 | | | | |
| | | | 4 | | | | | 9 |
| | 8 | | | 7 | 3 | | 6 | |
| 5 | | | | 4 | | | | |
| | | | | 2 | 7 | 3 | | |
| 4 | | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 7 | 2 | 8 | 6 | 1 | 4 | 9 |
| 1 | 6 | 9 | 3 | 5 | 4 | 2 | 8 | 7 |
| 4 | 2 | 8 | 9 | 1 | 7 | 5 | 3 | 6 |
| 7 | 5 | 3 | 1 | 6 | 2 | 4 | 9 | 8 |
| 9 | 1 | 6 | 7 | 4 | 8 | 3 | 5 | 2 |
| 2 | 8 | 4 | 5 | 9 | 3 | 6 | 7 | 1 |
| 8 | 9 | 5 | 4 | 2 | 1 | 7 | 6 | 3 |
| 3 | 4 | 2 | 6 | 7 | 9 | 8 | 1 | 5 |
| 6 | 7 | 1 | 8 | 3 | 5 | 9 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦେଖିନେଲେ ଚୋର, ନ ଦେଖିଲେ ସାଧୁ

ମହାଶୟ,

ହୋଟେଲ ବଜାର ବନ୍ଦ ଓ ବଡ଼ଧରଣର ଭୋଜିଭାତ ନ ଥିବାରୁ ଗୃହପାଳିତ ପ୍ରାଣୀ ଛେଳି ସଂଖ୍ୟା ବଢ଼ିଯାଇଛି। ଅନେକ ଲୋକ ଏହାକୁ ଝିଅ ବାହାଘର ଖର୍ଚ୍ଚ ଉଠାଇବା ପାଇଁ ପାଳୁଛନ୍ତି। ସହରତଳି ଅଞ୍ଚଳରେ ବୁଲୁଥିବା ଛେଳିଙ୍କ ପାଇଁ ଲକ୍‌ଡାଉନ କରୋନା କଟକଣା କିଛି ନାହିଁ। ଯାହାର ଦୁଇ ଚାରୋଟି ଛେଳି ଅଛି ଖୋଜି ଖୋଜି ପହଞ୍ଚିଯିବା ସଙ୍ଗେ ସଙ୍ଗେ ମାଲିକଙ୍କ ଘରେ ଦୁଇ ଚାରିଦିନ ରହି ଖିଆପିଆ କରି ଭଲରେ ଭଲରେ ବାହୁଡ଼ି ଆସୁଛନ୍ତି। ଛେଳି କାରବାର କରୁଥିବା ବେପାରୀଙ୍କ ଘରେ ଦିନରାତି ଭିଡ଼ ଲାଗିରହୁଛି। ସଭିଙ୍କ ବେପାର ଭଲ ହେଉଥିବା ବେଳେ ଏବେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଛେଳି ଚୋରି ଚିନ୍ତା ବଢ଼ାଇ ଦେଇଛି। ସହରାଞ୍ଚଳରୁ ମୋଟରସାଇକେଲ ଓ କାର ଯୋଗେ ଗ୍ରାମାଞ୍ଚଳକୁ ଯାଇ ଦିନ ଆଲୁଅରେ ରାସ୍ତାଘାଟ ଆଉ ବିଲବାଡ଼ିରୁ ଛେଳି ଉଠାଇ ନେଲା ପରେ ବିଚରା ମାଲିକ କାନ୍ଦୁଛନ୍ତି। ଧଳାଜହର ପାଇଁ ଆବଶ୍ୟକ ଅର୍ଥ ଆସିବା ବାଟ ଏଭଳି ବାଛିନେବାବାଲାଙ୍କ ଗତିବିଧି ପ୍ରତି ପୋଲିସ ସତର୍କ ଦୃଷ୍ଟି ରଖିବା ଦରକାର।

– ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ୧୩ ଜୁଲାଇ, ୨୦୨୧

## ୮ ଫୁଟର ଅଜଗର ଉଦ୍ଧାର

ଖୁଣ୍ଟା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ରେଞ୍ଜ ଅଧୀନ ଖୁଣ୍ଟା ନିକଟ ହୁଡିସାହି ଗ୍ରାମର ପର୍ଶୁରାମ ନାଏକଙ୍କ ବାଡ଼ିରୁ ରବିବାର ବିଳମ୍ବିତ ରାତିରେ ବନ ବିଭାଗ ୮ ଫୁଟର ଏକ ଅଜଗର ଉଦ୍ଧାର କରିଛି। ଉଦଳା ରେଞ୍ଜ ଅଧିକାରୀ ଅରୁଣ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବନ କର୍ମଚାରୀମାନେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଏହାକୁ ବଣିଆବସା ନିକଟ ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ବୋଲେରୋ-ବାଇକ୍ ଧକ୍କା: ୨ ଭାଇ ମୃତ

**ନୂଆପଡ଼ା ଅଫିସ,୧୨।୭:** ନୂଆପଡା ଜିଲା କୋମନା ଥାନା ଜଡାମୁଣ୍ଡା ୩୫୩ ନଂ. ଜାତୀୟ ରାଜପଥ ଉପରେ ସୋମବାର ବୋଲେରୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ବସିଥିବା ୨ଜଣ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସାଲେପଡା ଗାଁର ଲୋକନାଥ ଶବର (୫୦) ଓ ଟିମନ ଶବର (୪୫)। ଉଭୟ ୨ ଭାଇ ବୋଲି ଜଣାପଡ଼ିଛି। ସୋମବାର ପୂର୍ବାହ୍ନ ୯ଟାରେ ତରବୋଡ ଫାଣ୍ଡି ଅଧୀନ ପଲସିପାଣି ପଞ୍ଚାୟତ ସାଲେପଡା ଗାଁର ଲୋକନାଥ ଓ ଟିମନ ଏକ ବାଇକ୍ (ନଂ.ଓଡି୨୬ସି-୭୬୭୯)ରେ ଟିକ୍ରାପଡା ଗାଁକୁ ଯାଉଥିଲେ। ସେହି ସମୟରେ କୋମନା ପଟୁ ଆସୁଥିବା ବୋଲେରୋ (ନଂ. ଓଡି୧୭କେ-୭୬୬୫) ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ତରବୋଡ ଫାଣ୍ଡି ଅଧିକାରୀ ପହଞ୍ଚି ଶବ ଜବତ କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଯୋଗ୍ୟ ଯେ, ଏହି ବୋଲେରୋରେ ଖଡିଆଳ ବ୍ଲକ ଝିଟିରିଡୋଡା ଗାଁର ଜଣେ ରୋଗୀଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିଲା। ଦୁର୍ଘଟଣା ପରେ ଅନ୍ୟ ଏକ ଗାଡ଼ିରେ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

### ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

**ଚମ୍ପୁଆ,୧୨।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ସେକ୍ସନ ଅଞ୍ଚଳରେ ଏକ ଗୋଠ ଖଣ୍ଡିଆ ଦନ୍ତା ଆକ୍ରମଣରେ ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ହାତୀଟି ତାଙ୍କୁ ଘର ଆଗରୁ ଟାଣି ଆଣି କଚାଡ଼ି ମାରି ଦେଇଥିବା ସୂଚନା ମିଳିଛି। ମୃତକ ହେଲେ ପାଞ୍ଚପୋଖରିଆ ମୁଣ୍ଡା ସାହିର ରାଜେଶ୍ୱରୀ ମୁଣ୍ଡା। ରବିବାର ବିଳମ୍ବିତ ରାତିରେ ରାଜେଶ୍ୱରୀ ଘର ବାହାରକୁ ଆସିଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ବାଡ଼ ଭାଙ୍ଗି ରାଜେଶ୍ୱରୀଙ୍କୁ ଘର ଆଗରୁ ଉଠାଇନେଇ ଅନ୍ୟ ଜଣକ ବାଡ଼ିରେ କଚାଡି ଦେବା ସହିତ ଦଳି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଚମ୍ପୁଆ ଡାକ୍ତରଖାନା ଓ ପରେ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଉକ୍ତ ହାତୀଟି ଗୋଧୂଳି ଆମ୍ବ ବଗିଚାକୁ ଚାଲି ଯାଇଥିଲା। ନଦୀରୁ ଗାଧୋଇ ଘରକୁ ଫେରୁଥିବା କାର୍ତ୍ତିକ ଚନ୍ଦ୍ର ନାଏକଙ୍କୁ ଦନ୍ତାଟି ଶୁଣ୍ଢରେ ଠେଲି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ମାଓବାଦୀ କ୍ୟାମ୍ପ ଠାବ, ବିଭିନ୍ନ ସାମଗ୍ରୀ ଜବତ

**ଫୁଲବାଣୀ ଅଫିସ, ୧୨।୭:** କନ୍ଧମାଳ-ବୌଦ୍ଧ ଜିଲା ସୀମାନ୍ତରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ସମ୍ପର୍କରେ ସୋମବାର ଏସ୍‌ପି ଭିନୀତ ଅଗ୍ରୱାଲ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୋଚ୍ଛାପଡ଼ା ଜଙ୍ଗଲରୁ ମାଓବାଦୀଙ୍କ ଏକ କ୍ୟାମ୍ପ ଠାବ ହୋଇଥିବା ଏସ୍‌ପି କହିଛନ୍ତି। ସେଠାରୁ ଦୁଇଟି ଦେଶୀ ବନ୍ଧୁକ, ମାଓବାଦୀଙ୍କ ୟୁନିଫର୍ମ, ରେଡିଓ, ବ୍ୟାଟେରି, ଔଷଧ, ତାର, ମାଓବାଦୀ ପୁସ୍ତିକା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ଡୁବାସରା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀ ଚଳପ୍ରଚଳ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ସେଠାରେ ଏସ୍‌ଓଜି ଏବଂ ଡିଭିଏଫ୍ ଯବାନଙ୍କ ପକ୍ଷରୁ କୋମ୍ବିଂ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ମଧ୍ୟରୁ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ପାଲଟା ଗୁଳି ଚଳାଇଥିଲେ। ଫଳରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏଥିରେ ୨ ଯବାନ ମଧ୍ୟ ଆହତ ହୋଇଥିଲେ।

# ସମୁଦ୍ର ଜୁଆରରେ ଭାଙ୍ଗିଲା ଆଉ ୩୬ ଘର

## ନିଶ୍ଚିହ୍ନ ହେଉଛି ଗ୍ରାମ, ପ୍ରଶାସନର ଦେଖାନାହିଁ

**ଗୋପାଳପୁର,୧୨।୭**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ରାମେୟାପାଟଣା ଗ୍ରାମରେ ସୋମବାର ସମୁଦ୍ର ଜୁଆର ମାଡ଼ରେ ପୁଣି ୩୬ ଘରର ୫୦% ଭାଙ୍ଗିଯାଇଛି। ଆହୁରି ଅନେକ ଘର ସମୁଦ୍ରରେ ଲୀନ ହେବା ସମ୍ଭାବନା ଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ୧୨ ଦିନ ହେଲା ରାମେୟାପାଟଣା ଗ୍ରାମରେ ସମୁଦ୍ର ଜୁଆର ମାଡ଼ରେ ୬ ଘର ଭାଙ୍ଗିଯିବା ସହ ବହୁ ଧନସମ୍ପତ୍ତି ନଷ୍ଟ ହୋଇଥିଲା। ସୋମବାର ପୁଣି ୩୬ ଘର ସମୁଦ୍ରରେ ଲୀନ ହୋଇ ଯାଇଥିଲେ ମଧ୍ୟ ଜଳ ସମ୍ପଦ ବିଭାଗ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ବର୍ତ୍ତମାନ ସୁଦ୍ଧା ଦେଖା ମିଳିନାହିଁ। ଅପରପକ୍ଷରେ କ୍ଷତିଗ୍ରସ୍ତ ପରିବାରକୁ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ପ୍ରକାର ସହାୟତା ମିଳିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ୩ ତାରିଖରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ୍ କୁମାର ସାମଲ ଘଟଣାସ୍ଥଳ ପରିଦର୍ଶନ କରି ୧୦ ଦିନ ମଧ୍ୟରେ ଟେଣ୍ଡର ଡକାଯାଇ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କାମ ଆରମ୍ଭ ନ ହେବାରୁ ନିଶ୍ଚିହ୍ନ ହେବାକୁ ବସିଛି ରାମେୟାପାଟଣା।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ଏଲ. ଭୋଗରାଜୁ, ଏଲ. ଆପନା ଓ କେ. ଭୀମାଙ୍କର ୩ଟି ଘର ଭାଙ୍ଗିଯାଇଥିବା ବେଳେ ରବିବାର ଆର. ଚନ୍ଦ୍ରମ୍ମା, ଆର. ତ୍ରିନାଥ ଓ ଏଲ. ହେମାବତୀଙ୍କ ୩ଟି ଘର ସମୁଦ୍ରରେ ଲୀନ ହୋଇଯାଇଥିଲା।


ସମୁଦ୍ର ଜୁଆର ପାଣିରେ ଭାଙ୍ଗିଯାଇଥିବା ଘର।

# ସାନର ଠେଙ୍ଗା ମାଡ଼ରେ ବଡ଼ ଭାଇ ମୃତ

## ପାରିବାରିକ ବିବାଦରୁ ହତ୍ୟାକାଣ୍ଡ, ସାନ ଗିରଫ

**ନିମାପଡ଼ା,୧୨।୭(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଧୀନ ୧୦ନଂ.ୱାର୍ଡର ଅଳନ୍ଧା ଗ୍ରାମରେ ସୋମବାର ଏକ ଅମାନୁଷିକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବିବାଦକୁ ନେଇ ସାନ ଭାଇର ଠେଙ୍ଗା ମାଡ଼ରେ ବଡ଼ ଭାଇର ମୃତ୍ୟୁ ଘଟିଛି। ମୃତକ ହେଲେ ଅଳନ୍ଧା ଗ୍ରାମର ଜିତେନ୍ଦ୍ର ପ୍ରଧାନ(୪୮)। ଏହି ଘଟଣା ପରେ ମୃତ ଜିତେନ୍ଦ୍ରଙ୍କ ସ୍ତ୍ରୀ ଭାନୁମତିଙ୍କ ଅଭିଯୋଗକ୍ରମେ ପୋଲିସ ସାନଭାଇ ରବୀନ୍ଦ୍ର ପ୍ରଧାନଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୫୦/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତ ରବୀନ୍ଦ୍ର ଓ ବଡ଼ଭାଇ ଜିତେନ୍ଦ୍ରଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗିରହିଥିଲା। ସୋମବାର ଏହି କାରଣକୁ ନେଇ ରବୀନ୍ଦ୍ର ଭାଉଜ ଭାନୁମତିଙ୍କୁ ଗାଳିଗୁଲଜ କରି ଟଣାଓଟରା କରୁଥିବାବେଳେ ଜିତେନ୍ଦ୍ର ପ୍ରତିବାଦ କରିଥିଲେ। ଏଥିରେ ରବୀନ୍ଦ୍ର ଉତ୍ତ୍ୟକ୍ତ ହୋଇ ଜିତେନ୍ଦ୍ରଙ୍କୁ ଘରୁ ଟାଣି ଆଣି ରାସ୍ତାରେ ପକାଇବା ସହ ପାଖରେ ଥିବା ଏକ ବାଉଁଶ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଜିତେନ୍ଦ୍ରଙ୍କୁ ପରିବାର ଲୋକ ଓ ସ୍ଥାନୀୟ ଲୋକ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜିତେନ୍ଦ୍ରଙ୍କ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଅନ୍ୟପଟେ ପୁରୀର ସାଇଣ୍ଟିଫିକ ଟିମ୍‌ର ଅଫିସର ଏସ୍.ସରନ୍ୟା ସଦଳବଳ ଘଟଣାସ୍ଥଳ ଓ ମେଡିକାଲରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି।

# ବିଜେଡି ନୂଆ କାର୍ଯ୍ୟାଳୟର ଶୁଭ ଦେଲେ ନବୀନ


ଭୁବନେଶ୍ୱରରେ ବିଜେଡିର ଦଳୀୟ କାର୍ଯ୍ୟାଳୟ ସୋମବାର ଶୁଭ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳୀୟ କର୍ମକର୍ତ୍ତା।

- ସବୁ ଜିଲାରେ ବିଜେଡି, ଭାଜପାର ହେବ ନୂଆ କାର୍ଯ୍ୟାଳୟ
- ଭାଜପାର ନୂଆ କାର୍ଯ୍ୟାଳୟ ଲାଗି ଜାଗା ଖୋଜା ଚାଲିଛି
- ଅତ୍ୟାଧୁନିକ ହେବ ଦୁଇ ଦଳର ରାଜ୍ୟ କାର୍ଯ୍ୟାଳୟ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ବିଜେଡି ରାଜ୍ୟ କାର୍ଯ୍ୟାଳୟର ରୂପରେଖ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯିବ। ଦଳର ମୁଖ୍ୟ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅତ୍ୟାଧୁନିକ କରାଯିବ। ଏନେଇ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିବା ବେଳେ ପବିତ୍ର ରଥଯାତ୍ରା ଅବସରରେ ଏହି ଅତ୍ୟାଧୁନିକ କାର୍ଯ୍ୟାଳୟ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ମୁଖ୍ୟାଳୟରେ ପହଞ୍ଚି ଭିତ୍ତିପ୍ରସ୍ତର ଶୁଭ ଦେଇଛନ୍ତି। ପାଖାପାଖି ଦେଢ଼ବର୍ଷ ପରେ ମୁଖ୍ୟମନ୍ତ୍ରୀ ପ୍ରଥମ ଥର ଲାଗି ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ଶୁଭ ଦେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବେଳେ ବିଶେଷ ଗହଳି ନ କରି କେତେଜଣ ବରିଷ୍ଠ ଏବଂ ଦାୟିତ୍ୱରେ ଥିବା ବିଜେଡି ନେତାଙ୍କୁ ଦଳୀୟ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଥିଲା।

ନିର୍ମାଣ ହେବାକୁ ଥିବା ବିଜେଡି ମୁଖ୍ୟାଳୟରେ ଦଳର ସମସ୍ତ ସଙ୍ଗଠନର ଶାଖା କାର୍ଯ୍ୟକ୍ଷମ ହେବ। ଏହାସହ ରକ୍ତଦାନ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ମଧ୍ୟ ରହିବ। ବିଜେଡି ଯୁବ ଓ ଛାତ୍ର ନିଜ ଘର ଭାବି ଏହି କାର୍ଯ୍ୟକ୍ରମରେ ଶ୍ରମ ଦାନ କରିବେ। କାର୍ଯ୍ୟାଳୟ ମାଧ୍ୟମରେ ଓଡ଼ିଶାବାସୀଙ୍କ ପାଇଁ ବିଜେଡିର ସମସ୍ତ କର୍ମକର୍ତ୍ତା ସମର୍ପଣ କରିବେ ବୋଲି ବିଜେଡି ସାଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ଅନ୍ୟପଟେ ସୂଚନା ମୁତାବକ, ରାଜ୍ୟ କାର୍ଯ୍ୟାଳୟ ସମେତ ଓଡ଼ିଶାର ୩୦ ଜିଲା ସଦର ମହକୁମାରେ ଜିଲା କାର୍ଯ୍ୟାଳୟ ସ୍ଥାପନ କରାଯିବ। ଏଥିଲାଗି ପାଖାପାଖି ୧୦ଟି ଜିଲା ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇସାରିଛି। ଦଳ ପକ୍ଷରୁ ସବୁ ଜିଲାରେ ଜମି କିଣି ଦଳୀୟ କାର୍ଯ୍ୟାଳୟ ନିର୍ମାଣ ହେବ। ନିର୍ମାଣ ହେବାକୁ ଥିବା ରାଜ୍ୟ କାର୍ଯ୍ୟାଳୟ ୩ ମହଲା ବିଶିଷ୍ଟ ହେବ। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହା ନିର୍ମାଣ ହେବ। ଓଡ଼ିଶାର ସ୍ଥାପତ୍ୟ ଏବଂ କଳାକୁ ମଧ୍ୟ ଗୁରୁତ୍ୱ ମିଳିବ। ଏହା ମଧ୍ୟରେ ଏକ ଅଡିଟୋରିୟମ ଓ ଗିର୍ଟେଂ ରୁମ୍ କରାଯିବାର ବ୍ୟବସ୍ଥା ରଖାଯାଇଥିବା ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା କହିଛନ୍ତି। ୨୩ ବର୍ଷ ପରେ ଦଳର କାର୍ଯ୍ୟାଳୟ ପୁନଃ ନିର୍ମାଣ ହେଉଥିବା ବେଳେ ୱାଇଫାଇ ବ୍ୟବସ୍ଥାଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ବ୍ୟବସ୍ଥା ଏହା ସହ ଯୋଡିହେବ।

ସମାନ ଭାବେ ଭାଜପା ନୂତନ ରାଜ୍ୟ କାର୍ଯ୍ୟାଳୟକୁ ନିର୍ମାଣ କରିବ ବୋଲି ଜଣାପଡିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ସମେତ କେତେ ଜିଲାରେ ଦଳ ସ୍ୱତନ୍ତ୍ର କାର୍ଯ୍ୟାଳୟ ପ୍ରତିଷ୍ଠା କରୁଛି। ଭାଜପା ନୂତନ ଭାବେ ନିର୍ମାଣ କରିବାକୁ ଯାଉଥିବା ରାଜ୍ୟ କାର୍ଯ୍ୟାଳୟ ପରିସର ମଧ୍ୟ ଅତ୍ୟାଧୁନିକ ହେବ। ଏହା ଭିତରେ ସାମାଜିକ, ରାଜନୈତିକ କାର୍ଯ୍ୟକ୍ରମ ହୋଇପାରିଲା ଭଳି ବ୍ୟବସ୍ଥା ମଧ୍ୟ କରାଯିବ। ଭାଜପା ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି, ରାଜ୍ୟ କାର୍ଯ୍ୟାଳୟ ଲାଗି ଜମି ଖୋଜା ଚାଲିଛି। ସରକାରଙ୍କୁ ମଧ୍ୟ ରାଜନୈତିକ ଦଳ ହିସାବରେ ଜମି ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି। ଯେଉଁଟା ପ୍ରଥମେ ହେବ ସେହି ଅନୁଯାୟୀ କାମ ହେବ। ୩୬ ସାଙ୍ଗଠନିକ ଜିଲା ମଧ୍ୟରୁ ପ୍ରାୟ ୧୫ ଜିଲାରେ ଦଳର ନିଜସ୍ୱ କାର୍ଯ୍ୟାଳୟ ଆରମ୍ଭ ହୋଇଛି। ବାକି କେତେ ସ୍ଥାନରେ କାମ ଚାଲୁ ରହିଥିବା ବେଳେ ଆଉ କେତେକ ସ୍ଥାନ ଲାଗି ଜମି ଖୋଜା ହେଉଛି। ଏହା ୨୦୧୭ ମସିହାରୁ ଦଳ ଏହା ଆରମ୍ଭ କରିଥିବା ବକ୍ସିପାତ୍ର କହିଛନ୍ତି।

# ଟ୍ୟାଙ୍କର ଧକ୍କାରେ ଜଳିଗଲା ବାଇକ୍, ୨ ମୃତ

**ଖୁଣ୍ଟୁଣୀ,୧୨।୭(ଡି.ଏନ୍.ଏ.)**

ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର କୁଲାଇଲୋ ବାଞ୍ଛକୁସୁମ ସାହି ନିକଟରେ ସୋମବାର ଅପରାହ୍ନରେଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ତୈଳବାହୀ ଟ୍ୟାଙ୍କର ସହ ଗୋଟିଏ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଉପର ସାହିର କାଳିଆ ଓରଫ ପ୍ରଦୀପ ନାଏକ ଓ ପ୍ରକାଶ ନାଏକ। ଖବରପାଇ ଖୁଣ୍ଟୁଣୀ ପୋଲିସ ଓ ଆଠଗଡ ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡା, ଏଏସ୍‌ଆଇ ଦେବେନ୍ଦ୍ର ନାଥ ବେଉରା ପ୍ରମୁଖ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ୨ମୃତଦେହକୁ ଆଠଗଡ଼ ଡାକ୍ତରଖାନା ପଠାଇଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଜବତ କରିବା ସହ ନଂ. ୧୩୫/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏଏସ୍‌ଆଇ ବେଉରା କହିଛନ୍ତି। ସୂଚନା ଅନୁଯାୟୀ, ପ୍ରଦୀପ ଓ ପ୍ରକାଶ ଦୁହେଁ ଏକ ବାଇକ୍ ଯୋଗେ ଆଠଗଡ଼ ଆଡକୁ ଦ୍ରୁତ ଗତିରେ ଯାଉଥିଲେ। ବିପରୀତ ଦିଗରେ ଆଠଗଡ଼ ପଟୁ ଆସୁଥିବା ନଂ.ଓଡି ୦୫ ଏଚ୍ ୨୧୫୧ ଏକ ତୈଳବାହୀ ଟ୍ୟାଙ୍କର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ ଘଟଣାସ୍ଥଳରେ ବାଇକ୍‌ରେ ଥିବା ଯୁବକଦ୍ୱୟଙ୍କର ମୃତ୍ୟୁ ଘଟିଥିଲା। ରାସ୍ତା ଉପରେ ବାଇକ୍‌ଟି ଜଳିଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ୟାଙ୍କର ଚାଳକ ଫେରାର ହୋଇଯାଇଥିଲା। ସ୍ଥାନୀୟ ଯୁବକମାନେ ଆସି ଖୁଣ୍ଟୁଣୀ ଓ ଆଠଗଡ଼ ପୋଲିସକୁ ଖବର ଦେବାରେ ଉଭୟ ପୋଲିସ ସେଠାରେ ପହଞ୍ଚିଥିଲେ।

# ତୈଳ, ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ରାସ୍ତାରେ ଛାତ୍ର କଂଗ୍ରେସ


ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅନୁଲେଖା ବୋଷା ସୋମବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ତାଙ୍କୁ ବିମାନବନ୍ଦରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସ୍ୱାଗତ କରିଛନ୍ତି। ଏହି ଅବସରରେ ବର୍ଦ୍ଧିତ ତୈଳ, ରନ୍ଧନ ଗ୍ୟାସ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥର ଦର ବୃଦ୍ଧି ପ୍ରତିବାଦରେ ଏୟାରପୋର୍ଟ ଛକରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଏକ ବିକ୍ଷୋଭ ପଦଯାତ୍ରା କରାଯାଇଛି। ହସ୍ପିଟାଲ ଛକରେ ଛାତ୍ର କଂଗ୍ରେସ ନେତୃବୃନ୍ଦ ପୋଲିସ ବ୍ୟାରିକେଡ ଭାଙ୍ଗି ରାସ୍ତାରେ ବସି ବିକ୍ଷୋଭ କରିଛନ୍ତି। ୟାସିର କହିଛନ୍ତି, ମୋଦିଙ୍କ 'ଅଚ୍ଛେ ଦିନ୍' ଓ ନବୀନଙ୍କ 'ବିଜୁବାବୁଙ୍କ ସ୍ୱପ୍ନ'ର ବାସ୍ତବ ରୂପ ଏବେ ଦେଶ ଓ ରାଜ୍ୟବାସୀ ଦେଖୁଛନ୍ତି। ହାଣ୍ଡିଶାଳରେ ମହାଙ୍ଗା ମାଡ଼। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ହିଟଲର ଶାସନର ପ୍ରତିଫଳନ ହୋଇଛି। ମୋଦି ଓ ନବୀନ ସାଧାରଣ ଜନତାଙ୍କ ରକ୍ତ ଶୋଷଣ କରୁଛନ୍ତି। ସେମାନଙ୍କ ଶାସନ ସମୟରେ ରାଜ୍ୟବାସୀଙ୍କ ଅବସ୍ଥା ରସାତଳଗାମୀ ହୋଇଛି। ରାଜ୍ୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ଟିକାକରଣ ପାଇଁ ଦାବି କରିଛନ୍ତି। ସୁଶ୍ରୀ ଅନୁଲେଖା କହିଛନ୍ତି, ମୋଦି ଓ ନବୀନଙ୍କ ଶାସନରେ ଓଡ଼ିଶାର ଜନସାଧାରଣ ଅତିଷ୍ଠ। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ବିରୋଧରେ ନବୀନବାବୁ ମୁହଁ ଖୋଲୁନାହାନ୍ତି। ତେଲ ଦର ଲିଟର ପିଛା ୪୦ ଟଙ୍କା ହେବା ଉଚିତ ବୋଲି ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ କହିଛନ୍ତି। କଂଗ୍ରେସ ଶାସନ ସମୟରେ ତେଲ ଦର ଟଙ୍କାଟେ ବଢ଼ିଲେ ବିଜେଡି ରାଜରାସ୍ତାରେ ଚିତ୍କାର କରେ, ବର୍ତ୍ତମାନ କାହିଁକି ଚୁପ୍ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜୁ ଛାତ୍ର ଜନତା ଗରିବ ଜନସାଧାରଣଙ୍କ ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ କରେନି। କରୋନା ସମୟରେ ଲୋକ ବରୋଜଗାର ହେଉଥିବା ବେଳେ ନବୀନ-ମୋଦି ଦର ଦାମ୍ ବୃଦ୍ଧି କରି ଲୋକଙ୍କୁ ଲୁଟୁଛନ୍ତି। ଛାତ୍ର କଂଗ୍ରେସ ଏହା ବିରୋଧରେ ଧାରାବାହିକ ଆନ୍ଦୋଳନ କରିବ ବୋଲି ସୁଶ୍ରୀ କହିଛନ୍ତି।

# ମନ୍ଦିର ବେଢାରେ ନୀତିକାନ୍ତି ପାଳନ

**ବୌଦ୍ଧ,୧୨।୭(ସ୍ୱ.ପ୍ର.)**

କରୋନା କଟକଣା ଯୋଗୁ ଗତବର୍ଷ ପରି ଚଳିତ ଥର ମଧ୍ୟ ବୌଦ୍ଧ ଜଗନ୍ନାଥ ମନ୍ଦିରର ରଥଯାତ୍ରା ବନ୍ଦ ଯୋଗୁ ଭକ୍ତଙ୍କୁ ନିରାଶ ହେବାକୁ ପଡିଛି। ମନ୍ଦିର ପରିସରକୁ ପୋଲିସ ପକ୍ଷରୁ ବେରିକେଡିଂ କରାଯିବା ସହିତ ଭକ୍ତଙ୍କୁ ଭିତରକୁ ଛଡାଯାଇ ନ ଥିଲା। ପ୍ରଶାସନ ପକ୍ଷରୁ ଅନୁମତିପ୍ରାପ୍ତ ବ୍ରାହ୍ମଣ ସେବକଙ୍କ ଦ୍ୱାରା ବିଧି ପାଳନ ନିମନ୍ତେ ଠାକୁରମାନଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ପହଣ୍ଡିରେ ଚାରିଥର ମନ୍ଦିର ଚାରିପଟେ ପ୍ରଦକ୍ଷିଣ କରାଯାଇ ବେଢାରେ ପ୍ରସ୍ତୁତ ଏକ ମଣ୍ଡପରେ ରଖାଯାଇଥିଲା। ଏହି ମଣ୍ଡପରେ ନଅ ଦିନ ଧରି ଠାକୁରମାନଙ୍କୁ ରଖାଯିବା ସହିତ ପରମ୍ପରା ଅନୁଯାୟୀ ବେଶ ଓ ନୀତିକାନ୍ତି ପାଳନ କରାଯିବ। ଏଠାରେ ଠାକୁରମାନଙ୍କ ସର୍ବସାଧାରଣ ଦର୍ଶନ ପାଇଁ ବାରଣ କରାଯାଇଛି। ନିରାଡମ୍ବର ବିଧି ପାଳନ ଅବସରରେ ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂହ, ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଉପସ୍ଥିତ ଥିଲେ।

# ଓଡ଼ିଶୀ ସଙ୍ଗୀତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଉତ୍କର୍ଷ' ଉଦ୍‌ଘାଟିତ

**ଭୁବନେଶ୍ୱର, ୧୨।୭ (ବ୍ୟୁରୋ)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଓଡ଼ିଶୀ ସଙ୍ଗୀତ ଗୁରୁ, ଶିଷ୍ୟାଶିଷ୍ୟ ଓ ଅନ୍ୟମାନେ।

## ଜାତୀୟସ୍ତରରେ ପରିବେଷଣ ପାଇଁ ପ୍ରଶିକ୍ଷଣ ଦେବେ ୬ ଗୁରୁ

ଓଡ଼ିଶୀ ସଙ୍ଗୀତ ଓଡ଼ିଶାର ପରିଚୟ। ଶ୍ରୀଜଗନ୍ନାଥ ମନ୍ଦିର ସେବାରେ ମଧ୍ୟ ଓଡ଼ିଶୀ ସଙ୍ଗୀତର ବିଶେଷ ଯୋଗଦାନ ରହିଛି। ଓଡ଼ିଶାର ଏହି ଉତ୍କୃଷ୍ଟ କଳାର ବିକାଶ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଧିକ ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଉତ୍କର୍ଷ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସହଯୋଗରେ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚରେ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କମିଶନର ତଥା ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି, ସଚିବ ପ୍ରବୋଧ ରଥ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଉପସ୍ଥିତ ଥିଲେ। 'ଉତ୍କର୍ଷ'ରେ ଓଡ଼ିଶୀ ଗାୟନ ଓ ବାଦନ କ୍ଷେତ୍ରରେ ୬ଜଣ ପ୍ରତିଷ୍ଠିତ ଗୁରୁ ନିଜର ସର୍ବୋତ୍ତମ ୩ଜଣ ଲେଖାଏ ଶିଷ୍ୟାଶିଷ୍ୟଙ୍କୁ ଚୟନ କରିବେ। ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଶିକ୍ଷଣ ଦେଇ ଜାତୀୟ ସ୍ତରରେ ପରିବେଷଣ ପାଇଁ ଦକ୍ଷ କରିବେ। ପ୍ରତି ୩ମାସରେ ଥରେ ପ୍ରଶିକ୍ଷିତ ଶିଳ୍ପୀମାନେ ବିଶେଷଜ୍ଞଙ୍କ ସମ୍ମୁଖରେ କଳା ପରିବେଷଣ କରିବେ। ପ୍ରଥମ ପର୍ଯ୍ୟାୟରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ରାମହରି ଦାସ, ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ବିଜୟ କୁମାର ଜେନା, ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆକାଉଣ୍ଟରୁ ନେଇଗଲେ ୨ ଲକ୍ଷ

**ଅନୁଗୋଳ ଅଫିସ:** ଅନୁଗୋଳ ଥାନା କାଲଟ୍ୟାକ୍ସ ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ୪ ଥରରେ ମୋଟ୍ ୨ ଲକ୍ଷ ୨ ହଜାର ୫୪୩ ଟଙ୍କା କାଟି ନିଆଯାଇଥିବା ସୂଚନା ମିଳିଛି। ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଠକେଇର ଶିକାର ହୋଇଥିବା ଯୁବକଙ୍କ ଘର ରାଜସ୍ଥାନରେ ହୋଇଥିବାବେଳେ ସେ ଅନୁଗୋଳର ଏକ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ବୀମା ଲୋନ୍ ମିଳିବ ବୋଲି କହି ଏହି ଠକେଇ କରାଯାଇଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ୪୪ ସଂକ୍ରମିତ, ୪ ମୃତ

**ଢେଙ୍କାନାଳ ଅଫିସ, ୧୨।୭:** ଢେଙ୍କାନାଳ ଜିଲାରୁ ଗତ ୨୪ ଘଣ୍ଟାରେ ୪୪ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮୨ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ୪ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକର ଜଣେ ୫୦ ବର୍ଷୀୟା ମହିଳା, ଢେଙ୍କାନାଳ ପୌରାଞ୍ଚଳର ଜଣେ ୭୫ ବର୍ଷୀୟା ବୃଦ୍ଧା, କଙ୍କଡ଼ାହାଡ଼ ବ୍ଲକର ଜଣେ ୬୦ ବର୍ଷୀୟ ବ୍ୟକ୍ତି ଏବଂ ଭୁବନ ବ୍ଲକର ଜଣେ ୬୨ବର୍ଷୀୟ ବ୍ୟକ୍ତି ରହିଛନ୍ତି। ଏହାକୁ ମିଶାଇ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୯୮ରେ ପହଞ୍ଚିଛି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୬୩୫ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଅନୁଗୋଳରେ ୫୮ ପଜିଟିଭ୍

**ଅନୁଗୋଳ ଅଫିସ, ୧୨।୭:** ଅନୁଗୋଳ ଜିଲାରୁ ସୋମବାର ୫୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ କରୋନା ପଜିଟିଭ୍ ସଂଖ୍ୟା ୪୧ ହଜାର ୭୧୮ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୯୬ ଜଣ କରୋନରୁ ସୁସ୍ଥ ହୋଇଛନ୍ତି। ଜଣଙ୍କର ମୃତ୍ୟୁ ହୋଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୧୯୩ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଅସଦାଚରଣ, ୱାର୍ଡସଭ୍ୟ ଗିରଫ

**ଢେଙ୍କାନାଳ ଅଫିସ, ୧୨।୭:** ଜଣେ ୧୧ ବର୍ଷୀୟ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତ ୧୧ନଂ. ୱାର୍ଡର ୱାର୍ଡସଭ୍ୟ ଧର୍ମାନନ୍ଦ ବେହେରା (୫୯)ଙ୍କୁ ସୋମବାର ପୋଲିସ ଗିରଫ କରିଛି। ଧର୍ମାନନ୍ଦ ତାଙ୍କ ନୂତନ ଘରକୁ ସମ୍ପୃକ୍ତ ନାବାଳିକାଙ୍କୁ ଡାକି ଆଣି ଅସଦାଚରଣ କରିବା ସହିତ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଢେଙ୍କାନାଳ ସଦର ଥାନାରେ ନଂ. ୩୮୮/୨୧ ରେ ଏକ ମାମଲା ରୁଜୁ କରାଯାଇଥିଲା।

### ଟ୍ରେନ୍ ଲାଇନରେ କଟି ମହିଳା ମୃତ

**କଣିହାଁ, ୧୨।୭ (ଡି.ଏନ.ଏ.):** କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ଟ୍ରେନ ଲାଇନରେ କଟି ସୋମବାର ସମଲ ଥାନା ବଲାଙ୍ଗୀ ଗ୍ରାମର କୌଶଲ୍ୟା ଭୋଇ (୬୫)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଏନ୍‌ଟିପିସି ପ୍ରକଳ୍ପକୁ କୋଇଲା ପରିବହନରେ ବାଧା ଉପୁଜିଥିଲା। ଖବରପାଇ ଏନ୍‌ଟିପିସି ଏମ୍‌ଜିଆର୍ ଡିପାର୍ଟମେଣ୍ଟ ଅଧିକାରୀଙ୍କ ସମେତ ପୋଲିସ, ହରିହରପୁର ସରପଞ୍ଚ ବିଜୟ ପ୍ରଧାନ, କମରେଇ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ପାଲଲହଡା ବିଧାୟକଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ସାହୁ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ ପହଞ୍ଚି ସମଲ ଥାନାରେ ଆଲୋଚନା କରିଥିଲେ। କ୍ଷତିପୂରଣ ବାବଦରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯିବାକୁ ପ୍ରତିଶ୍ରୁତି ମିଳିବାରେ ପରିବହନ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଆଇଆଇସି ଲବବୋଡା କହିଛନ୍ତି, ମହିଳା ଜଣକ ଟ୍ରେନ୍ ଲାଇନ ପାର ହେଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

# ବ୍ରାଣ୍ଡେଡ୍ ବିଶ୍ୱାସରେ ବିଷ



- ନାମୀଦାମୀ କମ୍ପାନୀ ଲୋଗୋ ଲଗାଇ ଶସ୍ତା ପୋଷାକ ବିକ୍ରି
- ଅନୁଗୋଳ ବଜାରରେ ବଢ଼ୁଛି ନକଲି କାରବାର
- ଜାଣି ନ ପାରି ଠକାମିର ଶିକାର ହେଉଛନ୍ତି ଗ୍ରାହକ

**ଅନୁଗୋଳ ଅଫିସ, ୧୨।୭**

ବ୍ରାଣ୍ଡେଡ୍ ପୋଷାକକୁ ଏକ ଆଭିଜାତ୍ୟର ପରିଚୟ ଦିଆଗଲାଣି। ବ୍ୟକ୍ତିତ୍ୱ ଯେମିତି ହେଉ ନା କାହିଁକି, ଆଜିକାଲିର ଯୁବପିଢ଼ିଙ୍କ ଏହା ପ୍ରଥମ ପସନ୍ଦ ପାଲଟିଲାଣି। ସେମାନଙ୍କ ମଧ୍ୟରେ ବ୍ରାଣ୍ଡ ଏକ ଫ୍ୟାଶନ ହୋଇଗଲାଣି। ତେଣୁ ଯୁବତୀଯୁବକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ବହୁ ନାମୀଦାମୀ କମ୍ପାନୀ ପୋଷାକ ବଜାରକୁ କବ୍‌ଜା କରିନେଲେଣି। ଉଚ୍ଚ ଦାମ୍ ସତ୍ତ୍ୱେ ଚାହିଦା ବଢ଼ୁଥିବାରୁ ଏଥିରୁ ଲାଭ ଉଠାଇବାକୁ କେତୋଟି ଶସ୍ତା କପଡ଼ା କମ୍ପାନୀ ଏଥିରେ ଜାଲିଆତି ଚଳାଇଛନ୍ତି। ସେମାନଙ୍କ ପୋଷାକରେ ବ୍ରାଣ୍ଡେଡ୍ କମ୍ପାନୀର ନାମ ଓ ଲୋଗୋ ବ୍ୟବହାର କରି ତାହାକୁ ବଜାରକୁ ପଠାଇ ପ୍ରବଳ ଅର୍ଥ ରୋଜଗାର କରୁଛନ୍ତି। କେତେଜଣ ଦୋକାନୀ ମଧ୍ୟ ନକଲିକୁ ଅସଲି କହି ବ୍ରାଣ୍ଡେଡ୍ କପଡ଼ା କିଣୁଥିବା ଗ୍ରାହକଙ୍କ ବିଶ୍ୱାସରେ ବିଷ ଭରିଦେଉଛନ୍ତି। ଏପରି ନକଲି ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗରେ ଅନୁଗୋଳ ବଜାରର ଜଣେ ପୋଷାକ ବ୍ୟବସାୟୀ ଗିରଫ ହେବା ପରେ ଏହା ଜିଲାବାସୀଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି।

ଅନୁଗୋଳ ସହରରେ ଅନେକ ପୋଷାକ ଦୋକାନ ରହିଛି। ସେଥିରୁ କେତୋଟିରେ କେବଳ ବ୍ରାଣ୍ଡେଡ୍ ସାମଗ୍ରୀ ବିକ୍ରି ହେଉଥିବାବେଳେ କେତେଜଣ ବ୍ୟବସାୟୀ ନାମୀଦାମୀ କମ୍ପାନୀର ପୋଷାକ ସହ ଶସ୍ତା କପଡ଼ା ମଧ୍ୟ ବିକ୍ରି କରନ୍ତି। ହେଲେ ବିଭିନ୍ନ ବ୍ରାଣ୍ଡ୍ ନାମରେ ଗ୍ରାହକଙ୍କୁ ଯେ ଶସ୍ତା ତଥା ନକଲି ପୋଷାକ ବିକ୍ରି କରାଯାଉଛି, ଏହା ସେମାନଙ୍କ ବିଶ୍ୱାସ ବାହାରେ। ପୂର୍ବରୁ ଖାଉଟି ସାମଗ୍ରୀରେ ନକଲି କାରବାର ହେଉଥିଲା। ତେଲ, ଚିନି, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡଠାରୁ ଆରମ୍ଭ କରି ପିଲାଙ୍କ ପ୍ୟାକେଟ୍ ଖାଦ୍ୟରେ ଅନୁଗୋଳରେ ଅପମିଶ୍ରଣ ଧରାପଡ଼ିଥିଲା। ଏହାକୁ ନେଇ ଚଢ଼ାଉ, ଗିରଫଦାରି ହେଲା। କିନ୍ତୁ ଶସ୍ତା ପୋଷାକରେ ଦାମୀ କମ୍ପାନୀ ନାମ ବ୍ୟବହାର କରାଯାଇ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଅଫର ଦିଆଯାଉଥିବା ଘଟଣାର ଏବେ ପର୍ଦ୍ଦାଫାଶ ହୋଇଛି। ଏହା ଯୁବପିଢ଼ିଙ୍କୁ ଯେତିକି ବ୍ୟଥିତ କରିଛି, ବ୍ରାଣ୍ଡେଡ୍ ପୋଷାକ କମ୍ପାନୀ ଓ ଅନୁଗୋଳରେ ଥିବା ଡିଲରମାନଙ୍କୁ ସେତିକି କ୍ଷତିରେ ପକାଇଛି। ଏହି ଜାଲିଆତି ଯୋଗୁ ଡିଲରମାନଙ୍କ ନିକଟରେ ଦୀର୍ଘଦିନ ଧରି ମାଲ୍ ପଡ଼ିରହୁଛି। ପୋଷାକରେ ଏପରି ଜାଲିଆତି ଜାଣି ନ ପାରି ଠକାମିର ଶିକାର ହେଉଥିବା ଗ୍ରାହକଙ୍କ ନିକଟରେ ଓ ବଜାରରେ କମ୍ପାନୀର ନାମ ଖରାପ ହେଉଛି। ତେଣୁ ଅନୁଗୋଳ ପୋଲିସ ଏହାର ଜୋରଦାର ଖୋଳତାଡ଼ କରିବାକୁ ପୋଷାକ ଡିଲରମାନଙ୍କ ପକ୍ଷରୁ ଦାବି ହେଉଛି।

### ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ



“ନାମୀଦାମୀ କମ୍ପାନୀର ଷ୍ଟିକର ଲଗାଇ ନକଲି ପୋଷାକ ବିକ୍ରି ନେଇ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏକ କମ୍ପାନୀର କ୍ୱାଲିଟି ମ୍ୟାନେଜର ଏପରି ଅଭିଯୋଗ କରିବା ପରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅନ୍ୟ କମ୍ପାନୀ ଅଧିକାରୀ ବା ଡିଲରମାନେ ବଜାର ଉପରେ ନଜର ରଖିବା ସହ ପୋଲିସକୁ ଖବର ଦିଅନ୍ତୁ।

-ଜଗମୋହନ ମୀନା, ଏସ୍‌ପି, ଅନୁଗୋଳ

### ସାଧାରଣ ଲୋକେ ଜାଣିବା କଷ୍ଟକର

କେଉଁ ଦୋକାନୀ କମ୍ପାନୀର ଅସଲି ପୋଷାକ ବିକ୍ରି କରୁଛନ୍ତି ଓ କିଏ ନକଲିକୁ ଅସଲି କହି ଗ୍ରାହକଙ୍କୁ ଦେଉଛନ୍ତି, ତାହା ଜାଣିବା ସାଧାରଣ ଲୋକଙ୍କ ପକ୍ଷେ କଷ୍ଟକର। ଅନେକ ସମୟରେ ଏ ନେଇ ଅଭିଯୋଗ କଲେ ପୋଲିସ ପକ୍ଷରୁ ସହଯୋଗ ମିଳି ନ ଥାଏ। କିନ୍ତୁ ଅନୁଗୋଳ ପୋଲିସ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ସାଧୁବାଦ୍।

-ଯୁଗଳ କିଶୋର ଆହୁଜା, କ୍ୱାଲିଟି କଣ୍ଟ୍ରୋଲ ମ୍ୟାନେଜର

### ମାଲ୍ ଥାଇ ବିକ୍ରି ହୋଇପାରୁ ନାହିଁ



“ବ୍ରାଣ୍ଡେଡ୍ କମ୍ପାନୀ ନାମ ଥାଇ ବଜାରରେ ନକଲି ପୋଷାକ ବିକ୍ରି କରାଯାଉଛି। କେତେଜଣ ଦୋକାନୀ ଏପରି ପୋଷାକକୁ ଅସଲି କହି କିଛି ଅର୍ଥ କମ୍‌ରେ ଦେଉଛନ୍ତି। ଫଳରେ ଲୋକେ ଠକାମିର ଶିକାର ହେଉଛନ୍ତି। ଏହାଦ୍ୱାରା ବ୍ରାଣ୍ଡେଡ୍ କମ୍ପାନୀ ଉପରୁ ଲୋକଙ୍କ ଭରସା ତୁଟୁଛି। ଡିଲରଙ୍କ ନିକଟରେ ମାଲ୍ ଗଦା ହୋଇଥିଲେ ବି ତାହା ବିକ୍ରି ହେଉନାହିଁ।

-ପୱନ କୁମାର ମାଣ୍ଡୋଠିଆ, କପଡ଼ା ବ୍ୟବସାୟୀ

### କମ୍ପାନୀ ଉପରୁ ଭରସା ତୁଟୁଛି



“ଅନୁଗୋଳ ବଜାରରେ ନକଲି ସାମଗ୍ରୀ ଭରିଗଲାଣି। ଅଧିକ ଅର୍ଥ ଦେଇ ଲୋକେ ବ୍ରାଣ୍ଡେଡ୍ କପଡ଼ା କିଣୁଥିବା ଭାବୁଥିଲେ ମଧ୍ୟ କିଛି ଦିନ ପରେ ତାହା ନଷ୍ଟ ହୋଇଯାଉଛି। ତେଣୁ କମ୍ପାନୀ ଉପରୁ ଗ୍ରାହକଙ୍କ ଭରସା ତୁଟିଯାଉଥିବା ବେଳେ ପ୍ରକୃତରେ ସେମାନେ ଅଧିକ ଅର୍ଥ ଦେଇ ନକଲି ପୋଷାକ କିଣିଥିବା ଜାଣିପାରୁ ନାହାନ୍ତି। ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଦୋକାନ ଗୁଡ଼ିକରେ ଯାଞ୍ଚ ହେବା ଆବଶ୍ୟକ।

-ବରଦା ପ୍ରସନ୍ନ ଦାସ, ଗ୍ରାହକ, ଅନୁଗୋଳ

## ବିଦ୍ୟୁତ୍ ଆଘାତରେ ବଳଦ ମୃତ, ଉତ୍ତେଜନା

**ଖମାର,୧୨।୭(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାର ଥାନା ଶଙ୍ଖପୁର ପଞ୍ଚାୟତ ବୈଦ୍ୟନାଥପୁର ଗ୍ରାମରେ ସୋମବାର ବିଦ୍ୟୁତ୍ ଆଘାତରେ ଏକ ବଳଦ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ବଳଦ ମାଲିକଙ୍କ ସହ ଗ୍ରାମବାସୀ ଦୀର୍ଘ ସମୟ ଧରି ରାସ୍ତାରୋକୋ କରିଥିଲେ।

ପ୍ରକାଶ ଯେ, ଚାଷୀ ଯୋଗେଶ୍ୱର ନାଏକ ହଳ କରିବାକୁ ବିଲକୁ ଯାଉଥିବାବେଳେ ୨ଟି ବଳଦକୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଯୋଗେଶ୍ୱର କୌଶଳକ୍ରମେ ଗୋଟିଏ ବଳଦକୁ ଖୋଲିଦେଇଥିଲେ। ଅନ୍ୟ ବଳଦଟି ଆଘାତ ପାଇ ତଳେ ପଡ଼ି ଯାଇଥିଲା। ପ୍ରାଣୀ ଚିକିତ୍ସକ ବଳଦ ମରିଯାଇଛି ବୋଲି କହିବା ପରେ ଉତ୍ତେଜନା ଦେଖାଦେଇଥିଲା। ବଳଦ ମାଲିକ ଓ ଗ୍ରାମବାସୀ ଖମାର-ରେଙ୍ଗାଲି ରାସ୍ତାକୁ ଅବରୋଧ କରିଥିଲେ। ଖମାର ପୋଲିସ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ନୀଳାଚଳ ପାତ୍ର ପହଞ୍ଚି ବୁଝାଶୁଝା କରି ବିଫଳ ହୋଇଥିଲେ। ପରେ ରାଜନୈତିକ ହସ୍ତକ୍ଷେପକୁ ନେଇ ରାସ୍ତାରୋକୋ କରିଥିବା ଲୋକଙ୍କ ମଧ୍ୟରୁ କେତେଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଜଣେ ଆହତ ହୋଇଥିବା କୁହାଯାଉଛି। ବିଦ୍ୟୁତ୍ ବିଭାଗ ତରଫରୁ ବଳଦ ମାଲିକଙ୍କୁ ନଗଦ ୫ ହଜାର ଟଙ୍କା ଦିଆଯିବା ସହ ଅବଶିଷ୍ଟ ୨୦ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପାତ୍ର କହିଛନ୍ତି, ଯେଉଁ ଟ୍ରାନ୍ସଫର୍ମର ନିକଟରେ ଆଘାତ ଲାଗିଥିଲା, ସେଠାରେ ତାରବାଡ଼ ବ୍ୟବସ୍ଥା କରାଯାଉଛି। କ୍ଷତିଗ୍ରସ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ଅବଶିଷ୍ଟ କ୍ଷତିପୂରଣ ପ୍ରଦାନ କରାଯିବ।

## ଯୁବତୀଙ୍କ ଆତ୍ମହତ୍ୟା ମାମଲା, ଯୁବକ ଗିରଫ

**ଢେଙ୍କାନାଳ ଅଫିସ, ୧୨।୭**

ଢେଙ୍କାନାଳ ଜିଲା ସଦର ଥାନା କନ୍ଧବୋରେଇ ଗ୍ରାମ ନିକଟ ଆମ୍ବ ତୋଟାରୁ ଗତ ମେ’ ମାସରେ ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ଜଣେ ଯୁବକଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଯୁବକ ପରଜଙ୍ଗ ଥାନା ଲୋଧଣୀ ଗ୍ରାମର ବାପି ନାୟକଙ୍କୁ ସୋମବାର ସଦର ଥାନା ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣଙ୍କ ଲୋଧଣୀ ଗ୍ରାମସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ବାପିଙ୍କ ସହ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ବାପି ଅନ୍ୟତ୍ର ବିବାହ କରିଥିଲେ। ତେବେ ଯୁବତୀଙ୍କ ବାହାଘର ଠିକ୍ ହେବାପରେ ବାପି ବିବାହ ପ୍ରସ୍ତାବ ପଡ଼ିଥିବା ଯୁବକଙ୍କୁ ନିଜର ପ୍ରେମସମ୍ପର୍କ ବିଷୟରେ ଜଣାଇଥିଲେ। ଏ ସଂକ୍ରାନ୍ତରେ ଯୁବତୀ ଜଣକ ଜାଣିବା ପରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ଏ ନେଇ ମୃତା ଯୁବତୀଙ୍କ ପରିବାର ପକ୍ଷରୁ ନଂ. ୩୦୧/୨୧, ଦଫା ୩୦୬ରେ ଏକ ମାମଲା ରୁଜୁ କରାଯାଇଥିଲା।

## ୧୪ ଅଳିଆ ଉଠା ଗାଡ଼ି ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୨।୭**

ଅନୁଗୋଳ ପୌରାଞ୍ଚଳର ପ୍ରତ୍ୟକ ଘରୁ ଅଳିଆ ସଂଗ୍ରହ ହେବ। ଏଥିପାଇଁ ୧୪ଟି ଅଳିଆ ଉଠା ଗାଡ଼ି ସୋମବାର ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସେଥିରୁ ୪ଟି ବ୍ୟାଟିରୀ ଚାଳିତ ଓ ଏହାର ଦାୟିତ୍ୱ ମହିଳାଙ୍କ ହାତରେ ରହିଛି। ଲୋକଙ୍କ ଘର ଆଗରେ ଗାଡ଼ି ପହଞ୍ଚିବା ପରେ ସେଠାରେ ସାଇରନ୍ ଦେବ। ଓଦା ଓ ଶୁଖିଲା ଅଳିଆ ଅଲଗା ଅଲଗା ସଂଗ୍ରହ କରିବ। ସେହିପରି ଏହି ଗାଡ଼ି ବଜାରରେ ରାତିରେ ବୁଲି ଅଳିଆ ସଂଗ୍ରହ କରି ଏମ୍‌ସିସିରେ ପହଞ୍ଚାଇବ। କେଉଁ ଗାଡ଼ି କେଉଁ ୱାର୍ଡକୁ ଯିବ ସେ ନେଇ ପୌରପାଳିକା ନିକଟରେ ସମସ୍ତ ସୂଚନା ରହିବ। ଏହି ଗାଡ଼ି ସହ ସ୍ୱଚ୍ଛ ସାଥୀମାନେ ରହିବେ। ଏମାନେ ଆବର୍ଜନା ସଂଗ୍ରହର ତଦାରଖ କରିବେ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ଯୁଧିଷ୍ଠିର ବେହେରା, ବିଭୂତି ଭୂଷଣ ମହାରଣା, ନିର୍ମଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଅଳିଆ ଉଠା ଗାଡ଼ି ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସହ ପୌର ଅଧିକାରୀମାନେ।

## ଦୁଇ ବାଇକ୍ ଧକ୍କା, ୫ ଗୁରୁତର

**କାମାକ୍ଷାନଗର, ୧୨।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବାଟଗାଁ-ବୀରାଶାଳ ରାସ୍ତାର ହଳଦୀକୁଣ୍ଡି ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଶିଶୁଙ୍କ ସମେତ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଟଗାଁର ବାବୁଲି ଦେହୁରୀ, ତାଙ୍କ ସ୍ତ୍ରୀ ଅଶାନ୍ତି ଦେହୁରୀ, ୩ ବର୍ଷର ପୁଅ ସିପ ଦେହୁରୀ ଏବଂ ସାଧୁଆମୁଣ୍ଡା ଗ୍ରାମର ହରିଶ୍ଚନ୍ଦ୍ର କଲଣ, ଦାଶରଥି ମୁଣ୍ଡା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ସ୍ତ୍ରୀ ଏବଂ ପୁଅଙ୍କ ସହ ବାବୁଲି ବୀରାଶାଳରୁ ନିଜ ଗ୍ରାମକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ହରିଶ୍ଚନ୍ଦ୍ର ଏବଂ ଦାଶରଥିଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ସମସ୍ତଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ସେବାୟତମାନେ ଜଗନ୍ନାଥଙ୍କୁ ପହଣ୍ଡି କରି ନେଉଛନ୍ତି। ଫଟୋ- ବୁବୁ

## ଅସ୍ଥାୟୀ ମଣ୍ଡପରେ ଶ୍ରୀଜୀଉ

**ଢେଙ୍କାନାଳ ଅଫିସ, ୧୧।୭**

ଢେଙ୍କାନାଳର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀବଳରାମ ମନ୍ଦିର ପରିସରରେ ପ୍ରତୀକାତ୍ମକ ଭାବେ ସୋମବାରଠାରୁ ଆରମ୍ଭ ହୋଇଛି ନବଦିନାତ୍ମକ ଘୋଷଯାତ୍ରା। କୋଭିଡ୍ କଟକଣା ଲାଗି ଚଳିତବର୍ଷ ମହାପ୍ରଭୁଙ୍କ ଏହି ଅଲୌକିକ ଯାତ୍ରା ଦେଖିବାରୁ ବଞ୍ଚିତ ହୋଇଛନ୍ତି ଶ୍ରଦ୍ଧାଳୁ। ଚତୁର୍ଦ୍ଧାବିଗ୍ରହ ମନ୍ଦିର ବେଢ଼ାରେ କରାଯାଇଥିବା ଅସ୍ଥାୟୀ ମଣ୍ଡପରେ ବିରାଜମାନ କରିଥିବାବେଳେ ପୀଠ ପରିସରରେ ୧୪୪ ଧାରା ଜାରି କରାଯାଇଛି।

ଘୋଷଯାତ୍ରା ଉପଲକ୍ଷେ ରାଜପୁରୋଧାଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ରତ୍ନବେଦିରେ ଆବଶ୍ୟକ ନୀତି ସମ୍ପନ୍ନ ହୋଇଥିଲା। ତେବେ ପହଣ୍ଡି ନିର୍ଦ୍ଧାରିତ ସମୟର ଦୁଇଘଣ୍ଟା ବିଳମ୍ବରେ ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହୋଇଥିଲା। ଯୁବରାଜ ଅମରଜ୍ୟୋତି ସିଂଦେଓ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିବା ପରେ ପହଣ୍ଡି ନୀତି ଗଡ଼ିଥିଲା। ଅପରାହ୍ନ ୧ଟାରେ ଅଧରପଣା ନୀତି ପରେ ୧ଟା ୧୫ରେ ଅସ୍ଥାୟୀ ମଣ୍ଡପକୁ ଠାକୁରମାନେ ବିଜେ କରିଥିଲେ। ଏହାପରେ ଯୁବରାଜଙ୍କ ଦ୍ୱାରା ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା। ରାଜବାଟିରେ ପୂଜା ପାଉଥିବା ଠାକରଙ୍କୁ ମଧ୍ୟ ପହଣ୍ଡି କରାଯାଇ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଛି। ମନ୍ଦିରରେ ପ୍ରତୀକ ସ୍ୱରୂପ ୩ ଫୁଟ ଏବଂ ୨ ଫୁଟ ଉଚ୍ଚତାର ଦୁଇଟି ଛୋଟ ରଥ ନିର୍ମାଣ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଗଁଦିଆ ତହସିଲଦାର ତଥା ଅତିରିକ୍ତ ଦେବୋତ୍ତର ଅଧିକାରୀ ଆଶିଷ ରଞ୍ଜନ ସାହୁ, ଟାଉନ ଥାନାଧିକାରୀ ନମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।



ଢେଙ୍କାନାଳ ବଳରାମ ମନ୍ଦିରରେ ରଥଯାତ୍ରାର ନୀତିକାନ୍ତି।

# ସଡ଼କ ଅପେକ୍ଷାରେ ସାତ ଦଶନ୍ଧି

- ମୌଳିକ ଅଧିକାରରୁ ବଞ୍ଚିତ ଖଇରାସାହିବାସୀ
- ବର୍ଷାଦିନେ ଯନ୍ତ୍ରଣା ଭୋଗୁଛନ୍ତି ୫୦ ପରିବାର
- ଆମ୍ବୁଲାନ୍ସ ପହଞ୍ଚୁନି, ରୋଗୀଙ୍କୁ ଭରସା ବାହୁଙ୍ଗି ଭାର

**ଢେଙ୍କାନାଳ ଅଫିସ, ୧୨।୭**

ବିକାଶ ଦେଖୁଛି ଗାଁ। ବଦଳୁଛି ଗ୍ରାମାଞ୍ଚଳର ଚିତ୍ର। ପକ୍କା ସଡ଼କ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ବିଦ୍ୟୁତ୍ ଭିତ୍ତିଭୂମିଠାରୁ ଆରମ୍ଭ କରି ଆନୁଷଙ୍ଗିକ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତିବର୍ଷ ଖର୍ଚ୍ଚ ହେଉଛି ବିପୁଳ ଟଙ୍କା। ହେଲେ ରାଜ୍ୟରେ ଏଭଳି ବି ଗ୍ରାମ ରହିଛି, ଯେଉଁଠି ସ୍ୱାଧୀନତାର ୭ ଦଶନ୍ଧି ପରେ ବି ତିଆରି ହୋଇପାରିନି ସବୁଦିନିଆ ରାସ୍ତା। ମୁମୂର୍ଷୁ ଅବସ୍ଥାରେ ଛଟପଟ ହେଉଥିବା ରୋଗୀ ବାହୁଙ୍ଗି ଭାରରେ ବୁହା ହୋଇ ଆସୁଛନ୍ତି ଡାକ୍ତରଖାନା। ଖରାଦିନେ ମୁନ୍ଦାଏ ବିଶୁଦ୍ଧ ପାଣି ପାଇଁ ଲୋକେ ଛଟପଟ ହେଉଥିବାବେଳେ ବର୍ଷାଦିନେ ଭୋଗୁଛନ୍ତି ଜଳବନ୍ଦୀ ଜୀବନ। କୌଣସି ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ ନୁହେଁ, ଢେଙ୍କାନାଳ ଜିଲାର ଶିଳ୍ପବହୁଳ ଓଡ଼ାପଡ଼ା ବ୍ଲକ ଅଧୀନ କୋଉମ ପଞ୍ଚାୟତର ୫ନଂ. ୱାର୍ଡ ଖଇରାସାହି ଗ୍ରାମରେ ଦେଖିବାକୁ ମିଳିଛି ବିକାଶର ଏଭଳି ବିକଳ ଚିତ୍ର।



ଗ୍ରାମସଭାରେ ଗ୍ରାମର ସମସ୍ୟା ବିଷୟରେ ଆଲୋଚନା କରାଯାଉଛି।

ପୁରୁଣାକଟକ-ସମ୍ବଲପୁର ରାସ୍ତାରୁ ମାତ୍ର ୩ କି.ମି. ଏବଂ ପଞ୍ଚାୟତ ସଦରରୁ ୫ କି.ମି. ଦୂରରେ ଅବସ୍ଥିତ ଖଇରାସାହିରେ ବାସ କରୁଛନ୍ତି ଅନୁସୂଚିତ ଜାତିର ପ୍ରାୟ ୫୦ ପରିବାର। ହେଲେ ଅଦ୍ୟାବଧି ଗ୍ରାମବାସୀଙ୍କ ପାଖରେ ଅପହଞ୍ଚ ହୋଇ ରହିଛି ସର୍ବନିମ୍ନ ମୌଳିକ ସୁବିଧା। ଅଞ୍ଚଳବାସୀଙ୍କ କହିବା କଥା, ନିର୍ବାଚନ ଆସିଲେ ଜନପ୍ରତିନିଧିଙ୍କ ଦର୍ଶନ ମିଳେ। ସ୍ୱାଧୀନତାର ୭୪ବର୍ଷ ପରେ ଗାଁକୁ ପକ୍କା ରାସ୍ତାଟିଏ ହୋଇ ନ ପାରିବା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଛି। ବର୍ଷା ଦିନେ କାଦୁଅ ପଚପଚ ରାସ୍ତାରେ ଆମ୍ବୁଲାନ୍ସ ତ ଦୂରର କଥା ବାଇକ୍ ଯିବା ମଧ୍ୟ କଷ୍ଟକର। ଜରୁରୀ ସମୟରେ ବଡ଼କଷ୍ଟରେ ରୋଗୀଙ୍କୁ ଭାର କରି ସାପୁଆ ନଦୀ ପାର କରାଇବାକୁ ପଡୁଛି। ଗ୍ରାମରେ ଥିବା ଏକମାତ୍ର ନଳକୂପ ଅଧିକାଂଶ ସମୟ ଅଚଳ ହୋଇପଡୁଥିବାରୁ ଦୂଷିତ ନଦୀ ପାଣି ବ୍ୟବହାର କରିବାକୁ ସ୍ଥାନୀୟ ବାସିନ୍ଦା ବାଧ୍ୟ ହେଉଛନ୍ତି। ୬ କିଲୋମିଟର ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ର କୋମଳମତି ପିଲାଙ୍କ କାମରେ ଆସୁନାହିଁ। ଏଭଳି ଅନେକ ସମସ୍ୟା ବିକାଶର ପଥ ଅବରୋଧ କରିଛି। ବାରମ୍ବାର ଜନପ୍ରତିନିଧି ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଲୋକଙ୍କ ଭାଗ୍ୟ ବଦଳୁନାହିଁ। ଗତ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଏକ ପ୍ରତିନିଧିମଣ୍ଡଳୀ ଗ୍ରାମରେ ସଭା କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଖଇରାସାହିବାସୀଙ୍କ ଦାବି ଖୁବ୍‌ଶୀଘ୍ର ପ୍ରଶାସନ ନିକଟରେ ଉପସ୍ଥାପନ କରାଯିବ ବୋଲି ଦଳର ଜିଲା ଆବାହକ ପଙ୍କଜ କୁମାର ନାୟକ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନା କୁହନ୍ତି, ପଞ୍ଚାୟତ ତରଫରୁ ରାସ୍ତା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରି ପଠାଇଲେ ତଦନୁଯାୟୀ ଅଟକଳ କରାଯିବ। ଏହାକୁ ଡିଆର୍‌ଡିଏକୁ ପଠାଯିବ। ସେଠାରୁ ଯେତେଶୀଘ୍ର ପ୍ରକଳ୍ପ ମଞ୍ଜୁର ହୋଇ ଆସିବ, ସେତେଶୀଘ୍ର କାର୍ଯ୍ୟକାରୀ ହେବ।

### ରାଜସ୍ୱ ଗ୍ରାମକୁ ରାସ୍ତା ନାହିଁ



ଖଇରା ସାହି ଏକ ରାଜସ୍ୱ ଗ୍ରାମ। ହେଲେ ଗାଁକୁ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିଲା ନାହିଁ। ଗମନାଗମନ ପାଇଁ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଶତାଧିକ ଜନସାଧାରଣ ଉପକୃତ ହେବେ।

-ପ୍ରଭାତ ମହାପାତ୍ର, ଗ୍ରାମବାସୀ

### ମିଳୁନି ମୌଳିକ ସୁବିଧା



ଗ୍ରାମରେ ଅନେକ ସମସ୍ୟା ରହିଛି। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଛୋଟ ପିଲାମାନେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ବ୍ଲକ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଭଲ ରାସ୍ତା ନିର୍ମାଣ କରିବାକୁ ଉଦ୍ୟମ କରାଯିବ।

-ଚିନ୍ମୟୀ ବିଶ୍ୱାଳ, ସରପଞ୍ଚ

## ସଂକ୍ଷେପରେ

### ୨.୭୯ ଲକ୍ଷ କୋଟିରେ ପହଞ୍ଚିଲା ଫ୍ଲିପ୍‌କାର୍ଟ ଭାଲ୍ୟୁ

**ନୂଆଦିଲ୍ଲୀ,୧୨।୭:** ବିଦେଶୀ ନିବେଶକ, ସଭରେନ ଫଣ୍ଡ ଏବଂ ଘରୋଇ ଇକ୍ୱିଟି ଫାର୍ମଗୁଡ଼ିକରୁ ଫ୍ଲିପ୍‌କାର୍ଟ ୩.୬ ବିଲିୟନ ଡଲାରର ପୁଞ୍ଜି ହାସଲ କରିବାକୁ ସକ୍ଷମ ହୋଇଛି। ୱାଲ୍‌ମାର୍ଟର ମାଲିକାନାରେ ରହିଥିବା ଏହି କମ୍ପାନୀର ଭାଲ୍ୟୁ ବର୍ତ୍ତମାନ ୩୭.୬ ବିଲିୟନ ଡଲାର ବା ୨.୭୯ ଲକ୍ଷ କୋଟି ଟଙ୍କା ଛୁଇଁଛି। ଭାରତରେ ଆମାଜନ ଭଳି କମ୍ପାନୀ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ଏଭଳି ନିବେଶ ସହାୟକ ହୋଇପାରିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଫ୍ଲିପ୍‌କାର୍ଟରେ ଅଦ୍ୟାବଧି ଜିଆଇସି, କାନାଡା ପେନ୍‌ସନ ପ୍ଲାନ୍ ଇନ୍‌ଭେଷ୍ଟମେଣ୍ଟ, ସଫ୍ଟବ୍ୟାଙ୍କ ଭିଜନ ଫଣ୍ଡ-୨, ୱାଲ୍‌ମାର୍ଟ, କାତାର ଇନ୍‌ଭେଷ୍ଟମେଣ୍ଟ ଅଥରିଟି, ଟେନ୍‌ସେଣ୍ଟ, ଫ୍ରାଙ୍କ୍‌ଲିନ ଟେମ୍ପେଲଟନ ଏବଂ ଟାଇଗର ଗ୍ଲୋବାଲ ଭଳି କମ୍ପାନୀ ନିବେଶ କରିଛନ୍ତି। ଆମେରିକାର ପ୍ରମୁଖ ରିଟେଲର ୱାଲ୍‌ମାର୍ଟ ଫ୍ଲିପ୍‌କାର୍ଟରେ ଗତ ୩ ବର୍ଷ ତଳେ ଅଧିକାଂଶ ଅଂଶଧନ କ୍ରୟ କରିଥିଲା। ଭାରତର ଡିଜିଟାଲ କମର୍ସ କ୍ଷେତ୍ରରେ ରହିଥିବା ସମ୍ଭାବନାକୁ କମ୍ପାନୀଗୁଡିକ ପରଖିପାରିଛନ୍ତି ବୋଲି ଫ୍ଲିପ୍‌କାର୍ଟ ଗ୍ରୁପ୍ ସିଇଓ କଲ୍ୟାଣ କୃଷ୍ଣମୂର୍ତ୍ତି କହିଛନ୍ତି।

### ପେଟିଏମ୍ ଆଣିବ ୧୬,୬୦୦ କୋଟିର ପବ୍ଲିକ ଅଫର

**ନୂଆଦିଲ୍ଲୀ,୧୨।୭:** ଡିଜିଟାଲ ପେମେଣ୍ଟସ ଏବଂ ଆର୍ଥିକ ସେବା ଯୋଗାଣକାରୀ କମ୍ପାନୀ ୧୬,୬୦୦ କୋଟିର ଏକ ବୃହତ୍ ପବ୍ଲିକ ଅଫର ଆଣିବା ଲାଗି ଯୋଜନା ରଖିଛି। କମ୍ପାନୀର ଅଂଶୀଦାର ଏହି ପ୍ରସ୍ତାବକୁ ସୋମବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଇନିସିଆଲ ପବ୍ଲିକ ଅଫର ଦ୍ୱାରା କମ୍ପାନୀ ୧୨ ହଜାର କୋଟି ଏବଂ ସେକେଣ୍ଡାରି ଶେୟାର ବିକ୍ରି ସହ ମୋଟ ୧୬,୬୦୦ କୋଟି ଟଙ୍କା ଜୁଟାଇବ। ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା କମ୍ପାନୀର ପ୍ରମୋଟର ଭାବେ ବିବେଚିତ ହେବେନାହିଁ। ସେ କମ୍ପାନୀର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ମଞ୍ଜୁର ହୋଇଥିବା ଜଣାପଡ଼ିଛି।


# ‘ବିକଳ୍ପ ଇନ୍ଧନରୁ ମିଳିବ ଆଶ୍ୱସ୍ତି’

## ପେଟ୍ରୋଲ ଦର ବୃଦ୍ଧି ଲୋକଙ୍କୁ ଆନ୍ଦୋଳିତ କରିଛି : ଗଡ଼କରୀ

ନୂଆଦିଲ୍ଲୀ,୧୨।୭

ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ଆକାଶଛୁଆଁ ହୋଇଥିବାରୁ ଏହାକୁ ନେଇ ଲୋକମାନେ ସମସ୍ୟା ସାମ୍ନା କରୁଛନ୍ତି। କରୋନା କାଳରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ମାତ୍ରାଧିକ ବଢ଼ିଥିବା ବେଳେ ତେଲ ଦର ଲଗାତର ବଢ଼ିଚାଲିଛି। ଏହା ଲୋକଙ୍କ ପକେଟକୁ ବହୁତ ବାଧୁଛି। ତେଲ ଦର କମାଇବା ଲାଗି ବାରମ୍ବାର ଦାବି ହେଉଥିବା ବେଳେ ଏହାକୁ ସରକାର କର୍ଣ୍ଣପାତ କରୁନାହାନ୍ତି। ଏଭଳି ସ୍ଥିତିରେ ତେଲ ଦରରୁ ଆଶ୍ୱସ୍ତି ପାଇବା ଲାଗି କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ସୋମବାର ନିଜର ମତ ରଖିଛନ୍ତି। ନାଗପୁରରେ ଦେଶର ପ୍ରଥମ ଲିକ୍ୟୁଫାଏଡ୍ ନାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ଫିଲିଂ ଷ୍ଟେଶନ ଶୁଭାରମ୍ଭ କରି ଗଡ଼କରୀ କହିଛନ୍ତି, ଏଲ୍‌ଏନ୍‌ଜି, ସିଏନ୍‌ଜି ଏବଂ ଇଥାନଲ ଭଳି ବିକଳ୍ପ ଇନ୍ଧନ ବ୍ୟବହାର ଦ୍ୱାରା ଲୋକମାନେ ତେଲ ଦର ବୃଦ୍ଧି ସମସ୍ୟାରୁ ଆଶ୍ୱସ୍ତି ଲାଭ କରିପାରିବେ।

ସେ କହିଛନ୍ତି, ଇଥାନଲର ଉପଯୋଗ ହେବା ଦ୍ୱାରା ପେଟ୍ରୋଲ ତୁଳନାରେ ଲିଟର ପିଛା ୨୦ଟଙ୍କା ସଞ୍ଚୟ ହୋଇପାରିବ। ଗୋଟିଏ ଟ୍ରକ୍ ଇଞ୍ଜିନକୁ



ଏଲ୍‌ଏନ୍‌ଜି ଇଞ୍ଜିନରେ ପରିବର୍ତ୍ତନ କରିବା ଲାଗି ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଗୋଟିଏ ଟ୍ରକ୍ ବର୍ଷକରେ ପ୍ରାୟ ୯୮ ହଜାର କି.ମି. ଯାତ୍ରା କରିଥାଏ। ଏଲ୍‌ଏନ୍‌ଜିକୁ ରୂପାନ୍ତରିତ ହେବା ପରେ ପ୍ରତି ବାହନ ୯ରୁ୧୦ ମାସରେ ୧୧ ଲକ୍ଷ ଟଙ୍କାର ସଞ୍ଚୟ କରିବା ସୁବିଧା ହେବ। ପେଟ୍ରୋଲିୟମ ସାମଗ୍ରୀ ଆମଦାନୀ ଲାଗି ଭାରତ ପ୍ରତି ବର୍ଷ ୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛି। ସରକାର ନୂଆ ନୀତି ଉପରେ କାର୍ଯ୍ୟ କରୁଛନ୍ତି, ଯାହା ଆମଦାନୀର ବିକଳ୍ପ ହେବ। ଏହା ସ୍ୱଦେଶୀ ଇଥାନଲ, ସିଏନ୍‌ଜି, ଏଲ୍‌ଏନ୍‌ଜି ଏବଂ ଉଦ୍‌ଜାନ ଇନ୍ଧନ ବିକାଶ ଲାଗି ପ୍ରୋତ୍ସାହିତ କରିବ। ସେ ପୁଣି କହିଛନ୍ତି, ସରକାର ନିରନ୍ତର ଭାବେ ବିକଳ୍ପ ଇନ୍ଧନ ଉପରେ କାମ କରୁଛନ୍ତି। ସେହିଭଳି ୨ ଚକିଆ ଏବଂ ୪ ଚକିଆ ଯାନ କ୍ଷେତ୍ରରେ ଫ୍ଲେକ୍ସ ଇଞ୍ଜିନକୁ ଯାନ କମ୍ପାନୀଙ୍କ ଲାଗି ବାଧ୍ୟତାମୂଳକ କରିବାକୁ ସରକାର ଶୀଘ୍ର ଏକ ନିଷ୍ପତ୍ତି ଗ୍ରହଣ କରିବେ। ବର୍ତ୍ତମାନ ଆମେରିକା, କାନାଡା ଏବଂ ବ୍ରାଜିଲ ଭଳି ଦେଶରେ ଏଭଳି ଇଞ୍ଜିନ କାର୍ଯ୍ୟକାରୀ ହେଉଛି। ପେଟ୍ରୋଲ ହେଉକି ଫ୍ଲେକ୍ସ ଇଞ୍ଜିନ ଯାନଗୁଡ଼ିକର ଦାମ ସମାନ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

### ଅପେକ୍ଷାକୃତ ଶସ୍ତା

ବିକଳ୍ପ ଇନ୍ଧନ ଇଥାନଲର ମୂଲ୍ୟ ଲିଟର ପିଛା ୬୦ରୁ ୬୨ ଟଙ୍କା ରହିଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କାରୁ ଉର୍ଦ୍ଧ୍ୱରେ ବିକ୍ରି ହେଉଛି। ଯଦି ଲୋକମାନେ ଇଥାନଲ ବ୍ୟବହାର କରନ୍ତି ତେବେ ଲିଟର ପିଛା ୩୦ରୁ ୩୫ ଟଙ୍କା ସଞ୍ଚୟ କରିପାରିବେ।

### ଫ୍ଲେକ୍ସ ଫୁଏଲ ଇଞ୍ଜିନ କ'ଣ


ଏହି ଇଞ୍ଜିନର ବିଶେଷତ୍ୱ ହେଲା ଏଥିରେ ୨ ପ୍ରକାର ଇନ୍ଧନ ବ୍ୟବହାର କରାଯାଇପାରିବ। ଏହା ଇଣ୍ଟରନାଲ କମ୍ବସନ ଇଞ୍ଜିନ ଭଳି ହୋଇଥାଏ। ଏହା ଏକ କିମ୍ବା ଏକାଧିକ ପ୍ରକାର ତେଲରେ ଚାଲିପାରିବ। ସେହିଭଳି ଏହି ଇଞ୍ଜିନରେ ମିଶ୍ରିତ ଇନ୍ଧନ ମଧ୍ୟ ବ୍ୟବହାର କରାଯାଇଥାଏ। ସରଳ ଭାବେ କହିଲେ ଏଥିରେ ୨ ପ୍ରକାର ତେଲ ପକାଇ ହେବ। ଇଞ୍ଜିନ ତା' ହିସାବରେ କାମ କରିବ।

### ଏଲ୍‌ଏନ୍‌ଜି କ'ଣ

ଏଲ୍‌ଏନ୍‌ଜି ପ୍ରାକୃତିକ ଗ୍ୟାସ୍‌ର ଏକ ତରଳ ରୂପ। ଯେଉଁ ଦେଶଗୁଡିକୁ ପାଇପଲାଇନ ଯିବା ସମ୍ଭବ ନୁହେଁ ସେହି ଦେଶଗୁଡ଼ିକୁ ଜାହାଜରେ ଏହାକୁ ପଠାଯାଇଥାଏ। ଗ୍ୟାସ୍ ପରିବହନରେ ଏହା କମ୍ ସ୍ଥାନ ବ୍ୟବହାର ହୋଇଥାଏ। ପ୍ରାକୃତିକ ବାଷ୍ପକୁ ତରଳୀକୃତ ପ୍ରାକୃତିକ ବାଷ୍ପ ପ୍ରସ୍ତୁତ କରିବା ବେଳେ ଏଥିରେ ବିଭିନ୍ନ ଅଶୁଦ୍ଧ ସାମଗ୍ରୀ ଅଲଗା ହୋଇଥାଏ। ଏଥିପାଇଁ ଏଲ୍‌ଏନ୍‌ଜିକୁ ପ୍ରାକୃତିକ ବାଷ୍ପର ଶୁଦ୍ଧତମ ରୂପ ବୋଲି ବିବେଚନା କରାଯାଇଥାଏ।

# ୧୫ ଲକ୍ଷ କୋଟି ଡଲାର ହେବ ଭାରତୀୟ ଅର୍ଥ ବ୍ୟବସ୍ଥା:ଆଦାନୀ

ନୂଆଦିଲ୍ଲୀ,୧୨।୭



୨୦୪୦ ବେଳକୁ ଭାରତୀୟ ଅର୍ଥ ବ୍ୟବସ୍ଥା ୧୫ ଲକ୍ଷ କୋଟି ଡଲାର ଛୁଇଁବ ବୋଲି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ସୋମବାର କହିଛନ୍ତି। ସେହିଭଳି ସାରା ବିଶ୍ୱରେ ଭାରତ ସବୁଠାରୁ ବଡ଼ ଅର୍ଥ ବ୍ୟବସ୍ଥା ହେବା ସମ୍ଭାବନା ରଖିଥିବା ସେ ମତ ପ୍ରକାଶ କରିଛନ୍ତି। କମ୍ପାନୀର ବାର୍ଷିକ ସାଧାରଣ ବୈଠକରେ ସେ କହିଛନ୍ତି, ଦେଶରେ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଜୋର୍‌ଦାର ହୋଇଛି। ଭାରତର ମୋଟ ଜନସଂଖ୍ୟା ମଧ୍ୟରୁ ମଧ୍ୟମ ବର୍ଗଙ୍କ ଅଂଶ ବୃହତ୍ ରହିଛି। ଯୁବବର୍ଗ ଏବଂ ଚାହିଦା କ୍ଷେତ୍ରରେ ମଧ୍ୟ ବଡ଼ ସମ୍ଭାବନା ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଅର୍ଥ ବ୍ୟବସ୍ଥା ଉପରେ ଭଲ ପ୍ରଭାବ ପକାଇବ। ଚାହିଦା ଏବଂ ବଜାର ପୁଞ୍ଜୀକରଣ ଭଳି କ୍ଷେତ୍ରରେ ଭାରତ ଏକ ବଡ ଦେଶ ହେବ ବୋଲି ଆଦାନୀ ଆଶା ପ୍ରକଟ କରିଛନ୍ତି।

ସେ ପୁଣି କହିଛନ୍ତି, ଆଦାନୀ ଗ୍ରୁପ୍ ବର୍ତ୍ତମାନ ୭.୫୦ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜୀକରଣ ହାସଲ କରିଥିବା କମ୍ପାନୀ ଭାବେ ରୂପାନ୍ତରିତ ହୋଇଛି। ଗ୍ରୁପ୍‌ର ସୂଚୀଭୁକ୍ତ କମ୍ପାନୀଗୁଡିକ ଉନ୍ନତ ପ୍ରଦର୍ଶନ ଧାରା ଜାରି ରଖିଛନ୍ତି। ପ୍ରଥମ ପିଢ଼ିର କମ୍ପାନୀ ଭାବେ ଗ୍ରୁପ୍‌କୁ ଏଭଳି ସଫଳତା ମିଳିଛି। ସେବି ଦ୍ୱାରା ବିଦେଶୀ ନିବେଶକଙ୍କ ଆକାଉଣ୍ଟ ଜବତ ହେବା ଘଟଣାକୁ ସେ ଖଣ୍ଡନ କରିଛନ୍ତି। ନିବେଶକ ଏବଂ ଅଂଶୀଦାରଙ୍କ ଲାଗି ଭାଲ୍ୟୁ ଗଠନ ପାଇଁ କାର୍ଯ୍ୟକ୍ରମ ଜାରି ରହିଥିବା ସେ ମତ ପ୍ରକାଶ କରିଛନ୍ତି। ବନ୍ଦରଠାରୁ ଶକ୍ତି ଭଳି କ୍ଷେତ୍ରରେ ବିଦେଶୀ ନିବେଶକମାନେ ପ୍ରାୟ ୪୫ ହଜାର କୋଟି ଟଙ୍କା ନିବେଶ କରିଛନ୍ତି। ଜୁନ୍ ଦ୍ୱିତୀୟ ସପ୍ତାହରେ କମ୍ପାନୀର ବଜାର ପୁଞ୍ଜୀକରଣ ୨.୩୪ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଥିଲା। ସେହିଭଳି ଷ୍ଟକ୍ ମୂଲ୍ୟ ମଧ୍ୟ ୨୦ରୁ ୪୦% ନିମ୍ନରେ ରହିଥିଲା। କମ୍ପାନୀର ଲମ୍ବା ଅବଧି ଲକ୍ଷ୍ୟ ଲାଗି କୌଣସି ସମସ୍ୟା ରହିବ ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଦର ବଢ଼ାଇଲା ମାରୁତି ସୁଜୁକି

ନୂଆଦିଲ୍ଲୀ,୧୨।୭

ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସୋମବାର ଦର ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ସ୍ୱିଫ୍ଟ ମଡେଲ ସହ ଅନ୍ୟ ସମସ୍ତ ସିଏନ୍‌ଜି ମଡେଲ ଉପରେ ମଧ୍ୟ ଦର ବୃଦ୍ଧି କରାଇବା ପାଇଁ କମ୍ପାନୀ ନିଷ୍ପତ୍ତି ନେଇଛି ବୋଲି କୁହାଯାଇଛି। କମ୍ପାନୀ ସୋମବାରଠାରୁ ତା'ର ଏକ୍ସ ଶୋ'ରୁମ୍ ମୂଲ୍ୟ ପ୍ରାୟ ୧୫ ହଜାର ଟଙ୍କା ଏହିସବୁ ମଡେଲ ଉପରେ ବଢ଼ାଇବ ବୋଲି ଜଣାପଡିଛି। କମ୍ପାନୀର ଏହି ବର୍ଦ୍ଧିତ ଦର ସୋମବାରଠାରୁ ଲାଗୁ କରାଯିବ ବୋଲି ଜଣାପଡ଼ିଛି। ସେହିଭଳି କମ୍ପାନୀ ତା'ର ଅନ୍ୟ ସମସ୍ତ ମଡେଲ ଉପରେ ଦର ବୃଦ୍ଧି ପାଇଁ ଯୋଜନା କରୁଥିବା ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ରେ ସୋମବାର କମ୍ପାନୀର ୧% ଶେୟାର ଉଚ୍ଚ ରହିଥିବା ଜଣାପଡ଼ିଛି।

## ଖୁଚୁରା ମୁଦ୍ରାସ୍ଫୀତି ୬.୨୬%

# ଦରବୃଦ୍ଧିରୁ ନିସ୍ତାର ନାହିଁ


ନୂଆଦିଲ୍ଲୀ, ୧୨।୭

ସରକାର ସୋମବାର ଖୁଚୁରା ମୁଦ୍ରାସ୍ଫୀତି ସମ୍ପର୍କିତ ରିପୋର୍ଟ ଜାରି କରିଛନ୍ତି। ମେ' ତୁଳନାରେ ଜୁନ୍‌ରେ ଏ କ୍ଷେତ୍ରରେ ଲୋକଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। ରିପୋର୍ଟ ମୁତାବକ, ଜୁନ୍‌ରେ ଖାଉଟି ମୂଲ୍ୟସୂଚୀଭିତ୍ତିକ ଖୁଚୁରା ମୁଦ୍ରାସ୍ଫୀତି ୬.୨୬%କୁ ଖସିଛି। ଏହା ମେ'ରେ ୬.୩୦% ସ୍ତରରେ ରହିଥିଲା। ମେ'ରେ ମୁଦ୍ରାସ୍ଫୀତି ୬ ମାସର ସର୍ବୋଚ୍ଚ ସ୍ତରରେ ରହିଥିଲା। ପେଟ୍ରୋଲ ଏବଂ ଡିଜେଲ ଦର ଉଚ୍ଚା ରହିବା ଯୋଗୁ ମେ' ତୁଳନାରେ ଜୁନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଅହେତୁକ ଭାବେ ବୃଦ୍ଧି ପାଇଛି। ଆର୍‌ବିଆଇର ଧାର୍ଯ୍ୟ ମୁଦ୍ରାସ୍ଫୀତି ଲକ୍ଷ୍ୟ ଗତ ୨ ମାସ ହେବ ଟପୁଛି। ଅର୍ଥାତ୍ ୨ ମାସ ହେବ ଦରବୃଦ୍ଧି ଉପରେ ନିୟନ୍ତ୍ରଣ ରହୁନି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁସାରେ, ଖାଦ୍ୟ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ୫.୧୫% ରହିଛି। ଏହା ମେ'ରେ ୫.୦୧%ରେ ରହିଥିଲା। ସେହିଭଳି ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ଏହା ଯଥାକ୍ରମେ ୧୨.୭% ଏବଂ ୧୧.୬%କୁ ବୃଦ୍ଧି ଘଟିଛି। ବର୍ଷକ ମଧ୍ୟରେ ସୋରିଷ ତେଲ ସବୁଠାରୁ ମହଙ୍ଗା ହୋଇଛି। ସରକାରୀ ତଥ୍ୟ ମୁତାବକ, ଅଏଲ ଆଣ୍ଡ ଫ୍ୟାଟ୍ ଦର ୩୪.୭୮% ବଢ଼ିଛି। ସେହିଭଳି ଅଣ୍ଡା ୧୯.୩୫%, ଫଳ ୧୧.୮୨%, ଡାଲି ୧୦.୧%, ମସଲା ୫.୬୪%, ମାଛ ଏବଂ ମାଂସ ମୂଲ୍ୟ ୪.୮୩% ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଜୁନ ତ୍ରୈମାସରେ ମୁଦ୍ରାସ୍ଫୀତି ୫.୨%, ଦ୍ୱିତୀୟ ତ୍ରୈମାସରେ ୫.୪%, ତୃତୀୟ ତ୍ରୈମାସରେ ୪.୭% ଏବଂ ଚତୁର୍ଥ ତ୍ରୈମାସରେ ୪.୭% ରହିପାରେ ବୋଲି ଆର୍‌ବିଆଇ ଏହାର ମୁଦ୍ରାନୀତି କମିଟି ବୈଠକରେ କହିଥିଲା। ସରକାର ସୋମବାର ଶିଳ୍ପ ଉତ୍ପାଦନ ଡାଟା ମଧ୍ୟ ଜାରି କରିଛନ୍ତି। ବାର୍ଷିକ ଆଧାରରେ ଏହା ୨୯.୨% ବଢ଼ିଛି। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଡାଟା ଜାରି କରାଯାଇଛି। ଗତ ବର୍ଷ ମେ'ରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ ୩୩.୪% ହ୍ରାସ ହୋଇଥିଲା।

## ଖେଳ ଖବର

# ଅଲିମ୍ପିକ୍ସ ବେଳେ ଜରୁରିକାଳୀନ ପରିସ୍ଥିତି

ଟୋକିଓ, ୧୨।୭ (ଏପି)




ଅଲିମ୍ପିକ୍ସ ଆରମ୍ଭ ହେବାକୁ ମାତ୍ର ଦୁଇ ସପ୍ତାହରୁ କମ୍ ଦିନ ରହିଥିବାବେଳେ ଜାପାନ ରାଜଧାନୀରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ହସ୍ପିଟାଲଗୁଡ଼ିକରେ କରୋନା ରୋଗୀଙ୍କ ଲାଗି ଉଦ୍ଦିଷ୍ଟ ବେଡ୍‌ଗୁଡ଼ିକ ପୂରଣ ହେବାରେ ଲାଗିଛି। ସ୍ଥାନୀୟ ସରକାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବାଧ୍ୟ ହୋଇ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ଏହାର ପ୍ରଭାବ ଅଲିମ୍ପିକ୍ସ ଉପରେ ପଡ଼ିବ ବୋଲି ଅନୁମାନ କରାଯାଉଛି।

ଦେଶରେ ମହାମାରୀ ଆରମ୍ଭ ହେବାପରଠାରୁ ସୋମବାରଠାରୁ ୬ଷ୍ଠଥର ପାଇଁ ଜରୁରିକାଳୀନ ପରିସ୍ଥିତ ଜାରି କରାଯାଇଛି। ଏହା ଅଗଷ୍ଟ ୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ। ମୁଖ୍ୟ ଉଦ୍ଦେଶ୍ୟ ହେଲା ବାର୍ ଓ ରେସ୍ତୋରାଁଗୁଡ଼ିକରେ ମଦ ପରିବେଷଣ ଉପରେ କଟକଣା। କର୍ତ୍ତୃପକ୍ଷ ଚାହୁଁଛନ୍ତି ଲୋକେ ସର୍ବସାଧାରଣ ସ୍ଥାନଗୁଡ଼ିକରେ ଗହଳି ନ କରି ଘରେ ରହି ଟିଭି ଜରିଆରେ ଗେମ୍ସର ମଜା ନିଅନ୍ତୁ। ଅତୀତର ଜରୁରିକାଳୀନ ପରିସ୍ଥିତି ତୁଳନାରେ ଏଥର ନିୟମ ଓ କଟକଣା କାର୍ଯ୍ୟକାରୀ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ଅଧିକ କ୍ଷମତା ଦିଆଯାଇଛି। କ୍ଷତିପୂରଣ ବିନିମୟରେ ସେମାନେ ଚାହିଁଲେ ସାମୟିକ ଦୋକାନ ବଜାର ବନ୍ଦ କରିଦେଇପାରନ୍ତି। ନିୟମ ଅମାନ୍ୟ କଲେ ଦଣ୍ଡବିଧାନ ମଧ୍ୟ କରିପାରିବେ। ରେସ୍ତୋରାଁ, ବାର୍, କାରାଓକ୍ ପାର୍ଲର ଏବଂ ଅନ୍ୟ ଆମୋଦପ୍ରମୋଦ ସ୍ଥଳକୁ ହୁଏତ ବନ୍ଦ କରାଯାଇପାରେ କିମ୍ବା ମଦ ପରିବେଷଣକୁ ମନା କରାଯାଇପାରେ। ଏପରିକି ରେସ୍ତୋରାଁଗୁଡ଼ିକୁ ମଦ ଯୋଗାଣ ବନ୍ଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ହୋଇପାରେ। କିନ୍ତୁ ମଦ ଦୋକାନଗୁଡ଼ିକ କହିଛନ୍ତି ଏହା ସେମାନଙ୍କ ବ୍ୟବସାୟିକ ଚୁକ୍ତିରେ କ୍ଷତି ପହଞ୍ଚାଇପାରେ। ଜରୁରିକାଳୀନ ପରିସ୍ଥିତି ସମୟରେ ସ୍କୁଲଗୁଡ଼ିକ କିନ୍ତୁ ଖୋଲା ରହିବ। ଥିମ୍‌ପାର୍କ, ମ୍ୟୁଜିୟମ, ଥିଏଟର ଏବଂ ଅଧିକାଂଶ ଷ୍ଟୋର ଓ ରେସ୍ତୋରାଁଗୁଡ଼ିକୁ ରାତି ୮ଟା ସୁଦ୍ଧା ବନ୍ଦ ରଖିବା ଲାଗି ଅନୁରୋଧ କରାଯାଇପାରେ। ଟୋକିଓ ବାସିନ୍ଦାଙ୍କୁ ବିଶେଷ କାରଣ ନ ଥିଲେ ବାହାରକୁ ନ ଯିବା, ଘରେ ରହି କାମ କରିବା, ମାସ୍କ ପରିଧାନ କରିବା ଏବଂ ଅନ୍ୟ ସ୍ୱାସ୍ଥ୍ୟସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇପାରେ। ଟୋକିଓର ପାଖାପାଖି ୧୪ ନିୟୁତ ବାସିନ୍ଦା ଏବଂ ନିକଟବର୍ତ୍ତୀ ଚିବା, ସାଇତାମା ଓ କାନାଗ୍ୱାର ୩୧ ନିୟୁତ ଲୋକ ପ୍ରଭାବିତ ହେବେ। ଚିବା, ସାଇତାମା ଓ କାନାଗ୍ୱାରେ ଅଲିମ୍ପିକର କିଛି ଭେନ୍ୟୁ ରହିଛି। କିନ୍ତୁ ଏହି ତିନୋଟି ସ୍ଥାନରେ ଜରୁରିକାଳୀନ ପରିସ୍ଥିତିରେ କିଛିଟା କୋହଳ ଅବଲମ୍ବନ କରାଯାଇଛି। ଓସାକା ଏବଂ ଦକ୍ଷିଣାଞ୍ଚଳ ଦ୍ୱୀପ ଓକିନାୱାରେ ମଧ୍ୟ କୋଭିଡ୍‌ଜନିତ କଟକଣା ଲାଗୁ କରାଯାଇଛି। ଟୋକିଓ ଅଲିମ୍ପିକ୍ସ ଅଫିସିଆଲମାନେ ପୂର୍ବରୁ ଦର୍ଶକମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରିସାରିଛନ୍ତି। ଭାଇରସ୍ ସଂକ୍ରମଣ ଆଶଙ୍କା କରି ହୋକାଇଦୋ ଓ ଫୁକୁଶିମା ଅଞ୍ଚଳରେ ମଧ୍ୟ ଦର୍ଶକମାନଙ୍କୁ ବାରଣ କରିଛନ୍ତି। ଏହି ଦୁଇଟି ସ୍ଥାନରେ ଫୁଟ୍‌ବଲ ଓ ସଫ୍ଟବଲ୍ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଅନ୍ୟଦେଶ ତୁଳନାରେ ଜାପାନରେ କୋଭିଡ୍‌ର ପ୍ରଭାବ କମ୍ ରହିଛି। ଦେଶର ସଂକ୍ରମିତଙ୍କ ସଂଖ୍ୟା ୮୨୦,୦୦୦ ରହିଥିବାବେଳେ ମୃତ୍ୟୁ ସଂଖ୍ୟା ୧୫,୦୦୦ ରହିଛି। ମାତ୍ର କିଛି ସପ୍ତାହ ହେଲା ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଦୁଇମାସ ମଧ୍ୟରେ ଗତ ଶନିବାର ସବୁଠାରୁ ଅଧିକ ୯୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବିଶେଷଜ୍ଞମାନେ ସତର୍କ କରାଇ କହିଛନ୍ତି ଯେ, ଡେଲ୍‌ଟା ଭାରିଆଣ୍ଟ ଅଧିକ ସଂକ୍ରାମକ। ଫଳରେ ଅଫିସ ଓ କ୍ଲାସରୁମ୍‌ଗୁଡ଼ିକରେ ସଂକ୍ରମଣ ବୃଦ୍ଧି ପାଉଛି। କଠୋର ପଦକ୍ଷେପ ନିଆ ନ ଗଲେ ଅଗଷ୍ଟ ବେଳକୁ ସଂକ୍ରମିତଙ୍କ ସଂଖ୍ୟା ଆକାଶଛୁଆଁ ହୋଇପାରେ।




# ୧୫ ଭାରତୀୟ ଆଥ୍‌ଲେଟଙ୍କ ସହ ଚୁକ୍ତି କଲା ପୁମା ଇଣ୍ଡିଆ

ନୂଆଦିଲ୍ଲୀ, ୧୨।୭ (ପି.ଟି.)

ଆସନ୍ତା ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ବିଶ୍ୱର ଅନ୍ୟତମ ଅଗ୍ରଣୀ କ୍ରୀଡ଼ା ପୋଷାକ ପ୍ରସ୍ତୁତକାରୀ କମ୍ପାନୀର ଏକ ଅଂଶ ପୁମା ଇଣ୍ଡିଆ ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ୧୫ ଭାରତୀୟ ଆଥ୍‌ଲେଟ ଏବଂ ୩ ପାରା ଆଥ୍‌ଲେଟଙ୍କ ସହ ଚୁକ୍ତି କରିଛି। କ୍ରୀଡ଼ାରେ ବିବିଧତା ପାଳନର ଅଂଶ ବିଶେଷ ସ୍ୱରୂପ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କମ୍ପାନୀ ତରଫରୁ ଯେଉଁ ଆଥଲେଟମାନଙ୍କ ସହ ଚୁକ୍ତି କରାଯାଇଛି ସେମାନଙ୍କ ମଧ୍ୟରେ ରହିଛନ୍ତି କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରୀକମ୍, ସ୍ପ୍ରିଣ୍ଟର ଦୂତୀ ଚାନ୍ଦ, ବକ୍ସର ପୂଜା ରାଣୀ, ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ ତେଜିନ୍ଦର ସିଂ, ଶୁଟର ମନୁ ଭାକରେ, ସୁଇମର ଶ୍ରୀହରି ନଟରାଜ ଏବଂ ହକି ଖେଳାଳିଗଣ ରୂପିନ୍ଦର ପାଲ୍ ସିଂ, ହରମନପ୍ରୀତ ସିଂ, ମନଦୀପ ସିଂ, ଗୁରଜାଣ୍ଟ ସିଂ, ସବିତା ପୁନିଆ, ସୁଶୀଳା ଚାନୁ, ନବନୀତ କୌର, ନବଜୋତ କୌର, ବନ୍ଦନା କାଟାରିଆ, ଗୁରଜିତ କୌର ଓ ଉଦିତା ଦୁହାନ। ପାରା ଆଥଲେଟମାନେ ହେଲେ ଶୁଟର ଆଭାନୀ ଲେଖାରା, ଟେବୁଲ ଟେନିସ ଚାମ୍ପିୟନ ଭାବିନା ପଟେଲ ଏବଂ ଡିସ୍‌କସ୍ ଥ୍ରୋୟର ଏକତା ଭାୟାନ।

# ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍

## ଏକ୍ଲେଷ୍ଟୋନ୍, କନ୍‌ୱେ

ଦୁବାଇ, ୧୨।୭ (ପି.ଟି.)

ଭାରତର ସ୍ୱଳ୍ପ ବୟସ୍କା ପ୍ରତିଭା ଶେଫାଳୀ ବର୍ମା ଓ ଅଲରାଉଣ୍ଡର ସ୍ନେହ ରାଣାଙ୍କୁ ପଛରେ ପକାଇ ଇଂଲଣ୍ଡ ସ୍ପିନର ସୋଫି ଏକ୍ଲେଷ୍ଟୋନ୍ ଜୁନ୍ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ବିଭାଗରେ ଡେଭନ କନ୍‌ୱେ ଏହି ସମ୍ମାନ ହାସଲ କରିଛନ୍ତି। ଟାମି ବିମଣ୍ଟଙ୍କ ପରେ ବାମହାତୀ ସ୍ପିନର ଏକ୍ଲେଷ୍ଟୋନ୍ ଇଂଲଣ୍ଡର ଦ୍ୱିତୀୟ ମହିଳା ଖେଳାଳି ଭାବେ ଏହି ପୁରସ୍କାର ଲାଭ କରିଛନ୍ତି। ବିମଣ୍ଟ ଫେବୃୟାରୀରେ ଏହି ପୁରସ୍କାର ଜିତିଥିଲେ। ୨୦୧୮ରେ ଆଇସିସି ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ବିଜୟିନୀ ବ୍ରିଷ୍ଟଲରେ ଖେଳାଯାଇଥିବା ଭାରତ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚରେ ମୋଟ ୮ ଉଇକେଟ ଅକ୍ତିଆର କରିଥିଲେ। ପରେ ଖେଳାଯାଇଥିବା ଦୁଇଟି ଅନ୍ତର୍ଜାତୀୟ ଦିନିକିଆରେ ସେ ତିନୋଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ପୁରୁଷ କ୍ରିକେଟରେ କନ୍‌ୱେ ନ୍ୟୁଜିଲାଣ୍ଡର ପ୍ରଥମ ଖେଳାଳି ଭାବେ ଏହି ପୁରସ୍କାର ଜିତିଛନ୍ତି। ଟେଷ୍ଟ କ୍ରିକେଟରେ ପ୍ରଥମ ମାସରେ ତାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା। ଏହି ବାମହାତୀ ଖେଳାଳି ଲର୍ଡ୍ସଠାରେ ଇଂଲଣ୍ଡ ବିପକ୍ଷରେ ଏକ ଆକର୍ଷଣୀୟ ଦ୍ୱିଶତକ ଏବଂ ପରବର୍ତ୍ତୀ ଦୁଇଟି ଗେମ୍‌ରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ତନ୍ମଧ୍ୟରେ ସାଉଥାମ୍ପଟନରେ ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଅନ୍ୟତମ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଟିମ୍‌ମେଟ୍ କାଇଲ ଜେମିସନ ଏବଂ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି'କକ୍‌ଙ୍କୁ ପଛରେ ପକାଇ କନ୍‌ୱେ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି।



ଡେଭନ କନ୍‌ୱେ



ସୋଫି ଏକ୍ଲେଷ୍ଟୋନ୍

# ଓଡ଼ିଶା ଏଫ୍‌ସିରୁ ବେଙ୍ଗାଲୁରୁ ୟୁନାଇଟେଡ ଗଲେ ଡିସୁଜା

ଭୁବନେଶ୍ୱର, ୧୨।୭(କ୍ରୀଡ଼ା ପ୍ରତିନିଧି)

ଆଇ-ଲିଗ୍ ଦଳ ବେଙ୍ଗାଲୁରୁ ୟୁନାଇଟେଡ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ଦଳ ଓଡ଼ିଶା ଏଫ୍‌ସି ନିକଟରୁ ଜର୍ଜ ଡିସୁଜାଙ୍କୁ ଲୋନ୍‌ରେ ନେଇଛି। ଉଭୟ କ୍ଲବ ମଧ୍ୟରେ ଏ ସମ୍ପର୍କରେ ଏକ ଚୁକ୍ତି ହୋଇଛି। ଆଗାମୀ ଆଇ-ଲିଗ୍ କ୍ୱାଲିଫାୟରରେ ଡିସୁଜା ବେଙ୍ଗାଲୁରୁ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ବେଙ୍ଗାଲୁରୁ ୟୁନାଇଟେଡ ପକ୍ଷରୁ ନୂଆ ଯାତ୍ରା ଆରମ୍ଭ କରିବାକୁ ସେ ପ୍ରସ୍ତୁତ ବୋଲି ପ୍ରକାଶ କରିଛନ୍ତି ଡିସୁଜା। ପୂର୍ବ ସିଜନରେ ଭରପୂର ସମର୍ଥନ କରିଥିବାରୁ ସେ ଓଡ଼ିଶା ଏଫ୍‌ସିକୁ ଧନ୍ୟବାଦ ଜଣାଇଛନ୍ତି। ଆଇ-ଲିଗ୍‌କୁ କିପରି ବେଙ୍ଗାଲୁରୁ ୟୁନାଇଟେଡ କ୍ୱାଲିଫାଏ କରିବ ତାହା ତାଙ୍କର ମୁଖ୍ୟ କାର୍ଯ୍ୟ ହେବ ବୋଲି ପ୍ରକାଶ କରିଛନ୍ତି। ଡିସୁଜା ୨୦୧୬ରେ ସ୍ପୋର୍ଟିଂ କ୍ଲବ ଡି ଗୋଆ ପକ୍ଷରୁ ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ଗୋଆ ବାସିନ୍ଦା ହୋଇଥିବାରୁ ପେସାଦାର ଲିଗ୍‌ରେ ସେ ପ୍ରଭାବୀ ପ୍ରଦର୍ଶନ କରି ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ୨୦୨୦-୨୧ ସିଜନ ପାଇଁ ସେ ଭୁବନେଶ୍ୱରଭିତ୍ତିକ ଆଇଏସ୍‌ଏଲ୍ କ୍ଲବ ଓଡ଼ିଶା ଏଫ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।



ଜର୍ଜ ଡିସୁଜା


**ମନ୍ଦିର ଯାଇ ଟ୍ରୋଲ ହେଲେ ସାରା**

ବଲିଉଡ ବିୟୁଟି ସାରା ଅଲି ଖାନ୍ ମନ୍ଦିର ଓ ମସଜିଦ ଯିବାର ଫଟୋ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି । ନିକଟରେ ସେ ଏକ ଫଟୋ ଶେୟାର କରି ଟ୍ରୋଲର ଶିକାର ହୋଇଛନ୍ତି। ସାରା କାମାକ୍ଷା ମନ୍ଦିର ଦର୍ଶନ କରିବାର ଏକ ଫଟୋ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ । ଏହି ଫଟୋ ଦେଖିବା ପରେ ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ଟ୍ରୋଲ କରବା ସହ ତାଙ୍କ ଧର୍ମକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଜଣେ ୟୁଜର୍ସ ଲେଖିଛନ୍ତି ସାରା ଆପଣ କେଉଁ ଧର୍ମ ଫଲୋ କରୁଛନ୍ତି, ହିନ୍ଦୁ ନା ମୁସଲିମ । ନିକଟରେ ସାରା 'ଅତରଙ୍ଗି'ରେ ନଜର ଆସିବେ । ଏଥିରେ ଅକ୍ଷୟ କୁମାର ଓ ଧନୁଷଙ୍କୁ ମଧ୍ୟ ଦେଖିବାକୁ ମିଳିବ ।



# ଚାଇନା ଗଢୁଛି 'ସୁପର ହ୍ୟୁମାନ୍'

**ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ଚାଇନାର ପଦାତିକ ବାହିନୀ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ଦକ୍ଷତାକୁ ନେଇ ସର୍ବଦା ସୃଷ୍ଟି ହୋଇଥାଏ ପ୍ରଶ୍ନବାଚୀ। ସମ୍ମୁଖ ଯୁଦ୍ଧ, ଅସହ୍ୟ ଥଣ୍ଡାରେ ଶୀଘ୍ର କ୍ଲାନ୍ତ ହୋଇପଡୁଥିବାର ଅପବାଦ ମୁଣ୍ଡାଇଛନ୍ତି ଚାଇନିଜ୍ ସୈନିକମାନେ। ଅନେକ ସମୟରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏଭଳି କିଛି ଭିଡିଓ, ଚର୍ଚ୍ଚାର ଶିରୋନାମା ପାଲଟିଥାଏ। ତେବେ ଆଗାମୀ ଦିନରେ ଏଥିରେ ବିରାମ ଲାଗିବାକୁ ଯାଉଛି। କାରଣ ଜେନେଟିକ୍ ଇଞ୍ଜିନିୟରିଂକୁ ଉପଯୋଗ କରି ଚାଇନିଜ୍ ବୈଜ୍ଞାନିକମାନେ 'ସୁପର ହ୍ୟୁମାନ' ସୃଷ୍ଟି ଲାଗି ଯୋଜନା କରୁଛନ୍ତି। ଏହି ପ୍ରୟୋଗ ସଫଳ ହେଲେ କେବଳ ଭାରତ ନୁହେଁ, ଆମେରିକା ଭଳି ମହାଶକ୍ତିଶାଳୀ ରାଷ୍ଟ୍ର ପ୍ରତି ବଡ଼ଧରଣର ବିପଦ ସୃଷ୍ଟି ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।**



**ବେଜିଂ:** ଚାଇନା ନିଜର ସୈନିକଙ୍କୁ 'ସୁପର ହ୍ୟୁମାନ' ଭାବେ ଗଢ଼ି ତୋଳିବାକୁ ଯୋଜନା କରୁଛି। ଏହି କାର୍ଯ୍ୟ ପାଇଁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସ୍ଥାନୀୟ ବିଜିଆଇ କମ୍ପାନୀର ସହାୟତା ଲୋଡ଼ିଛି। ବିଜିଆଇର ପ୍ରତିଷ୍ଠିତ ବୈଜ୍ଞାନିକ ଏବଂ ସରକାର ମିଳିତ ଭାବେ ଜିନ୍ ପରିବର୍ତ୍ତନ ସମ୍ପର୍କିତ ଏକ ପ୍ରୋଜେକ୍ଟ ଉପରେ ଗବେଷଣା ଆରମ୍ଭ କରିଛନ୍ତି। ଏଥିଲାଗି ଚାଇନା ୫୨ ଦେଶର ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କ ଜେନେଟିକ୍ ଡାଟା ଚୋରି କରିଛି। ଏବେ ସେଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଗବେଷଣା ଜାରି ରହିଥିବା ଏକ ମିଡିଆ ରିପୋର୍ଟରେ ଦାବି କରାଯାଇଛି। ଏହି ତଥ୍ୟ ସାର୍ବଜନୀନ ହେବା ପରେ ଆମେରିକାର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି।

ବ୍ରିଟେନରୁ ପ୍ରକାଶିତ ସମାଚାର ଏଜେନ୍ସି ରୟଟର୍ସରେ ଗତ ୭ ଜୁଲାଇରେ ପ୍ରକାଶିତ ରିପୋର୍ଟରେ ଏ ନେଇ ଏକ ତଥ୍ୟ ପ୍ରକାଶ ପାଇଥିଲା। ଏଥିରେ ଉଚ୍ଚ ପର୍ବତ କ୍ଷେତ୍ରରେ ମୁତୟନ ଯବାନଙ୍କ ସୁରକ୍ଷା ଲାଗି ଜିନ୍ ଏବଂ ଔଷଧ ମଧ୍ୟରେ ରହିଥିବା ସମ୍ପର୍କ ବିଷୟରେ ଏଥିରେ ଉଲ୍ଲେଖ କରାଯାଇଥିଲା। ଏଥିପୂର୍ବରୁ ଗତ ମାର୍ଚ୍ଚରେ ବାଇଡେନ ପ୍ରଶାସନର ବିଶେଷଜ୍ଞମଣ୍ଡଳୀ ଏ ସମ୍ପର୍କରେ ସତର୍କ କରାଇଥିଲେ। ଚାଇନିଜ୍ କମ୍ପାନୀ ବିଜିଆଇ ଗ୍ରୁପ୍ ମହିଳାଙ୍କ ଜିନୋମିକ୍ ଡାଟାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବିଷୟରେ ଅଧ୍ୟୟନ କରୁଛି। ଚାଇନା ଏଥିରୁ ଆର୍ଥିକ ଏବଂ ସାମରିକ ଲାଭ ଉଠାଇବା ଚକ୍ରାନ୍ତ କରୁଥିବା ସେମାନେ କହିଥିଲେ।

ଏହି ଜୈବିକ ପ୍ରୟୋଗ ଭାରତ ସୀମାନ୍ତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ମୁତୟନ ସୈନିକଙ୍କ ଉପରେ କରାଯାଉଛି। ଡିଏନ୍ଏ ଡାଟା ବିଶ୍ଳେଷଣ ଆଧାରରେ ଚାଇନା ସେନା ଏବଂ ବିଜିଆଇ ଗ୍ରୁପ୍ ସୈନିକଙ୍କ ଜିନ୍‌ଗତ ପରିବର୍ତ୍ତନ କାର୍ଯ୍ୟ ଜାରି ରଖିଛି। କୃତ୍ରିମ ଉପାୟରେ କରାଯାଉଥିବା ଏଭଳି ପରିବର୍ତ୍ତନ ଫଳରେ ଚାଇନିଜ ସୈନିକଙ୍କ ନିକଟରେ ଭୟଙ୍କର ଥଣ୍ଡାରୁ ରକ୍ଷା ପାଇବା ଲାଗି କ୍ଷମତା ସୃଷ୍ଟି ହେବ। ସେହିପରି ଉଚ୍ଚ ପର୍ବତରେ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ସୃଷ୍ଟି ହେଉଥିବା ଶ୍ରବଣଜନିତ ସମସ୍ୟାରୁ ମୁକ୍ତି ମିଳିବ। ଏହାକୁ ବାଦ୍‌ଦେଲେ ସେନାରେ ଦୀର୍ଘଦିନ ଧରି କାର୍ଯ୍ୟ କରିବା ମଧ୍ୟରେ ମାରାତ୍ମକ ରୋଗର ଆଶଙ୍କା ମଧ୍ୟ ହ୍ରାସ ପାଇବ।

ସୂଚନାଯୋଗ୍ୟ, ଗର୍ଭବତୀଙ୍କ ଡାଟା ନନ୍ ଇନ୍‌ଭାସିଭ୍ ଫେଟାଲ ଟ୍ରିଜୋମୀ (ନିଫ୍ଟି) ନାମରେ ପରିଚିତ। ଏଥିରେ ମହିଳାଙ୍କ ବୟସ, ଓଜନ, ଉଚ୍ଚତା, ଜନ୍ମସ୍ଥାନ ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥାଏ। ଏଥିରୁ ପ୍ରାପ୍ତ ତଥ୍ୟର ଏଆଇ ଅନୁଶୀଳନ କରିଆରେ ଗର୍ଭସ୍ଥ ଶିଶୁର ଗୁଣ ବିଷୟରେ ବହୁ ଜରୁରୀ ତଥ୍ୟ ମିଳିଥାଏ। ଏହି ପ୍ରାକ୍ ସୂଚନା ଅନୁଯାୟୀ ଭବିଷ୍ୟତ ପିଢ଼ିର ଶାରୀରିକ ଗୁଣାବଳୀରେ ପରିବର୍ତ୍ତନ କରାଯାଇଥାଏ। ଏହି ପ୍ରୟୋଗ ସଫଳ ହେଲେ ଚାଇନା ସୈନିକମାନେ 'ସୁପର ହ୍ୟୁମାନ୍' ହୋଇଯିବେ। ସେମାନଙ୍କୁ ପ୍ରତିହତ କରିବା ବିଶ୍ୱର ମହାଶକ୍ତିଶାଳୀ ଦେଶଗୁଡ଼ିକ ପକ୍ଷେ ମଧ୍ୟ ଅସମ୍ଭବ ହୋଇପଡ଼ିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ରୋଷେଇଘରେ ଲ୍ୟାଣ୍ଡିଂ କଲେ ସୈନ୍ୟ



**ୱାଶିଂଟନ:** ଆମେରିକାର ଦକ୍ଷିଣ କାଲିଫର୍ନିଆରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ପାରାସୁଟ୍ ଟ୍ରେନିଂ ନେଉଥିବା ଜଣେ ସୈନ୍ୟ ଭୁଲରେ ଏକ ଘରର ଛାତ ଉପରେ ଲ୍ୟାଣ୍ଡିଂ କରିଥିଲେ। ଛାତ ଭାଙ୍ଗିଯିବାରୁ ସୈନ୍ୟ ଜଣକ ସିଧା ପହଞ୍ଚିଥିଲେ ରୋଷେଇ ଘରେ। ନିକଟରେ ଦକ୍ଷିଣ କାଲିଫର୍ନିଆରେ ବ୍ରିଟିଶ ସୈନ୍ୟଙ୍କ ପାରାସୁଟ୍ ଟ୍ରେନିଂ ଚାଲିଥିଲା। ଆକାଶରୁ ଡେଇଁବା ପରେ ସୈନ୍ୟଙ୍କୁ ଏକ ବଡ଼ ପଡ଼ିଆରେ ଓହ୍ଲାଇବାକୁ କୁହାଯାଇଥିଲା। ଜଣେ ସୈନ୍ୟଙ୍କ ପାରାସୁଟ୍ ନ ଖୋଲିବାରୁ ସେ ଏକ ଘରର ଛାତ ଉପରେ ଲ୍ୟାଣ୍ଡିଂ କରିଥିଲେ। ସେହି ସମୟରେ ଛାତ ଭାଙ୍ଗିଯିବାରୁ ସେ ରୋଷେଇ ଘରେ ପଡ଼ିଯାଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଦୁର୍ଘଟଣାରେ ସୈନ୍ୟଙ୍କ ଜୀବନ ବଞ୍ଚିଯିବା କୌଣସି ଚମତ୍କାରଠାରୁ କମ ନୁହେଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



## ଫିଟ୍‌ନେସ୍ ମୁଡ୍‌ରେ ୟାମି

**ମୁମ୍ବାଇ:** ବଲିଉଡ୍ ନାୟିକା ୟାମି ଗୌତମ ବିବାହ ପରଠାରୁ ଚର୍ଚ୍ଚାରେ ଅଛନ୍ତି। 'ଉରି' ଫିଲ୍ମର ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କୁ ବିବାହ କରିଛନ୍ତି। ନିକଟରେ ସେ ମୁମ୍ବାଇ ଫେରିଛନ୍ତି। ମୁମ୍ବାଇ ଆସିବା ପରେ ଏବେ ୟାମି ୱାର୍କ ମୋଡକୁ ଆସି ଅପକମିଂ ମୁଭିର ଶୁଟିଂ ଆରମ୍ଭ କରି ଦେଲେଣି। ଏହାସହ ସେ ତାଙ୍କ ଫିଟ୍‌ନେସ ଉପରେ ଖୁବ୍ ଧ୍ୟାନ ଦେଉଛନ୍ତି। ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ଏହି ନାୟିକା ନିକଟରେ ତାଙ୍କର ଏକ ଫଟୋ ଅପଲୋଡ କରିଛନ୍ତି। ଯେଉଁଥିରେ ସେ ଧ୍ୟାନ ମୁଦ୍ରାରେ ବସିଥିବା ଦେଖାଯାଇଛି। ଘରେ ରହି ସେ ଫିଟ୍‌ନେସ ଉପରେ ଯେ ଧ୍ୟାନ ଦେଉଥିବା ଫଟୋରୁ ଜଣାପଡ଼ିଛି। ୟାମି ଖୁବ୍‌ଶୀଘ୍ର ହରର କମେଡି ଫିଲ୍ମ 'ଭୂତ ପୋଲିସ'ରେ ନଜର ଆସିବେ। ଏହା ୧୭ ସେପ୍ଟେମ୍ବରରେ ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାର ଯୋଜନା ରହିଛି। ପୱନ କୃପଲାନୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ଜ୍ୟାକଲିନ ଫର୍ଣ୍ଣାଡିଜ୍, ଶୈଫ ଅଲି ଖାନ୍ ଓ ଅର୍ଜୁନ କପୁର ବି ମୁଖ୍ୟ ଭୂମିକାରେ ନଜର ଆସିବେ।

## ସୁନୀଲ ସେଟ୍ଟୀଙ୍କ ବିଲ୍ଡିଂ ସିଲ୍

**ମୁମ୍ବାଇ:** ମୁମ୍ବାଇରେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଛି। ବର୍ତ୍ତମାନ ମହାରାଷ୍ଟ୍ର ଓ କେରଳରେ ଅଧିକ କରୋନା ମାମଲା ଚିହ୍ନଟ ହେଉଛି। ଇତିମଧ୍ୟରେ ବଲିଉଡ ଅଭିନେତା ସୁନୀଲ ସେଟ୍ଟୀଙ୍କ ବିଲ୍ଡିଂକୁ ସିଲ୍ କରିଦିଆଯାଇଛି। ମୁମ୍ବାଇର ଅଲ୍ଟାମାଉଣ୍ଟ ରୋଡ ସ୍ଥିତ ପୃଥ୍ୱୀ ଆପାର୍ଟମେଣ୍ଟରେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଏହି ବିଲ୍ଡିଂକୁ ସିଲ କରାଯାଇଛି। ନିୟମ ଅନୁସାରେ କୌଣସି ବିଲ୍ଡିଂରେ ୫ରୁ ଅଧିକ କରୋନା ପଜିଟିଭ ଚିହ୍ନଟ ହେଲେ ତାକୁ ସିଲ୍ କରିବାକୁ ନିର୍ଦ୍ଦେଶ ରହିଛି। ଏହି ବିଲ୍ଡିଂରେ ୩୦ଟି ମହଲା ଓ ୧୨୦ଟି ଫ୍ଲାଟ୍ ରହିଛି। ଏଠାରୁ କେତେକ କରୋନା ମାମଲା ସାମ୍ନାକୁ ଆସିବା ପରେ ବ୍ରିହନ ମୁମ୍ବାଇ ନଗର ନିଗମ(ବିଏମ୍‌ସି) ପକ୍ଷରୁ ଏହି ବିଲ୍ଡିଂକୁ ସିଲ୍ କରିଦିଆଯାଇଛି। ଏଥିସହ ସମସ୍ତ କରୋନା ଆକ୍ରାନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଘୁଙ୍ଗୁଡ଼ି ମାରୁ ନ ଥିବା ବର ଆବଶ୍ୟକ

**ନୂଆଦିଲ୍ଲୀ:** ମନଲାଖି ଜୀବନସାଥୀ ବାଛିବା ଏବେ ବିଭିନ୍ନ ସାଇଟ୍ ଓ ଖବରକାଗଜରେ ବିଜ୍ଞାପନ ବାହାରୁଛି। ତେବେ ଜୀବନସାଥୀ ପାଇବା ପାଇଁ ଜଣେ ମହିଳା ଏଭଳି ଏକ ବିଜ୍ଞାପନ ଦେଇଛନ୍ତି ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମହିଳାଜଣକ ଏଭଳି ଜଣେ ଜୀବନସାଥୀ ଚାହିଁଛନ୍ତି ଯାହାର ଧନସମ୍ପତ୍ତି, ରୂପ ଯୌବନ ସବୁ ତ ଥିବ କିନ୍ତୁ ତା ସହିତ ସବୁଠୁ ବଡ଼ ଆବଶ୍ୟକତା ହେଉଛି ସେହି ଯୁବକ ଆଦୌ ଘୁଙ୍ଗୁଡ଼ି ମାରୁ ନ ଥିବେ କି ଦୁର୍ଗନ୍ଧ ବି ସୃଷ୍ଟି କରୁ ନ ଥିବେ। ଏହି ବିବାହ ବିଜ୍ଞାପନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ବିଜ୍ଞାପନରେ ଜଣେ ଯୁବତୀ ତାଙ୍କ ବିବାହ ନିମନ୍ତେ ଜୀବନସାଥୀ ବାଛିବା ପାଇଁ ବିଜ୍ଞାପନ ଦେଇଛନ୍ତି। ବିଜ୍ଞାପନରେ ସେ ଲେଖିଛନ୍ତି କି ତାଙ୍କ ଜୀବନସାଥୀଙ୍କର ବୟସ ୨୫ ରୁ ୨୮ ବର୍ଷ ହୋଇଥିବ। କିନ୍ତୁ ତାଙ୍କ ବୟସ ୩୦ ବର୍ଷ ବୋଲି ସେ ସୂଚନା ଦେଇଛନ୍ତି। ଏହାବାଦ ସେ ଯାହାକୁ ବିବାହ କରିବେ ସେ ଦେଖିବାକୁ ସୁନ୍ଦର ହୋଇଥିବେ ଏବଂ ତାଙ୍କର ୨୦ ଏକରର ଏକ ଫାର୍ମ ହାଉସ ଥିବ। ଏହା ସହିତ ସେ ଭଲ ଏକ ବ୍ୟବସାୟ କରୁଥିବେ, ରୋଷେଇ କରିବା ଜାଣିଥିବେ। ଏହାବାଦ ସେ କହିଛନ୍ତି କି ସମ୍ପୃକ୍ତ ଯୁବକଜଣକ ଆଦୌ ଘୁଙ୍ଗୁଡି ମାରୁ ନ ଥିବେ କି ଦୁର୍ଗନ୍ଧ ବାୟୁ ଛାଡିବା ପାଇଁ ତାଙ୍କୁ ଅନୁମତି ମିଳିବ ନାହିଁ। ଏସବୁ ସର୍ତ୍ତ ପୂରଣ କରୁଥିଲେ ତାଙ୍କ ସହ ଯୋଗାଯୋଗ କରିବେ। ଏଭଳି ଏକ ବିଜ୍ଞାପନକୁ ପ୍ରଥମେ ଆଦିତି ମିତଲ ହିଁ ଶେୟାର କରିଥିଲେ। ସୂଚନା ଅନୁସାରେ ୧୨ଟି ଖବରକାଗଜରେ ଏହି ବିଜ୍ଞାପନ ଛପାଯାଇଥିଲା। ଯୁବତୀଙ୍କର ଭାଇ ୧୩ ହଜାର ଟଙ୍କା ଖର୍ଚ୍ଚ କରି ଏହି ବିଜ୍ଞାପନ ଛପାଇଥିବା ଜଣାପଡିଛି।



ଅଜବ ବିଜ୍ଞାପନ

MATCH for opiniated feminist. 30+ educated girl, short hair, piercings, works in social sector agnst cap'lism. Wanted h'some, well built, strictly 25-28 yr old only son with estd business, bungalow/ atleast 20 acre farm house. Should know cooking. No farters/ burpers plz. Write to curbyourpatriarchy@gmail.com

## ବିଶ୍ୱର ସବୁଠାରୁ ମହଙ୍ଗା ବର୍ଗର

ମହାମାରୀ ଯୋଗୁ ରେଷ୍ଟୁରାଣ୍ଟ ବ୍ୟବସାୟ ବେଶ ପ୍ରଭାବିତ ହୋଇଥିବା ବେଳେ ଅନେକ ଲୋକ ବେରୋଜଗାର ହୋଇଛନ୍ତି। କିନ୍ତୁ ଏହି ସମୟରେ ବ୍ୟବସାୟକୁ ଆହୁରି ବଢ଼ାଇବା ସହ ରେକର୍ଡ କରିବାକୁ ନେଦରଲାଣ୍ଡର ଏକ ଫୁଡ ଆଉଟଲେଟ ଏକ ନିଆରା ପ୍ରକ୍ରିୟା ଆପଣାଇଛି। ଏହି ଆଉଟଲେଟ୍‌ରେ ଏମିତି ମହଙ୍ଗା ବର୍ଗର ଉପସ୍ଥାପନ କରାଯାଇଛି ଯେ, ଯାହାର ଦାମ ଶୁଣିଲେ ଯେ କେହିବି ଆଶ୍ଚର୍ଯ୍ୟ ହୋଇଯିବେ। ଆଉ ଏହି ବର୍ଗରର ନାଁ ଦକକିଆଯାଇଛି 'ଦ ଗୋଲ୍ଡେନ ବୟ'। ଯାହାର ଦାମ ରହିଛି ୫ହଜାର ପାଉଣ୍ଡ(ପ୍ରାୟ ୪ଲକ୍ଷ ୪୭ହଜାର ଟଙ୍କା)। ଏହି ମୂଲ୍ୟରେ ଏକ ରୋଲେକ୍ସର ଘଣ୍ଟା ଆସିଯିବ। ସୂଚନା ମୁତାବକ ବୁର୍ଥୁଇଜେନ ସହର ସ୍ଥିତ ଫୁଡ ଆଉଟଲେଟ ଡି ଡାଲଟୋନ୍ସର ମାଲିକ ରବର୍ଟ ଜେନ ଡି ବିନ ଏହି ମହଙ୍ଗା ବର୍ଗର ତିଆରି କରିଛନ୍ତି। ଯାହା ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଛୋଟବେଳୁ ହିଁ ରବର୍ଟ ଜେନଙ୍କ ୱାର୍ଲ୍ଡ ରେକର୍ଡ କରିବାର ସ୍ୱପ୍ନ ରହିଥିଲା। ବର୍ତ୍ତମାନ ସାରା ବିଶ୍ୱରେ ତାଙ୍କ ବର୍ଗର ରେକର୍ଡ କରିବା ପରେ ଏହା ଏକ ଅଦ୍ଭୁତ ଅନୁଭୂତି ବୋଲି ସେ କହିଛନ୍ତି।

## ଶୀଘ୍ର ଚାର୍ଜ ସରୁଥିଲେ ହ୍ୟାକିଂ ଆଶଙ୍କା


**ନୂଆଦିଲ୍ଲୀ:** ଡିଜିଟାଲର ଯୁଗରେ ପ୍ରତିଟି କାର୍ଯ୍ୟ ଅନ୍‌ଲାଇନରେ ହେଉଛି। ଘରେ ବସି ସ୍ମାର୍ଟଫୋନ ମାଧ୍ୟମରେ ସହଜରେ ଏହା କରାଯାଇପାରୁଛି। ଯଦି ସ୍ମାର୍ଟଫୋନ୍‌ର ବ୍ୟାଟେରୀ ଏବଂ ଇଣ୍ଟରନେଟ୍ ଡାଟା ଶୀଘ୍ର ସରୁଛି, ଏଥିପ୍ରତି ସତର୍କ ରହିବାର ଆବଶ୍ୟକତା ରହିଛି। ଏଭଳି ସମସ୍ୟା ଉପୁଜିଲେ ଆପଣଙ୍କ ସ୍ମାର୍ଟଫୋନ୍‌କୁ କେହି ହ୍ୟାକିଂ କରୁଥିବା ଆଶଙ୍କା ରହିଥାଏ। କୌଣସି ହ୍ୟାକର ସ୍ମାର୍ଟଫୋନ୍‌ରେ ଥିବା ଗୋପନୀୟ ତଥ୍ୟକୁ ଲିକ୍ କରାଇବାର ପ୍ରୟାସ କରୁଥାଇ ପାରନ୍ତି। ଆମେରିକାର ଏକ କମ୍ପ୍ୟୁଟର ସିକ୍ୟୁରିଟି କମ୍ପାନୀ ଅନୁସାରେ ସ୍ମାର୍ଟଫୋନ୍‌ରେ ଇଣ୍ଟରନେଟ ଡାଟା ଶୀଘ୍ର ସରୁଥିବା ସମସ୍ୟା ଦେଖାଦେଲେ ଏହାର ତୁରନ୍ତ ଯାଞ୍ଚ କରିବା ଆବଶ୍ୟକ। ସେହିପରି କାସ୍ପରସ୍କାଏ କମ୍ପାନୀ ଅନୁସାରେ ହ୍ୟାକ ହୋଇଥିବା ସ୍ମାର୍ଟଫୋନ୍‌ର ପ୍ରୋସେସିଂ ହ୍ୟାକର କରିଥାନ୍ତି। ଫଳରେ ଫୋନ ସ୍ଲୋ ହୋଇଯାଏ। ହ୍ୟାକିଂରୁ ସୁରକ୍ଷିତ ରହିବା ଲାଗି ନିୟମିତ ସ୍କାନିଂ କରିବା ଆବଶ୍ୟକ।

## ମହାରାଷ୍ଟ୍ର, କେରଳରେ ବଢୁଛି ସଂକ୍ରମଣ

**ଦିନକରେ ୩୭,୧୫୪ ଆକ୍ରାନ୍ତ, ୭୨୪ ମୃତ**

ମୁମ୍ବାଇ/ନୂଆଦିଲ୍ଲୀ, ୧୨।୭

ମହାରାଷ୍ଟ୍ର ଏବଂ କେରଳରେ କରୋନା ଭୂତାଣୁର 'ଆର୍' ଫ୍ୟାକ୍ଟର (ସଂକ୍ରମଣ ହାର) ବଢୁଥିବାରୁ ଏହାର ଚିନ୍ତାର କାରଣ ହୋଇଛି। ଏହା ଉକ୍ତ ରାଜ୍ୟରେ ସଂକ୍ରମଣର ଆଉ ଏକ ଲହର ଆଣିବା ଆଶଙ୍କା କରାଯାଉଛି। ଆର୍ ଫ୍ୟାକ୍ଟର ହେଉଛି ଭୂତାଣୁ ସଂକ୍ରମଣକୁ ଚିହ୍ନଟ ଓ ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ଏକ ପରିସଂଖ୍ୟାନ। ଜଣେ ସଂକ୍ରମିତ ବ୍ୟକ୍ତିଙ୍କଠାରୁ କେତେଜଣ ସଂକ୍ରମିତ ହେଉଛନ୍ତି, ତାହା ଆର୍ ଫ୍ୟାକ୍ଟରରେ ମପାଯାଇଥାଏ। ଦେଶରେ ଏବେ ସକ୍ରିୟ ମାମଲା ସଂଖ୍ୟା ପ୍ରାୟ ୪.୫ ଲକ୍ଷ ରହିଛି, ଯାହାକି ମାର୍ଚ୍ଚଠାରୁ ଇତିମଧ୍ୟରେ ସର୍ବନିମ୍ନ। ମହାରାଷ୍ଟ୍ରରେ ରବିବାର ୮,୫୩୫ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୧.୧୯ ଲକ୍ଷରେ ପହଞ୍ଚିଛି। ମେ' ମଧ୍ୟଭାଗରେ ଏହାର ଆର୍ ଫ୍ୟାକ୍ଟର ୦.୭୯ ଥିଲାବେଳେ ମାସ ଶେଷ ବେଳକୁ ୦.୮୪ ଏବଂ ଜୁନ୍ ଶେଷ ସୁଦ୍ଧା ୦.୮୯ରେ ପହଞ୍ଚିଥିଲା। ଏବେ ଆର୍ ଫ୍ୟାକ୍ଟର ୧ ନିକଟବର୍ତ୍ତୀ ହୋଇଛି। ସେହିପରି କେରଳରେ ୧.୧୫ ଲକ୍ଷ ସକ୍ରିୟ ମାମଲା ରହିଥିବାବେଳେ ଆର୍ ଫ୍ୟାକ୍ଟର ୧.୦ ଅତିକ୍ରମ କରିଛି। ସେହିପରି ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ ଆର୍ ଫ୍ୟାକ୍ଟର ଚିନ୍ତାଜନକ ରହିଛି। ମହାରାଷ୍ଟ୍ରରେ ଇତିମଧ୍ୟରେ କଟକଣା ପୁଣି ବଢ଼ାଗଲାଣି। ସଂକ୍ରମଣ ବଢୁଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଟିମ୍ ପଠାଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଡ. ଭାରତୀ ପ୍ରବୀଣ ପାୱାର ସୋମବାର କହିଛନ୍ତି। ଉକ୍ତ ରାଜ୍ୟଗୁଡ଼ିକର ସ୍ଥିତି ଉପରେ କେନ୍ଦ୍ର ସରକାର ନଜର ରଖିଥିବା ସେ ସୂଚନା ଦେଇଛନ୍ତି। ଗତ ୨୪ ଘଣ୍ଟାରେ ଦେଶରେ ୩୭,୧୫୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦିନକରେ ୭୨୪ ଜଣଙ୍କ ଜୀବନ ଯାଇଥିବା ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୦୮,୭୪,୩୭୬ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୪,୦୮,୭୬୪କୁ ବୃଦ୍ଧି ପାଇଛି। ମୋଟ ୩,୦୦,୧୪,୭୧୩ ଜଣ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଦୈନିକ ପଜିଟିଭ୍ ହାର ୨.୫୯% ରହିଛି।




# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସଦ୍ୟୋଜାତ ମହାନ୍ତି (ବବି)**
ପ୍ଲଟ୍ ନଂ.- ଇ-ବି ୫୫୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ରଥପୁରୁଷୋତ୍ତମପୁର, ବଳଙ୍ଗା, ପୁରୀ
ଆବିର୍ଭାବ: ୧୬।୦୯।୧୯୬୫
ତିରୋଧାନ: ୦୪।୦୭।୨୦୨୧
ହୃଦ ଥିଲା ତୁମ ସରଳ, ନିର୍ମଳ କର୍ମେ ଧର୍ମବନ୍ତ ଥିଲା ଆଦର ଶ୍ରଦ୍ଧାରେ ମନ ଜିଣୁଥିଲ ସତ୍ୟମାର୍ଗେ ଚାଲୁଥିଲ । ସବୁ ମୋହ ଛାଡ଼ି ଅବେଳରେ ତୁମେ ଅଫେରା ରାଇଜେ ଗଲ ଚାଲି। ଝୁରୁଛନ୍ତି ଆଜି ପ୍ରିୟ ପରିଜନ ଅପାସୋରା ସ୍ମୃତି ମନେ ପକାଇ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ
ଧ-୨୧୦୭୩

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଘନଶ୍ୟାମ ରାଉଳ**
ସାଇଲୋ, ଝାରପଡ଼ା, କଟକ
ଆବିର୍ଭାବ: ୧୬।୦୮।୧୯୩୩
ତିରୋଧାନ: ୦୩।୦୭।୨୦୨୧
ବାପା ! ହଠାତ୍ ଆପଣ ଆମକୁ ଶୋକସାଗରରେ ଭସାଇ ଚାଲିଗଲେ। ଆପଣଙ୍କର ଅତୀତର ସ୍ମୃତି, ସ୍ନେହ, ଶ୍ରଦ୍ଧା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କର ନିଷ୍ଠା, ଆଦର୍ଶ, ଭଲ ପାଇବା, ସରଳ ଜୀବନ ଓ ମାର୍ଗ ଦର୍ଶନ ସବୁଦିନ ପାଇଁ ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁଥାଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଶୋକସନ୍ତପ୍ତ: ପୁତ୍ର: ପବିତ୍ର, ସଚିତ୍ର, ନକ୍ଷତ୍ର, ପୁତ୍ରବଧୂ: ତନୁଜା, ଜ୍ୟୋତ୍ସ୍ନା, ରଶ୍ମିତା, କନ୍ୟା: ପ୍ରଭାତ ନଳିନୀ, ଜ୍ୱାଇଁ: ଚନ୍ଦ୍ରକାନ୍ତ, ନାତି: ଗେଲୁ, ବବ୍‌ଲୁ, ଗୁଗୁଲୁ, ନାତୁଣୀ: ରୋମୀ, ନିକି, ରୁଚି, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୦୭୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ମାଗୁଣୀ ସ୍ୱାଇଁ**
ସ୍ୱାମୀ: ୰ଭାଗୀରଥି ସ୍ୱାଇଁ
ତମାଣ୍ଡୋ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ। ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ଗୋକୁଳାନନ୍ଦ, ଦୁଃଶାସନ, ରମେଶ, ସୁରେଶ, ପ୍ରକାଶ, ସଂଯୁକ୍ତା, ବାଉରିବନ୍ଧୁ, ଚିତ୍ତରଞ୍ଜନ, ରାକେଶ ଓ ଶୋକସନ୍ତପ୍ତ ସ୍ୱାଇଁ ପରିବାରବର୍ଗ ।
ଧ-୬୦୯୬୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କୃଷ୍ଣପ୍ରସାଦ ସାହୁ**
ଅମରପଡ଼ା, ସିଠାଲୋ, କଟକ
ଆବିର୍ଭାବ: ୨୮।୦୯।୧୯୫୯
ତିରୋଧାନ: ୦୩।୦୭।୨୦୨୧
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା । ତୁମର ଶ୍ରଦ୍ଧା, ସହାନୁଭୂତି ଓ ଗୁରୁଜନ ଭକ୍ତି ଆମ ପାଖରେ ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମା ଚିରଶାନ୍ତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୧୦୭୪



**୰ପ୍ରଫେସର ହରିହର ମିଶ୍ର**
ଦର୍ଶନ ବିଭାଗ, ଅବସରପ୍ରାପ୍ତ ଉପାଧ୍ୟକ୍ଷ, ବିଜେବି କଲେଜ, ଭୁବନେଶ୍ୱର
A-148, ସହିଦ ନଗର, ଭୁବନେଶ୍ୱର
Prof. HARIHARA MISHRA (PHILOSOPHY) ଗତ 10.07.2021 ତାରିଖ ସନ୍ଧ୍ୟା 8.30ରେ 87ବର୍ଷ ବୟସରେ ତାଙ୍କର ସହିଦ ନଗର ସ୍ଥିତ ବାସ ଭବନରେ ହୃଦ୍‌ଘାତରେ ପରଲୋକ ଗମନ କରିଛନ୍ତି। ସେ ଜଣେ ସୁଦକ୍ଷ ପ୍ରାଧ୍ୟାପକ ହିସାବରେ ବହୁ ସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟ କରିଛନ୍ତି। ଦର୍ଶନ ବିଭାଗର ଅଧ୍ୟାପନା କରିବା ସହିତ ସେ ବିଜେବି କଲେଜରେ ଭାଇସ୍ ପ୍ରିନ୍ସିପାଲ୍ ଥିଲେ। ତାଙ୍କ ଲିଖିତ ପୁସ୍ତକ ମଧ୍ୟରୁ PLATO ଅନ୍ୟତମ. ତାଙ୍କର ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାର ସମସ୍ତଙ୍କର ମାର୍ଗଦର୍ଶନ ହେଉ ।
ଧ-୭୦୭୧୮

# ଲୋ ବଜେଟ ୱାଲ୍ ଡେକୋରେଶନ୍



**ଯଦି ଘର ସଜାଇବା ପସନ୍ଦ, ହେଲେ ଏଥିପାଇଁ ଅଧିକ ଅର୍ଥ ବ୍ୟୟ କରିବାକୁ ନ ଚାହାନ୍ତି ତେବେ ଆପଣ ଚାହିଁଲେ ଅଳ୍ପ ଖର୍ଚ୍ଚରେ କେତେକ ସାମଗ୍ରୀ ବ୍ୟବହାର କରି ଏକ କଳାତ୍ମକ ରୂପରେ ୱାଲ୍ ଡେକୋରେଶନ୍ କରିପାରିବେ। ଜାଣି ରଖନ୍ତୁ ଟିପ୍ସ...**

➔ ଘର ସଜାଇବା ଲାଗି ୱାଲ୍ ହ୍ୟାଙ୍ଗିଙ୍ଗ୍ ବିଶେଷ କରି ପେଣ୍ଟିଂ ଏକ ବେଷ୍ଟ ଅପ୍ସନ। ଯଦି ଆପଣ ବି ଏହାକୁ ଲଗାଇବାକୁ ଚାହୁଁଛନ୍ତି ତେବେ କେବଳ ଯେ କୌଣସି ଦାମୀ ପେଣ୍ଟିଂ କିଣିବେ ତା' ନୁହେଁ, ବରଂ ଘରେ ଥିବା ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର୍, କ୍ୟାଲେଣ୍ଡର ଆଦି କାଟି ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ୍ୟ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇ ପାରିବେ। ବିଶେଷ କରି ଲିଭିଂ ଏବଂ ଷ୍ଟଡି ରୁମ୍ ୱାଲ୍ ଡେକୋରେଶନ୍ ଲାଗି ଏସବୁ ବେଶି ସୁନ୍ଦର ଲାଗିଥାଏ।



➔ ସାମାନ୍ୟ ବୁଦ୍ଧି ପ୍ରୟୋଗ କରି ଆପଣ ବ୍ୟବହାର ନ ହେଉଥିବା କୌଣସି ସୁନ୍ଦର କପଡ଼ାକୁ ମଧ୍ୟ ୱାଲ୍ ଡେକୋରେଶନ୍ ଲାଗି ବ୍ୟବହାର କରିପାରିବେ। କପଡ଼ାର ବେସ୍ ରଙ୍ଗ କାନ୍ଥ ରଙ୍ଗ ସହିତ ମ୍ୟାଚ୍ କରୁଥିଲେ ଡିଜାଇନ ଅଧିକ ସୁନ୍ଦର ଏବଂ କଣ୍ଟ୍ରାଷ୍ଟ ଲାଗିବ। ଏହାଦ୍ୱାରା କମ୍ ଖର୍ଚ୍ଚରେ ଆପଣଙ୍କ ଘର ଖୁବ୍ ସୁନ୍ଦର ଲାଗିପାରିବ।

➔ ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ ୱାର୍କ ଉପରେ ଜ୍ଞାନ ଥିଲେ କମ୍ ବଜେଟରେ ଘର ସଜାଇବା ଖୁବ୍ ସହଜ ହେବ। ଆପଣ ଥର୍ମୋକୁଲ୍ କିମ୍ବା ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ୱାଲ୍ ହ୍ୟାଙ୍ଗିଙ୍ଗ ଫ୍ଲାୱାର ଭେସ୍ ପ୍ରସ୍ତୁତ କରି ସେଥିରେ ସୁନ୍ଦର ରଙ୍ଗର ଫୁଲ ରଖି ପାରିବେ। ଏହା ମଧ୍ୟ ଆପଣଙ୍କ ଘରର କାନ୍ଥକୁ ଅଧିକ ସୁନ୍ଦର କରିବ।

➔ ନିଜର ପୁରୁଣା କୌଣସି ସୁନ୍ଦର ଶାଢ଼ି କିମ୍ବା ଏମ୍ବ୍ରଏଡୋରି, ବୁଣା ହୋଇଥିବା କପଡ଼ାକୁ ବଡ଼ ଓ ଲମ୍ବା କାର୍ଡବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇ ପାରିବେ। ବିଶେଷ କରି ଡ୍ରଇଂ ରୁମ୍, ବଡ଼ ହଲ୍ କିମ୍ବା ବାରଣ୍ଡାରେ ଏହାକୁ ଲଗାଇଲେ ରୟାଲ୍ ଲୁକ୍ ମିଳିଥାଏ।

➔ ବର୍ତ୍ତମାନ ୱାଲ୍ ଡେକୋରେଶନ୍ ଲାଗି ଅନେକେ ଟାଇଲ୍ ବ୍ୟବହାର କରୁଛନ୍ତି। ହେଲେ ଏଥିପାଇଁ ଅଧିକ ଖର୍ଚ୍ଚ ହୋଇଥାଏ। ତେଣୁ ଯଦି ଆପଣ ଏଥିପାଇଁ ଇଚ୍ଛୁକ ତେବେ ଏହା ବଦଳରେ କମ୍ ବଜେଟରେ ୱାଲ୍ ପେପର ଲଗାଇ ଘର ଇଣ୍ଟେରିଅର୍ ଲୁକ୍ ସୁନ୍ଦର କରିପାରିବେ।

# ଫ୍ୟାଶନ ମାନିଆ

**ବର୍ତ୍ତମାନ ମହିଳାଙ୍କଠାରେ ଅନ୍ୟଠୁ ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବାକୁ ନେଇ ଚାଲିଛି ଯେମିତି ପ୍ରତିଯୋଗିତା। ବିଶେଷ କରି ସୋସିଆଲ୍ ମିଡିଆ ଏହି କ୍ରେଜ୍‌କୁ ଯେମିତି ନିଆଁରେ ଘିଅ ଢାଳିବା କାର୍ଯ୍ୟ କରୁଛି। ହେଲେ ଏହି ଫ୍ୟାଶନ ମାନିଆ ଅପରପକ୍ଷେ ସେମାନଙ୍କଠାରେ ସାଜୁଛି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ...**



ବର୍ତ୍ତମାନ ଫ୍ୟାଶନ ଟ୍ରେଣ୍ଡ ସହ ଅପ୍‌ଡେଟ୍ ରହିବାର ନିଶା ଅଧିକାଂଶ ମହିଳାଙ୍କଠାରେ ଦେଖିବାକୁ ମିଳୁଛି; ଯେଉଁଥିପାଇଁ ସେମାନେ ନିଜ ଗେଟ୍‌ଅପ୍‌କୁ ଦୁନିଆ ସହ ତାଳ ଦେଇ ବଦଳିବାରେ ଲାଗିଛନ୍ତି। ଭଳିକି ଭଳି ଆଉଟ୍‌ଫିଟ୍ ସାଙ୍ଗକୁ ହେଭି ମେକ୍‌ଅପ୍ ଏବଂ ମ୍ୟାଚିଂ ଆସେସରିଜ୍ ବ୍ୟବହାର ପ୍ରତି ସେମାନଙ୍କ ଆଗ୍ରହ ବଢୁଛି। ହେଲେ ଏସବୁ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଉଥିବା ଦେଖିବାକୁ ମିଳୁଛି ...

**ଭାରି ପଡ଼ିପାରେ ମେକ୍‌ଅପ୍:** କୌଣସି ସ୍ପେଶାଲ୍ ଅବସର ନୁହେଁ ବରଂ ଦୈନନ୍ଦିନ ମେକ୍‌ଅପ୍ ନେବା ଯେମିତି ବର୍ତ୍ତମାନ ଅନେକଙ୍କଠାରେ ଡେଲି ରୁଟିନ୍‌ରେ ସାମିଲ୍ ହୋଇଗଲାଣି। ବିଶେଷ କରି ଏହି କରୋନା କାଳରେ ସୋସିଆଲ୍ ମିଡିଆରେ ଅଧିକ ସମୟ ଆକ୍ଟିଭ୍ ରହୁଥିବା ମହିଳାମାନେ ଅନ୍ୟଠୁ ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବା ନିଶାରେ ଘରେ ମଧ୍ୟ ମେକ୍‌ଅପ୍ ନେବାକୁ ଭୁଲୁ ନାହାନ୍ତି। ଅଧିକ ଗୋରା ଦେଖାଯିବା ଲାଗି ବ୍ୟବହାର କରୁଥିବା ବିଭିନ୍ନ କମ୍ପାନୀର ଫେଆର୍‌ନେସ୍ କ୍ରିମ୍ ଏବଂ ବ୍ଲିଚ୍ ଆଦିରେ ଇନ୍‌ଷ୍ଟାଣ୍ଟ ଫେଆର୍‌ନେସ୍ ଲାଗି ଦିଆଯାଉଥିବା ମର୍‌କ୍ୟୁରୀ, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ତ୍ୱଚା ପାଇଁ ହାନିକାରକ। ଏକ ଗବେଷଣା ରିପୋର୍ଟ ମୁତାବକ କେତେକ ଫେଆର୍‌ନେସ୍ କ୍ରିମ୍‌ରେ ଏକ୍‌ଜିମା ଭଳି ରୋଗର ଔଷଧରେ ବ୍ୟବହୃତ ଷ୍ଟେରଏଡ୍‌ର ଯଥେଷ୍ଟ ଅଧିକ ଗୁଣ ମଧ୍ୟ ବ୍ୟବହାର କରାଯାଉଛି; ଯାହା କି ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ, କଳା ଦାଗ, ଷ୍ଟ୍ରେଚ୍‌ମାର୍କ ଭଳି ସମସ୍ୟା ସୃଷ୍ଟି କରୁଛି।


– ଲିପ୍‌ଷ୍ଟିକ୍‌ରେ ଥିବା ସୀସା ଏବଂ ଅନ୍ୟାନ୍ୟ ହାନିକାରକ କେମିକାଲ୍ସ ଅଜାଣତରେ ଅନେକଙ୍କଠାରେ ସ୍ନାୟୁ ସମସ୍ୟା ଏବଂ ବନ୍ଧ୍ୟାତ୍ୱର ବି କାରଣ ସାଜୁଛି। ସେହିପରି ଅନ୍ୟାନ୍ୟ ସମସ୍ତ ମେକ୍‌ଅପ୍ ସାମଗ୍ରୀରେ ମଧ୍ୟ ବିଭିନ୍ନ ହାନିକାରକ କେମିକାଲ୍ସର ପ୍ରୟୋଗ କରାଯାଉଛି, ଯାହାର ଅଧିକ ବ୍ୟବହାର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି।

– ବର୍ତ୍ତମାନ ଅଧିକାଂଶ ମହିଳା ହେୟାର ଷ୍ଟାଇଲିଂ ଉପରେ ଅଧିକ ଗୁରୁତ୍ୱ କଟିଂ ନୁହେଁ ବରଂ ଷ୍ଟ୍ରେଟ୍‌ନିଂ, କଲରିଂ ପ୍ରତି ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି, ହେଲେ ଏଭଳି ପ୍ରଡକ୍ଟ ବ୍ୟବହାର କରିବା ଦ୍ୱାରା ପରବର୍ତ୍ତୀ ସମୟରେ କେଶ ଝଡ଼ିବା, ପାଚିବା ସହ ଚନ୍ଦାପଣ ଭଳି ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି।

– ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କଲରର ନେଲ୍‌ପେଣ୍ଟ ଲଗାଇବା କିମ୍ବା ଏଥିରେ ଡେକୋରେଟିଭ୍ ନେଲ୍ ଆର୍ଟ ଡିଜାଇନ୍ କରିବା ଏବେ ଏକ ଟ୍ରେଣ୍ଡ ପାଲଟି ଗଲାଣି। ହେଲେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଆଣ୍ଡ ଦି କ୍ୟାନ୍ସର ପ୍ରିଭେନ୍ସନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାଲିଫର୍ନିଆରେ ହୋଇଥିବା ଏକ ଗବେଷଣା ମୁତାବକ କେତେକ ନେଲ୍‌ପଲିସ୍‌ରେ ବ୍ୟବହାର କରାଯାଉଥିବା ଟଲୋୱିନ୍, ଫର୍ମାଲ୍‌ଡିହାଇଡ୍, ଡାଇବୁଟାଇଲ୍ ଥାଲେଟ୍ ଭଳି ତିନୋଟି ବିଷାକ୍ତ ରାସାୟନିକ ରହିଛି, ଯାହା କି କ୍ୟାନ୍ସରର ଆଶଙ୍କା ସୃଷ୍ଟି କରିବା ସହିତ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ କରିଥାଏ।

**ଟାଇଟ୍ ସ୍କିନି ଆଉଟ୍‌ଫିଟ୍ ବଢ଼ାଏ ସମସ୍ୟା:** ସ୍ଲିମ୍ ଫିଗର ବ୍ୟୁଟି ସହ ସ୍ମାର୍ଟ ଲୁକ୍ ବି ଦିଏ। ଆଉ ଏଭଳି ଲୁକ୍ ପାଇବା ନିଶାରେ ବର୍ତ୍ତମାନ ଅଧିକାଂଶ ମହିଳା ଟାଇଟ୍ ସ୍କିନ୍ ଫିଟ୍ ଡ୍ରେସ୍‌କୁ ଅଧିକ ପସନ୍ଦ କରୁଛନ୍ତି। ହେଲେ ଆପଣ ଜାଣନ୍ତି କି ଏଭଳି ଟାଇଟ୍ ଜିନ୍ସ, ଜେଗିଙ୍ଗ୍ସ ହେଉ କିମ୍ବା ଅନ୍ୟାନ୍ୟ ସ୍କିନ୍ ଫିଟ୍ ପୋଷାକ ଦୀର୍ଘ ସମୟ ପିନ୍ଧିବା ଦ୍ୱାରା ଚର୍ମ ଏବଂ ସ୍ନାୟୁ ସଙ୍କୁଚିତ ହୋଇଥାଏ। କେତେକଙ୍କଠାରେ ଏହା ଫଙ୍ଗାଲ ଇନ୍‌ଫେକ୍‌ଶନ୍, ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। କେବଳ ଏତିକି ନୁହେଁ, ସର୍ବଦା ଏଭଳି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବା ଆଶଙ୍କା ମଧ୍ୟ ରହିଛି ବୋଲି ଏକ ଗବେଷଣାରୁ ଜଣାପଡିଛି। ତେଣୁ ଏଭଳି ପୋଷାକ ପିନ୍ଧୁଥିଲେ ସତର୍କ ରୁହନ୍ତୁ।





**ଆସେସରିଜ୍ ବି ହୋଇପାରେ କ୍ଷତିକାରକ:** ଫ୍ୟାଶନ ଦୁନିଆରେ ଅପ୍‌ଡେଟ୍ ରହିବାକୁ ହେଲେ ବିଭିନ୍ନ ପ୍ରକାରର ଆସେସରିଜ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ କେବେ କେବେ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ଏହି ଆସେସରିଜ୍ ବି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟିଥାଏ। ଉଦାହରଣ ସ୍ୱରୂପ ହାଇହିଲକୁ ନେଇପାରିବା। ଏହାକୁ ଅଧିକ ସମୟ ପିନ୍ଧିବା ଦ୍ୱାରା ପାଦର ଅବସ୍ଥିତି ଠିକ୍ ନ ରହିବା ଯୋଗୁ ପାଦରେ ଥିବା ଛୋଟ ଛୋଟ ହାଡ, ସ୍ନାୟୁ ଏବଂ ଶିରାପ୍ରଶିରା ସଙ୍କୁଚିତ ହେବା ସହ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ। କେବଳ ପାଦ ନୁହେଁ ଗୋଇଠି, ଗୋଡ, ଆଣ୍ଠୁ, ଅଣ୍ଟା ଏବଂ ପିଠି ବିନ୍ଧିବା ଭଳି ସମସ୍ୟା ଦେଖାଦିଏ। କେବଳ ହାଇହିଲ୍ ନୁହେଁ, ଅଧିକ ଟାଇଟ୍ ଜୋତା ବ୍ୟବହାର କରିବା ମଧ୍ୟ ସମ୍ପୂର୍ଣ୍ଣ ନିରାପଦ ନୁହେଁ। ତେଣୁ ପାଦକୁ କମ୍ଫର୍ଟେବଲ୍ ଫୁଟ୍‌ୱେର୍ ପିନ୍ଧିବା ପ୍ରତି ଧ୍ୟାନ ଦିଅନ୍ତୁ।

– ଆସେସରିଜ୍‌ରେ ବିଭିନ୍ନ ଡିଜାଇନର୍ ବ୍ୟାଗ୍ ମହିଳାଙ୍କର ପ୍ରଥମ ପସନ୍ଦ। ହେଲେ ଫ୍ୟାଶନ୍ ଆଳରେ ହେଭି ବ୍ୟାଗ୍ ଧରିବା ବି କାନ୍ଧ ଉପରେ ପ୍ରଭାବ ପକାଇଥାଏ। ଫଳରେ ବେକର ଶିରାପ୍ରଶିରା ସଙ୍କୁଚିତ ହେବା ଯୋଗୁ କାନ୍ଧ, ବେକ ଏବଂ ପିଠି ବିନ୍ଧିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ବଡ ବ୍ୟାଗ୍ ପସନ୍ଦ କରୁଥିଲେ ଏହାର ଓଜନ ଯଥାସମ୍ଭବ କମ୍ ରଖନ୍ତୁ।

## କ'ଣ କରନ୍ତି ଏମାନେ...



ପୂର୍ଣ୍ଣିମା




ମୋନାଲିଶା

**ପୂର୍ଣ୍ଣିମା ଭୋଇ** (ଶିକ୍ଷୟିତ୍ରୀ, ତେଲେଙ୍ଗାପେଣ୍ଠ, କଟକ)– ନିଜକୁ ଫ୍ୟାଶନେବଲ୍ ଲୁକ୍ ଦେବାକୁ ସଭିଏ ଚାହାନ୍ତି। ଆଉ ଏଥିପାଇଁ ବିଭିନ୍ନ କସ୍‌ମେଟିକ୍ ବି ବ୍ୟବହାର କରନ୍ତି। ମୁଁ ମଧ୍ୟ ଅନେକ ସମୟରେ ବିଶେଷ କରି କୌଣସି ପାର୍ଟି, ଫଙ୍କସନ୍ ଥିଲେ ଏସବୁ ବ୍ୟବହାର କରେ। ହେଲେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯେପରି ନ ଦେଖାଦିଏ ସେଥିପାଇଁ କେମିକାଲ୍ ଫ୍ରି ହର୍ବାଲ୍ ପ୍ରଡକ୍ଟ ବ୍ୟବହାର କରେ। ସେହିପରି ଡ୍ରେସ୍ ହେଉ କିମ୍ବା ଜୋତା ପିନ୍ଧିବା ବେଳେ ଷ୍ଟାଇଲିସ୍ ଲୁକ୍ ସହିତ କମ୍ଫର୍ଟକୁ ଅଧିକ ଗୁରୁତ୍ୱ ଦେଇଥାଏ।

**ମୋନାଲିଶା କର**(କଟକ)– ମୋ ମତରେ ଆଜିର ଦିନରେ ମଡର୍ନ ଦୁନିଆ ସହ ତାଳ ଦେଇ ଚାଲିବାକୁ ହେଲେ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ସହ ଅପ୍‌ଡେଟ୍ ରହିବା ଦରକାର। ଆଉ ଏମିତିରେ ମେକ୍‌ଅପ୍ ସବୁଠୁ ପ୍ରଥମେ ଆସିବ। ଆଉ ତା' ସହ ପରଫେକ୍ଟ ଆଉଟ୍‌ଫିଟ୍ ଏବଂ ବିଭିନ୍ନ ଆସେସରିଜ୍ ସିଲେକ୍ସନ୍‌ର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ହେଲେ ଆବଶ୍ୟକ ସମୟରେ ଏସବୁ ବ୍ୟବହାର କରିବା ବେଳେ ଯେପରି ଏହାର ନକାରାତ୍ମକ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ନ ପଡ଼େ ସେଥିପ୍ରତି ସର୍ବଦା ସଜାଗ ରହିଥାଏ।

ସୌନ୍ଦର୍ଯ୍ୟ

# ଘରୋଇ ଉପାୟରେ ତ୍ୱଚାର ଯତ୍ନ...



**ସୁନ୍ଦର ଏବଂ ଆକର୍ଷଣୀୟ ଲାଗିବାକୁ ପ୍ରତ୍ୟେକ ନାରୀ ଚାହାନ୍ତି। ହେଲେ ଏଥିପାଇଁ ବିଭିନ୍ନ ମେକ୍‌ଅପ୍ ନେବା କିମ୍ବା ବ୍ୟୁଟିପାର୍ଲର ଯିବା ନିହାତି ଆବଶ୍ୟକ, ଏପରି ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ଆପଣଙ୍କ ଘରେ ଦୈନନ୍ଦିନ ବ୍ୟବହୃତ କେତେକ ସାମଗ୍ରୀରେ ହିଁ ଲୁଚି ରହିଛି ତ୍ୱଚାକୁ ସୁନ୍ଦର କରିବାର ସିକ୍ରେଟ । ଜାଣି ରଖନ୍ତୁ ସେ ସମ୍ପର୍କରେ ଟିପ୍ସ ...**

➤ ମୁହଁରେ ବ୍ରଣ ସମସ୍ୟା ଥିଲେ ମୁଗଡାଲିକୁ ପାଣିରେ ଭିଜାଇ ଗ୍ରାଇଣ୍ଡିଂ କରି ଉକ୍ତ ପେଷ୍ଟକୁ ଲଗାନ୍ତୁ। ୧୦ ମିନିଟ୍ ରଖିବା ପରେ ପାଣିରେ ହାଲ୍‌କା ଘଷି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ମୁଗରେ ଥିବା ଭିଟାମିନ୍ ଏବଂ ପ୍ରୋଟିନ୍ ବ୍ରଣ, ଦାଗ ଆଦି ଦୂର କରିବା ସହ ମୁହଁର ଗ୍ଲୋ ବଢ଼ାଇଥାଏ।

➤ ୨ ଚାମଚ ହଳଦୀ ଗୁଣ୍ଡରେ ଏକ ଚାମଚ ଲେମ୍ବୁ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଡ୍ରାଏ ତ୍ୱଚା ହୋଇଥିଲେ ଏଥିରେ ଏକ ଚାମଚ କାକୁଡ଼ି ରସ ମିଶାନ୍ତୁ। ମୁହଁକୁ ଧୋଇ ହାଲୁକା ପୋଛି ଦିଅନ୍ତୁ ଏବଂ ଏହି ପ୍ୟାକ୍‌କୁ ଲଗାନ୍ତୁ। ୧୫ମିନିଟ୍ ରଖିବା ପରେ ନର୍ମାଲ୍ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ଥର ଏହି ପ୍ୟାକ୍ ଲଗାଇବା ଦ୍ୱାରା ମୁହଁରେ ବ୍ରଣ, ଦାଗ ଆଦି ନ ହେବା ସହ ରଙ୍ଗ ଗୋରା ଏବଂ ଉଜ୍ଜ୍ୱଳ କରାଇଥାଏ।

➤ ୨ ଚାମଚ ବେସନ, ଚିମୁଟାଏ ହଳଦୀ ଗୁଣ୍ଡ, ଆବଶ୍ୟକ ପରିମାଣରେ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଅଧିକ ଡ୍ରାଏ ତ୍ୱଚା ପାଇଁ ଏହି ପ୍ୟାକ୍‌ରେ ଅଧ ଚାମଚ ସର ମିଶାଇ ପାରିବେ। ଏହାକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାଇ ଅଳ୍ପ ଶୁଖିବା ଯାଏ ରଖନ୍ତୁ। ଏହାପରେ ଧୀରେ ଧୀରେ ଅଙ୍ଗୁଳି ଟିପ ସାହାଯ୍ୟରେ ଘଷି ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ଦୁଇଥର ଏହି ପ୍ୟାକ୍ ଲଗାଇଲେ ରଙ୍ଗ ଗୋରା ହେବା ସହ କଳା ଦାଗ, ଟ୍ୟାନିଂ, ରିଙ୍କଲ୍ ମାର୍କ, ବ୍ରଣ ଆଦି ଦୂର ହୋଇଥାଏ।

➤ ଡାର୍କ ସ୍କିନ୍‌ଟୋନ୍‌କୁ ଲାଇଟ୍ କରିବା ପାଇଁ ଖଣ୍ଡେ ପାଚିଲା କଖାରୁକୁ ଗ୍ରାଇଣ୍ଡିଂ କରି ସେଥିରେ ଅଣ୍ଡା, କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ ଖୁବ୍ କମ୍ ଦିନ ମଧ୍ୟରେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ଜାଣି ପାରିବେ।



ଖାଦ୍ୟରୁଚି

# ଟୁଟି ଫ୍ରୁଟି କେକ୍



**ଆବଶ୍ୟକ ସାମଗ୍ରୀ:** ମଇଦା ୨୫୦ଗ୍ରାମ୍, ବେକିଂ ପାଉଡର ୨ ଟିସ୍ପୁନ୍, ଲୁଣ ନ ଥିବା ବଟର ୧୫୦ ଗ୍ରାମ୍, ଚିନି ପାଉଡର ୧୫୦ ଗ୍ରାମ୍, ଅଣ୍ଡା ୪ଟି, ଲେମନ୍ ଏସେନ୍ସ ୬–୭ ବୁନ୍ଦା, ଭ୍ୟାନିଲା ଏସେନ୍ସ ଅଧାଚାମଚ, କ୍ଷୀର ୧୦୦ମିଲି. ଟୁଟି ଫ୍ରୁଟି ୬ ଚାମଚ, ଚେରି ୧୦ଟି, କିସ୍‌ମିସ୍ ୪ ଚାମଚ ଏବଂ ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ଏକ କଡ଼େଇ ଗରମ କରନ୍ତୁ। ଏହା ଭିତରେ ଏକ ଷ୍ଟାଣ୍ଡ ରଖନ୍ତୁ। ଏକ କେକ୍ କଣ୍ଟେନର ନିଅନ୍ତୁ ଏବଂ ସେଥିରେ ଘିଅ କିମ୍ବା ବଟର ଲଗାଇ ଗ୍ରୀସ୍ କରନ୍ତୁ। ଏକ ପାତ୍ରରେ ମଇଦା, ବେକିଂ ପାଉଡର ଏବଂ ଲୁଣ ମିଶାଇ ଛଣି ସାହାଯ୍ୟରେ ଚଲାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଚିନି ପାଉଡର ନେଇ ଭଲ ଭାବେ ମିଶାନ୍ତୁ। ଏଥିରେ ଗୋଟେ ଗୋଟେ ଅଣ୍ଡା ଫଟାଇ ପକାନ୍ତୁ ଏବଂ ଭଲ ଭାବେ ଗୋଳାନ୍ତୁ। ଭଲ ଭାବେ ମିଶିଯିବା ପରେ ଲେମନ ଏସେନ୍ସ ଏବଂ ଭ୍ୟାନିଲା ଏସେନ୍ସ ମିଶାନ୍ତୁ। ଏଥିରେ ପୂର୍ବରୁ ରଖିଥିବା ମଇଦା ମିଶ୍ରଣକୁ ଅଳ୍ପ ଅଳ୍ପ ପକାଇ ଗୋଳାନ୍ତୁ। ସେଥିରେ ଟୁଟିଫ୍ରୁଟି, କିସ୍‌ମିସ୍ ଏବଂ କଟା ଚେରି ପକା ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ କେକ୍ କଣ୍ଟେନରରେ ଢାଳି ଧୀରେ ଧୀରେ ବାଡ଼େଇ ଦିଅନ୍ତୁ ଯେପରି ମିଶ୍ରଣ ସବୁଆଡ଼େ ସମାନ ଭାବେ ରହିବ। ଏହାକୁ ୧୦–୧୫ ମିନିଟ୍ ଚୁଲାରେ ବସିଥିବା ଗରମ କଡ଼େଇ ଭିତରେ ଥିବା ଷ୍ଟାଣ୍ଡରେ ରଖି କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ପ୍ରାୟ ୩୦–୩୫ ମିନିଟ୍ ପରେ ଏକ ଛୁରି ଟୁଥ୍ ପ୍ରିକ୍ ସାହାଯ୍ୟରେ କେକ୍‌କୁ ଫୁଟାଇ ଦେଖନ୍ତୁ। ଯଦି ସେଥିରେ ଅଠାଳିଆ ନ ଲାଗୁଛି ତେବେ କେକ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଯାଇଛି। ଚୁଲାକୁ ବନ୍ଦ କରି କେକ୍ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ନିଜେ ପ୍ରସ୍ତୁତ କରିଥିବା ଏହି ଟେଷ୍ଟି କେକ୍‌କୁ ସମସ୍ତଙ୍କୁ ଖୁଆଇବାର ମଜା ନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୨ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୧୩ ଜୁଲାଇ, ୨୦୨୧ Dhenkanal, Tuesday, July 13/2021






ଇଂଲଣ୍ଡକୁ ପେନାଲ୍ଟି ଶୁଟ୍ ଆଉଟରେ ହରାଇ ୟୁରୋ କପ୍ ଚାମ୍ପିୟନ ଇଟାଲୀ ଦଳ। ରୋମ୍‌ରେ ପ୍ରଶଂସକଙ୍କ ବିଜୟ ଉତ୍ସବ।

## ୩ ଇଭେଣ୍ଟରେ ଭାଗ ନେବେ ପଲକ କୋହଲି

ନୂଆଦିଲ୍ଲୀ, ୧୨।୭ (ପି.ଟି.)

ଆସନ୍ତା ଟୋକିଓ ପାରାଲିମ୍ପିକ୍ସରେ ପଲକ କୋହଲି ପ୍ରଥମ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ୩ ଇଭେଣ୍ଟ ଯଥା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଭାଗ ନେବେ। ଟୋକିଓ ପାରାଲିମ୍ପିକ୍ସ ଅଗଷ୍ଟ ୨୪ରୁ ଆରମ୍ଭ ହେବ। ମହିଳା ସିଙ୍ଗଲ୍ସ (ଏସ୍‌ୟୁ୫) ଓ ମିକ୍ସଡ ଡବଲ୍ସ (ଏସ୍‌ଏଲ୩–ଏସ୍‌ୟୁ୫) ମିକ୍ସଡ ଡବଲ୍ସରେ ଖେଳିବା ଲାଗି ସେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ଠାରୁ ଆମନ୍ତ୍ରଣ ପାଇଛନ୍ତି। ପୂର୍ବରୁ ସେ ମହିଳା ଡବଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିଲେ। ପାରାଲିମ୍ପିକ୍ ଗେମ୍ସରେ ସମସ୍ତ ତିନୋଟି ପାରା ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିବାରେ କୋହଲି ହେଉଛନ୍ତି ପ୍ରଥମ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି। ସୂଚନାଯୋଗ୍ୟ, ଟୋକିଓ ପାରାଲିମ୍ପିକ୍ସରେ ପ୍ରଥମ ଥର ପାରାବ୍ୟାଡମିଣ୍ଟନକୁ ସାମିଲ କରାଯାଇଛି।

# ଇଟାଲୀ ଜିତିଲା ୟୁରୋ କପ୍

ଲଣ୍ଡନ, ୧୨।୭(ଏପି)

ଇଟାଲୀ ୟୁରୋ କପ୍ ଫୁଟବଲ ଚାମ୍ପିୟନ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଏହି ଦଳ ଇଂଲଣ୍ଡକୁ ଶୁଟ୍ ଆଉଟ୍ ୩–୨ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଏବଂ ଅତିରିକ୍ତ ସମୟ ମଧ୍ୟରେ ମ୍ୟାଚ ୧–୧ ସ୍ଥିତିରେ ରହିଥିଲା। ଫଳରେ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଭାଗ୍ୟ ସାଥ୍ ବଳରେ ଏଥିରେ ଇଟାଲୀ ବାଜି ମାରିଥିଲା। ଅନ୍ୟପକ୍ଷରେ ଇଂଲଣ୍ଡର ଟାଇଟଲ ଆଶା ଅଳ୍ପକେ ଅଧୁରା ରହିଯାଇଛି। ଇଟାଲୀ ଗୋଲକିପର ଜିଆନ୍‌ଲୁଗି ଡୋନାରୁମା ଫାଇନାଲର ହିରୋ ସାବ୍ୟସ୍ତ ହୋଇଛନ୍ତି। ଫଳରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଇଂଲଣ୍ଡର ବୁକାୟୋ ସାକାଙ୍କ ଶଟ୍‌କୁ ଡୋନାରୁମା ସେଭ୍ କରିବା ପରେ ୱେମ୍ବଲି ଷ୍ଟାଡିୟମରେ ଇଟାଲୀର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। କିଛି ବର୍ଷ ପୂର୍ବରୁ ଇଟାଲୀ ଏହାର ଫୁଟବଲ ଇତିହାସରେ ସବୁଠାରୁ ଖରାପ ସମୟ ଦେଇ ଗତି କରୁଥିଲା। ଗତ ୬ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ଦଳ ବିଶ୍ୱକପ ଖେଳିବାକୁ ଯୋଗ୍ୟତା ହାସଲ କରିପାରି ନ ଥିଲା। ମାତ୍ର ସେହି ଦଳ ଏବେ ୟୁରୋପରେ ଶ୍ରେଷ୍ଠ ବିବେଚିତ ହୋଇଛି। ଇଂଲଣ୍ଡ ୫୫ ବର୍ଷ ବ୍ୟବଧାନରେ କୌଣସି ବଡ଼ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଶୁଟ୍ ଆଉଟ୍ ପରାଜୟ ଏହାର ପିଛା ଛାଡ଼ିନାହିଁ। ୧୯୯୦, ୧୯୯୬, ୧୯୯୮, ୨୦୦୪, ୨୦୦୬ ଓ ୨୦୧୨ରେ ମଧ୍ୟ ଦଳ ଶୁଟ୍ ଆଉଟ୍‌ରେ ପରାଜିତ ହୋଇଥିଲା।

ଏଥରର ୟୁରୋ ଫାଇନାଲ ଆରମ୍ଭରୁ ରୋମାଞ୍ଚକ ହୋଇଥିଲା। ମ୍ୟାଚର ୨ୟ ମିନିଟରେ ଲ୍ୟୁକ୍ ଶ'ଙ୍କ ଗୋଲ ବଳରେ ଇଂଲଣ୍ଡ ଅଗ୍ରଣୀ ହାସଲ କରିଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ତେବେ ୬୭ତମ ମିନିଟରେ ଇଟାଲୀର ଲିଓନାର୍ଡୋ ବୋନୁଚି ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ସମାନ ସ୍ଥିତିକୁ ଚାଲି ଆସିଥିଲା। ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟରେ ସ୍କୋର ୧–୧ ରହିବାରୁ ପେନାଲ୍ଟି ଶୁଟ୍ ଆଉଟ୍‌ର ରୋମାଞ୍ଚକ କ୍ଷଣ ଆସିଥିଲା। ଏହି ପର୍ଯ୍ୟାୟରେ ଇଟାଲୀ ପକ୍ଷରୁ ଡୋମେନିକୋ ବେରାର୍ଡି, ଲିଓନାର୍ଡୋ ବୋନୁଚି ଓ ଫେଡରିକୋ ବେର୍ନାଡେସ୍କି ଗୋଲ ଦେଇଥିବାବେଳେ ଆନ୍ଦ୍ରିଆ ବେଲୋଟି ଓ ଜର୍ଜ୍ ଲୁଇଜ ଫ୍ରେଲୋଫିଲୋ (ଜର୍ଜିନୋ) ମିସ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ହ୍ୟାରି କେନ୍, ଜ୍ୟାକବ ହ୍ୟାରି ମାଗୁଇରେ ଗୋଲ ଦେଇଥିଲେ, ମାତ୍ର ମାର୍କୁସ ରଶଫୋର୍ଡ, ଜାଡନ ମାଲିକ ସାଞ୍ଚୋ ଓ ବୁକାୟୋ ଆୟୋୟିଙ୍କା ସାକା ଗୋଲ ଦେବାରେ ବିଫଳ ହୋଇଥିଲେ। ଏହାକୁ ମିଶାଇ ଇଟାଲୀ ଦ୍ୱିତୀୟ ଥରପାଇଁ ୟୁରୋ କପ୍ ଚାମ୍ପିୟନ ହୋଇଛି। ପୂର୍ବରୁ ଦଳ ୧୯୬୮ରେ ଟାଇଟଲ ବିଜୟୀ ହୋଇଥିଲା। ୟୁରୋ କପ୍ ଚାମ୍ପିୟନ ଇଟାଲୀ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ରୋମ୍‌ରେ ସେମାନଙ୍କୁ ସ୍ୱାଗତ ପାଇଁ ପ୍ରଶଂସକଙ୍କ ଭିଡ଼ ଲାଗି ରହିଥିଲା।

### ପୁରସ୍କାର

- ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ: ଜିଆନ୍‌ଲୁଗି ଡୋନାରୁମା (ଇଟାଲୀ)
- ଗୋଲ୍ଡେନ ବୁଟ୍: କ୍ରିଷ୍ଟିଆନ ରୋନାଲ୍ଡୋ (ପର୍ତ୍ତୁଗାଲ)
- ଶ୍ରେଷ୍ଠ ଯୁବ ଖେଳାଳି: ପେଡ୍ରୋ ଗୋଞ୍ଜାଲେଜ ଲୋପେଜ (ସ୍ପେନ)

### ପେନାଲ୍ଟି ଶୁଟ୍ ଆଉଟ୍‌ରେ ଇଂଲଣ୍ଡ ପରାସ୍ତ

### ପରିସଂଖ୍ୟାନ

ଏଥର ୟୁରୋକପ୍‌ର ୫୧ ମ୍ୟାଚରେ ୨.୭୮ ଆଭରେଜରେ ମୋଟ ୧୪୨ ଗୋଲ ସ୍କୋର ହୋଇଛି। ୨ ଜଣ ଖେଳାଳି ଚେକ୍ ରିପବ୍ଲିକର ପ୍ୟାଟ୍ରିକ ଶିକ୍ ଏବଂ ପର୍ତ୍ତୁଗାଲର କ୍ରିଷ୍ଟିଆନ ରୋନାଲ୍ଡୋ ୫ଟି ଲେଖାଏ ଗୋଲ ସ୍କୋର କରିଥିଲେ। ତେବେ ରୋନାଲ୍ଡୋ ଗୋଲ୍ଡେନ ବୁଟ୍ ପାଇଥିଲେ। କାରଣ ସେ ୫ ଗୋଲ ଦେବା ସହ ଗୋଟିଏ ଗୋଲ ସ୍କୋର ହେବାରେ ସାଥୀ ଖେଳାଳିଙ୍କୁ ସହାୟତା କରିଥିଲେ। ଏହାକୁ ମିଶାଇ ରୋନାଲ୍ଡୋ (୧୪ ଗୋଲ) ୟୁରୋକପ୍‌ରେ ସର୍ବାଧିକ ଗୋଲ ସ୍କୋରର ହୋଇଯାଇଛନ୍ତି। ପ୍ରତିଯୋଗିତାରେ ଇଟାଲୀ ଓ ସ୍ପେନ ସର୍ବାଧିକ ୧୩ଟି ଲେଖାଏ ଗୋଲ ଦେଇଥିଲେ।

# ଇଂଲଣ୍ଡର ୩ କୃଷ୍ଣକାୟ ଖେଳାଳିଙ୍କୁ ବର୍ଣ୍ଣଗତ ଆକ୍ଷେପ

ଲଣ୍ଡନ, ୧୨।୭ (ଏପି)


ମାର୍କସ ରସଫୋର୍ଡ, ଜାଡନ ସାଞ୍ଚୋ ଓ ବୁକାୟୋ ସାକା।

ଇଟାଲୀ ବିପକ୍ଷ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଫାଇନାଲର ଶୁଟ୍ ଆଉଟ୍ ବେଳେ ପେନାଲ୍ଟି ମିସ୍ କରିଥିବା ଇଂଲଣ୍ଡର ୩ଜଣ କୃଷ୍ଣକାୟ ଖେଳାଳିଙ୍କ ପ୍ରତି ବର୍ଣ୍ଣଗତ ଆକ୍ଷେପକୁ ପ୍ରଧାନମନ୍ତ୍ରୀ ବୋରିସ ଜନସନ ନିନ୍ଦା କରିଛନ୍ତି। ବର୍ଣ୍ଣଗତ ଆକ୍ଷେପ କରିଥିବା ଲୋକମାନେ ନିଜକୁ ଲଜ୍ଜିତ ମନେ କରିବା ଉଚିତ ବୋଲି ଜନସନ ଟୁଇଟ୍ କରିଛନ୍ତି। ମାର୍କସ ରସଫୋର୍ଡଙ୍କ ପେନାଲ୍ଟି ପୋଷ୍ଟକୁ ହିଟ୍ କରିଥିଲା। ବୁକାୟୋ ସାକା ଓ ଜାଡନ ସାଞ୍ଚୋଙ୍କ ସ୍ପଟ କିକ୍‌କୁ ଇଟାଲୀ ଗୋଲକିପର ଅଟକାଇ ଦେଇଥିଲେ। ରବିବାର ଅନୁଷ୍ଠିତ ଏହି ମ୍ୟାଚ ଅତିରିକ୍ତ ସମୟ ଖେଳ ସହ ୧–୧ରେ ଅମୀମାଂସିତ ରହିବାରୁ ଶୁଟ୍ ଆଉଟ୍‌ରେ ଇଟାଲୀ ୩–୨ ଗୋଲରେ ବିଜୟ ଲାଭ କରିଥିଲା। ୧୯ ବର୍ଷୀୟ ସାକା ନିର୍ଣ୍ଣାୟକ ପେନାଲ୍ଟି ମିସ୍ କରିଥିଲେ, ଯାହା ଫଳରେ ଇଟାଲୀ ଟାଇଟଲ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ୧୯୬୬ପରେ ଇଂଲଣ୍ଡ ପ୍ରଥମ ପ୍ରମୁଖ ଅନ୍ତର୍ଜାତୀୟ ଫୁଟ୍‌ବଲ ଟ୍ରଫି ହାସଲ କରିବା ଲାଗି ଯେଉଁ ଆଶା ରଖିଥିଲା ତାହା ଧୂଳିସାତ ହୋଇଗଲା। ଏହା ଏକ ଘୃଣ୍ୟ ଆଚରଣ ବୋଲି ଇଂଲଣ୍ଡ ଫୁଟ୍‌ବଲ ଆସୋସିଏଶନ କହିଛି। ଜାତିଆଣ ଆକ୍ଷେପକୁ ଲଣ୍ଡନ ପୋଲିସ ନିନ୍ଦା କରିବା ସହ ଏହା ଏକପ୍ରକାର ଅପରାଧ ବୋଲି କହିଛି। ଏପରିକି ଘଟଣାର ତଦନ୍ତ କରିବା ଲାଗି ନିଷ୍ପତ୍ତି ନେଇଛି। ଲଣ୍ଡନ ମେୟର ସାଦିକ୍ ଖାଁ ଏଭଳି ଟୁଇଟର ପୋଷ୍ଟ ଉପରେ ଅଙ୍କୁଶ ଲଗାଇବା ସହ ସେଗୁଡ଼ିକୁ ଡିଲିଟ୍ କରାଇବା ବ୍ୟବସ୍ଥା ଲାଗି ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଅନୁରୋଧ କରିଛନ୍ତି।

## ଆଉ ଜଣେ ଜିଆନ୍‌ଲୁଗି

ଲଣ୍ଡନ, ୧୨।୭(ଏପି)



ଇଟାଲୀ ଫୁଟବଲ ଇତିହାସରେ ଜିଆନ୍‌ଲୁଗି ନାମର ମହତ୍ତ୍ୱ ବଢ଼ି ଯାଇଛି। ୧୫ ବର୍ଷ ପୂର୍ବେ ଜିଆନ୍‌ଲୁଗି ବଫନ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଇଟାଲୀକୁ ବିଶ୍ୱକପ ବିଜେତା କରାଇଥିଲେ। ଏବେ ଜିଆନ୍‌ଲୁଗି ଡୋନାରୁମା ସେହି ଶୁଟ୍ ଆଉଟ୍‌ରେ ଚମତ୍କାର ସେଭ୍ କରି ଇଟାଲୀକୁ ୟୁରୋ କପ୍ ଚାମ୍ପିୟନ କରାଇଛନ୍ତି। ୟୁରୋକପ୍–୨୦୨୧ ଫାଇନାଲ ନିର୍ଦ୍ଧାରିତ ଏବଂ ଅତିରିକ୍ତ ସମୟରେ ୧–୧ ଗୋଲରେ ବରାବର ରହିବା ପରେ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଇଟାଲୀ ୩–୨ ଗୋଲରେ ଇଂଲଣ୍ଡକୁ ହରାଇ ଟାଇଟଲ ହାସଲ କରିଛି। "ଆମେ ଆରମ୍ଭରୁ ଗୋଲ ବରଣ କରିଥିଲେ ହେଁ ପୂରା ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିଲୁ। ପେନାଲ୍ଟି ଶୁଟ୍ ଆଉଟ୍‌ରେ ଡୋନାରୁମା ଆମକୁ ବିଜେତା କରାଇଲେ" ବୋଲି ମ୍ୟାଚ ପରେ ଇଟାଲୀ ଅଧିନାୟକ ଜର୍ଜିଓ ଚେଲିନି ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଇତିହାସରେ ଡୋନାରୁମା ପ୍ରଥମ ଗୋଲକିପରଭାବେ ପ୍ଲେୟର ଅଫ୍ ୟୁରୋ ମୋମେଣ୍ଟ ପୁରସ୍କାର ପାଇଥିଲେ। ଡୋନାରୁମା ସେମିଫାଇନାଲରେ ମଧ୍ୟ ସ୍ପେନ୍ ବିପକ୍ଷ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଇଟାଲୀକୁ ବିଜୟୀ କରାଇଥିଲେ।

# ଜାତୀୟ କ୍ରୀଡ଼ା ପୁରସ୍କାର ଚୟନରେ ବିଳମ୍ବ ହେବ

ନୂଆଦିଲ୍ଲୀ, ୧୨।୭(ପି.ଟି.)

### ଆଥଲେଟ୍‌ଙ୍କ ଅଲିମ୍ପିକ୍ସ ପ୍ରଦର୍ଶନ ବିଚାରକୁ ନିଆଯିବ

ଜାତୀୟ କ୍ରୀଡ଼ା ପୁରସ୍କାର ଚୟନରେ ଏଥର ବିଳମ୍ବ ହେବ। ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଟୋକିଓରେ ଅଲିମ୍ପିକ୍ସ ହେବାକୁ ଯାଉଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଅର୍ଥାତ୍ ଅଲିମ୍ପିକ୍ସରେ ଆଥଲେଟ୍‌ଙ୍କ ପ୍ରଦର୍ଶନକୁ ବିଚାରକୁ ନିଆଯିବ। ସେଥିପାଇଁ ବର୍ତ୍ତମାନ ସୁଦ୍ଧା ଚୟନ ପ୍ୟାନେଲ ମଧ୍ୟ ଗଠନ କରାଯାଇ ନାହିଁ। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥାଏ। ତେଣୁ ଅଗଷ୍ଟ ୮ ପରେ ଚୟନ ପ୍ୟାନେଲ ପୁରସ୍କାର ବିଜେତାଙ୍କ ନାମ ପ୍ରକାଶ କରିବେ। ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ନୋମିନେଶନ ହୋଇସାରିଛି। ଏଥିପାଇଁ ତାରିଖ ମଧ୍ୟ ଶେଷ ହୋଇଛି। ତେବେ ସୁପାରିସ ହୋଇଥିବା ଖେଳାଳିଙ୍କ ଅଲିମ୍ପିକ୍ସ ପ୍ରଦର୍ଶନକୁ ମଧ୍ୟ ବିଚାରକୁ ନିଆଯିବ ବୋଲି ଶେଷ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି କ୍ରୀଡ଼ା ମନ୍ତ୍ରଣାଳୟର ଜଣେ କର୍ମକର୍ତ୍ତାଙ୍କ ସୂତ୍ରରୁ ସୂଚନା ମିଳିଛି। ଅଲିମ୍ପିକ୍ ସରିବାର ୧୦ ଦିନ ମଧ୍ୟରେ ଯଦି ଚୟନ ପ୍ୟାନେଲ ଆଥଲେଟ୍‌ଙ୍କ ନାମ ଚୂଡ଼ାନ୍ତ କରି ନ ପାରିବ ତେବେ ପୁରସ୍କାର ବିତରଣ ଉତ୍ସବ ମଧ୍ୟ ବିଳମ୍ବ ହୋଇପାରେ ବୋଲି ପ୍ରକାଶ କରାଯାଇଛି। ଆମେ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବୁ। ଅଲିମ୍ପିକ୍ସ ସରିବା ପରେ ଆଉ ଏକ ବୈଠକ ଅନୁଷ୍ଠିତ ହେବ। ଯଦି ଅଲିମ୍ପିକ୍ସରେ କୌଣସି ଆଥଲେଟ୍ ପଦକ ଜିତିବେ ତେବେ ତାଙ୍କ ନାମ ନିଶ୍ଚିତ ବିଚାରକୁ ନିଆଯିବ ବୋଲି ଉକ୍ତ କର୍ମକର୍ତ୍ତା କହିଛନ୍ତି।

ଟୋକିଓ ଅଲିମ୍ପିକ୍ସରେ ଏଥର ୧୨୦ରୁ ଊର୍ଦ୍ଧ୍ୱ ଭାରତୀୟ ଆଥଲେଟ୍ ପଦକ ପାଇଁ ଲଢ଼େଇ କରିବେ। କୋଭିଡ୍–୧୯ ମହାମାରୀ ପାଇଁ ଏଥର ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି ଏବଂ ବିନା ଦର୍ଶକରେ ଗେମ୍ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ନୋମିନେଶନ ତାରିଖ ଜୁଲାଇ ୫ରୁ ଶେଷ ହୋଇଛି। ମହାମାରୀକୁ ଦୃଷ୍ଟିରେ ରଖି ଆଥଲେଟ୍‌ଙ୍କୁ ନିଜ ନାମ ଅନ୍‌ଲାଇନ୍‌ରେ ସୁପାରିସ ପାଇଁ ଅନୁମତି ଦିଆ ଯାଇଥିଲା। ଜାତୀୟ ଫେଡେରେଶନଗୁଡ଼ିକ ମଧ୍ୟ ସେମାନଙ୍କ ଆଥଲେଟ୍‌ଙ୍କ ନାମ ସୁପାରିସ କରିଛନ୍ତି। ଗତବର୍ଷଠାରୁ ପୁରସ୍କାର ରାଶି ବଢ଼ାଇ ଦିଆଯାଇଛି। ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ପୂର୍ବରୁ ୭.୫ ଲକ୍ଷ ଟଙ୍କା ଦିଆ ଯାଉଥିବାବେଳେ ଏବେ ତାହାକୁ ୨୫ ଲକ୍ଷକୁ ବଢ଼ାଇ ଦିଆଯାଇଛି। ସେହିପରି ଅର୍ଜୁନ ପୁରସ୍କାର ଏବଂ ଦ୍ରୋଣାଚାର୍ଯ୍ୟ (ଲାଇଫ୍‌ଟାଇମ୍) ପୁରସ୍କାର ରାଶିକୁ ରାଶିକୁ ୫ ଲକ୍ଷରୁ ୧୫ ଲକ୍ଷ ଏବଂ ଦ୍ରୋଣାଚାର୍ଯ୍ୟ (ରେଗୁଲାର) ଏବଂ ଧ୍ୟାନଚାନ୍ଦ ପୁରସ୍କାର ରାଶିକୁ ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରାଯାଇଛି। କରୋନା ମହାମାରୀ ପାଇଁ ଗତବର୍ଷ ପୁରସ୍କାର ବିତରଣ ଉତ୍ସବ ଭର୍ଚୁଆଲି ଅନୁଷ୍ଠିତ ହୋଇଥିଲା।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ